# କେନ୍ଦୁପତ୍ର ବ୍ୟବସାୟ ଓ ଓଡ଼ିଶାର ଅର୍ଥନୀତି

କୃଷିପରେ କେନ୍ଦୁପତ୍ର ବ୍ୟବସାୟ ଓଡ଼ିଶାର ସବୁଠାରୁ ବେଶୀ ଲୋକଙ୍କୁ କର୍ମ ନିଯୁକ୍ତି ଦେଉଥିବା ଏକ ଅର୍ଥନୈତିକ କ୍ଷେତ୍ର ଅଟେ । କେନ୍ଦୁପତ୍ର କାରବାରରେ ସଂଶ୍ଳିଷ୍ଟ ଗୋଛା କଟାଳୀ, ଶ୍ରମିକ, ପତ୍ର ତୋଳାଳୀ, ନିୟତକାଳୀନ ଅସ୍ଥାୟୀ କର୍ମଚାରୀ ଓ କେନ୍ଦୁପତ୍ର ବିଭାଗର ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟାକୁ ବିଚାରକୁ ନେଲେ ଏହା ଓଡିଶା ସରକାରଙ୍କ ମୋଟ ସ୍ଥାୟୀ କର୍ମଚାରୀ ସଂଖ୍ୟାର ପ୍ରାୟ ଦୁଇଗୁଣରୁ ଅଧିକ ଅଟେ । ଓଡ଼ିଶାର ୨୩ଟି ଜିଲ୍ଲାରୁ ଆନୁମାନିକ ୬ ଲକ୍ଷ କ୍ୱିଣ୍ଟାଲ ବିକ୍ରିଯୋଗ୍ୟ କେନ୍ଦୁପତ୍ର ୨୦ ଲକ୍ଷରୁ ଉର୍ଦ୍ଧ୍ୱ ପତ୍ର ତୋଳାଳୀଙ୍କ ମାଧ୍ୟମରେ ସଂଗ୍ରହ କରାଯାଇଥାଏ । ବିଶେଷକରି ଓଡ଼ିଶାର ଅନୁନ୍ନତ ଓ ମରୁଡ଼ି ପ୍ରବଣ ପଶ୍ଚିମ ଓ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କରୁ ଅଧିକାଂଶ କେନ୍ଦୁପତ୍ର ସଂଗ୍ରହ କରାଯାଇଥାଏ । ଏହି କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟ ଖରା ମାସଗୁଡ଼ିକରେ ସଂପନ୍ନ କରାଯାଇଥାଏ । ସାଧାରଣ ଭାବେ ଗାଁ ଗଣ୍ଡାର ଲୋକମାନଙ୍କ ପାଖରେ କୌଣସି କାମ ମିଳୁନଥିବା ସମୟରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ରୋଜଗାରର ଏକ ସୁଯୋଗ ଯୋଗାଇଥାଏ ।

ଓଡ଼ିଶା ସରକାରଙ୍କର ସମଗ୍ର ଜଙ୍ଗଲ ରାଜସ୍ୱର ୭୦ ଭାଗ ରାଜସ୍ୱ ଏହି କେନ୍ଦୁପତ୍ର ବ୍ୟବସାୟରୁ ଆସିଥାଏ ଓ ପ୍ରତିବର୍ଷ ଏହି କାରବାରରୁ ରାଜ୍ୟ ସରକାର ପ୍ରାୟ ଶହେକୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆକାରରେ ପାଇଥାନ୍ତି । ଆହୁରି ବିକ୍ରୀକର ବାବଦରେ ମଧ୍ୟ ରାଜ୍ୟ ସରକାର ଏହି ବ୍ୟବସାୟରୁ ୧୦ ରୁ ୧୫ କୋଟି ଟଙ୍କା ପାଇଥାନ୍ତି । ଏହି କେନ୍ଦୁପତ୍ର ବ୍ୟବସାୟରୁ ମୋଟ ଲାଭର ୫୦% ପ୍ରତିଶତ ଟଙ୍କା ରାଜ୍ୟ ସରକାର ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସେହି ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସକାଶେ କେନ୍ଦୁପତ୍ର ଅନୁଦାନ ମାଧ୍ୟମରେ ପ୍ରଦାନ କରିଥାଆନ୍ତି । ଏହି କେନ୍ଦୁପତ୍ର ବ୍ୟବସାୟରୁ ଓଡ଼ିଶାର ପ୍ରାୟ ୨୦ ଲକ୍ଷରୁ ଅଧିକ ଲୋକ (କେନ୍ଦୁପତ୍ର ତୋଳାଳୀ ଓ ଶ୍ରମିକ)ଙ୍କ ପରିବାର ପ୍ରତିପୋଷଣ ପରେ ରାଜ୍ୟ ସରକାର ଶତାଧିକ କୋଟି ଟଙ୍କାର ଲାଭ ପାଉଥିବାରୁ ଓଡ଼ିଶାର ଅର୍ଥନୀତିରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଓଡ଼ିଶା ସରକାରଙ୍କର କେନ୍ଦୁପତ୍ର ବିଭାଗ ଦ୍ୱାରା ସଂଗୃହୀତ କେନ୍ଦୁପତ୍ର ଓ ଏହାର ବିକ୍ରୀ ଗ୍ରାମୀଣ ଲୋକଙ୍କର ଆର୍ଥିକ ଉନ୍ନତିର ମେରୁଦଣ୍ଡ ସଦୃଶ ଅଟେ । ଏହି କେନ୍ଦୁପତ୍ର ସଂଗ୍ରହ ଆମ ରାଜ୍ୟର ୨୩ଟି ଜିଲ୍ଲାର ୧୯ ଗୋଟି କେନ୍ଦୁପତ୍ର ବନଖଣ୍ଡ (ଡିଭିଜନ) ମାଧ୍ୟମରେ କରାଯାଏ । ଏହି କେନ୍ଦୁପତ୍ର ସଂଗ୍ରହ ସାଧାରଣତଃ ଫେବୃୟାରୀରୁ ମେ ମାସ ମଧ୍ୟରେ ସମ୍ପାଦିତ ହୋଇଥାଏ । କିନ୍ତୁ ଏହାପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟକୁ ସୁରୁରୁ ରୂପରେ ସମ୍ପାଦନ କରିବା ପାଇଁ ଏକ କାର୍ଯ୍ୟସୂଚୀ ଖସଡ଼ା କେନ୍ଦୁପତ୍ର ରେଞ୍ଜ ଅନୁଯାୟୀ ରାଜ୍ୟର ୧୯ ଗୋଟି କେନ୍ଦୁପତ୍ର ଡ଼ିଭିଜନ ମାଧ୍ୟମରେ ପ୍ରସ୍ତୁତ କରାଯାଇଥାଏ । ତାହାପରେ ଏହି କାର୍ଯ୍ୟସୂଚୀ ଖସଡ଼ାକୁ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ସମୀକ୍ଷା କଲାପରେ ସେହି ବର୍ଷର କେନ୍ଦୁପତ୍ର କାର୍ଯ୍ୟ କିପରି ସମ୍ପାଦନ ହେବ ତାହା କେନ୍ଦୁପତ୍ର ଡିଏଫ୍‌ଓମାନଙ୍କୁ ଅବଗତ କରାଇଥାନ୍ତି । ତାହାପରେ ପ୍ରତିବର୍ଷ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦୁପତ୍ର କୋଅର୍ଡିନେସନ୍ କମିଟିର ଏକ ସଭା (KLCC Meeting) ଅନୁଷ୍ଠିତ ହୋଇ ସେହି ବର୍ଷ ପାଇଁ ସରକାରଙ୍କ ଦ୍ୱାରା କେନ୍ଦୁପତ୍ରର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ଏହି ସଭାରେ ଚଳିତ ବର୍ଷ ପାଇଁ କେନ୍ଦୁପତ୍ର ଗୋଛାକଟାଳି, କେନ୍ଦୁପତ୍ର ତୋଳାଳୀଙ୍କ ପାରିଶ୍ରମିକ ମୂଲ୍ୟ ଓ ଏହି କାରବାରରେ ସଂଶ୍ଳିଷ୍ଟ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଓ ଖର୍ଚ୍ଚ ଅଟକଳ ନିର୍ଦ୍ଧାରଣ କରାଯାଏ । ପ୍ରତିବର୍ଷ ଏହି କେନ୍ଦୁପତ୍ର କୋଅର୍ଡିନେସନ୍ କମିଟି ମିଟିଙ୍ଗ ଜାନୁୟାରୀ ମାସ ୩୧ ତାରିଖ ପୂର୍ବରୁ ବସିଥାଏ ଏବଂ ସେହି ବର୍ଷର ନିର୍ଦ୍ଧାରଣ ମୂଲ୍ୟ ଦୁଇଟି ଦୈନିକ ଖବରକାଗଜରେ ଓଡ଼ିଆ ଭାଷାରେ ବିଜ୍ଞାପନ ଦିଆଯାଇଥାଏ । ତାହାପରେ ଓଡ଼ିଶାର ୧୯ଗୋଟି କେନ୍ଦୁପତ୍ର ଡ଼ିଭିଜନରେ ରେଞ୍ଜ ଅନୁଯାୟୀ ପ୍ରସ୍ତୁତି କରିଥିବା କାର୍ଯ୍ୟସୂଚୀ ଖସଡ଼ା ଅନୁସାରେ କେନ୍ଦୁଗୋଛା କଟେଇ ଆରମ୍ଭ କରାଯାଇଥାଏ । ଏହି କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟକ୍ରମ ଫେବୃଆରୀ ମାସରୁ ମେ ମାସ ମଧ୍ୟରେ ସମ୍ପାଦନ କରାଯାଇଥାଏ ।

କେନ୍ଦୁପତ୍ର ସଂଗ୍ରହର ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଗୋଛା କଟେଇ । ଗୋଛାକଟେଇ ନହେଲେ ଉନ୍ନତମାନର କେନ୍ଦୁପତ୍ର ମିଳିବ ନାହିଁ । ତେଣୁ କାର୍ଯ୍ୟସୂଚୀ ଖସଡ଼ା ଅନୁଯାୟୀ ଗୋଛା କଟେଇ କେନ୍ଦୁପତ୍ର ସଂଗ୍ରହ କରାଯାଉଥିବା ଫଡି ବା ଗୋଦାମ ଅଞ୍ଚଳରେ କରାଯାଇଥାଏ । କେନ୍ଦୁପତ୍ର ଗୋଛାଗୁଡ଼ିକୁ ଭୂମିତଳରୁ ଏକ ଧାରୁଆ ଫାଉଡାରେ ଏକ ଚୋଟରେ ମାଟିଠାରୁ ଛଅ ଇଞ୍ଚ ଗଭିର ପର୍ଯ୍ୟନ୍ତ କାଟି ଦିଆଯାଇଥାଏ । ଏହାକୁ ଗୋଛା କଟେଇ କୁହାଯାଏ । ଏହି ଗୋଛା କଟେଇ ସମୟରେ କେତେଗୁଡ଼ିଏ ବିଷୟରେ ଧ୍ୟାନ ଦିଆଯାଇଥାଏ । ଯାହାକି ଏକ ଚୋଟରେ ଗୋଛାଟିକୁ କାଟିବା । ଏହା ଫଳରେ କେନ୍ଦୁଗୋଛାର ମୂଳଟି ଫାଟେ ନାହିଁ ଓ ଉତ୍କୃଷ୍ଟମାନର କେନ୍ଦୁପତ୍ର ଉତ୍ପାଦନ ହୋଇଥାଏ । ମାଟିତଳୁ ଛଅ ଇଞ୍ଚ କାଟିବାର ମାନେ କେନ୍ଦୁଗୋଛା କାଟିବା ସମୟରେ କୌଣସି ବୁଦାର ମୂଳଖୁଣ୍ଟି ଗୁଡ଼ିକ ନ ଛାଡ଼ିବା ପାଇଁ ଏହା ଧ୍ୟାନ ଦିଆଯାଇଥାଏ । ଯଦି କୌଣସି

କେନ୍ଦୁଗୋଛାର ମୂଳଖୁଣ୍ଟି ଛାଡି ଦିଆଯାଏ ତାହା ହେଲେ ସେହି ଖୁଣ୍ଟିରେ କୀଟଗୁଡ଼ିକ ରହିଥାନ୍ତି ଏବଂ ପରବର୍ତ୍ତୀ ଦିନମାନଙ୍କରେ ତାହା ସେହି କେନ୍ଦୁଗୋଛା ଓ ପାଖରେ ଥିବା ଅନ୍ୟ କେନ୍ଦୁଗୋଛାଗୁଡ଼ିକୁ ବ୍ୟାପିଯାଇ ଗୋଛାର କଅଁଳୁଥିବା କେନ୍ଦୁପତ୍ରକୁ ଖାଇଯାଇ ଓ ରୋଗିଣା କରି ପକାଏ । ଫଳରେ ବିଡି ଉପଯୋଗୀ କେନ୍ଦୁପତ୍ର ସେହି ଅଞ୍ଚଳରୁ କମିଯାଏ । ଏହି କେନ୍ଦୁପତ୍ର ଗୋଛା କଟେଇ କାର୍ଯ୍ୟ ସ୍ଥାନୀୟ ଫଡି ଅଞ୍ଚଳର ଅର୍ଦ୍ଧକୁଶଳୀ ପୁରୁଷ ଓ ମହିଳା ଶ୍ରମିକମାନଙ୍କ ଦ୍ୱାରା ସମ୍ପାଦନ କରାଯାଇଥାଏ । ସେହିମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ସେହି ଗ୍ରାମରେ ଜଣେ ମୁନ୍‌ସୀକୁ ନିଯୁକ୍ତି ଦିଆଯାଇଥାଏ । ତାହାଛଡ଼ା ବିଭାଗୀୟ କର୍ମଚାରୀମାନେ ସମସ୍ତ ଗୋଛା କଟେଇ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟ ତଦାରଖ କରନ୍ତି ଓ ଯେଉଁଠି କୌଣସି କିଛି ବ୍ୟତିକ୍ରମ ଥାଏ ତାହାକୁ ସଙ୍ଗେ ସଙ୍ଗେ ଠିକ୍ କରିଦିଅନ୍ତି । ଏହି ଗୋଛା କଟେଇ କାର୍ଯ୍ୟ ୩ ରୁ ୪ଟି ପର୍ଯ୍ୟାୟରେ କରାଯାଇଥାଏ । ଏହି କାର୍ଯ୍ୟ ପ୍ରାୟ ୧୦ ରୁ ୧୫ ଦିନ ଧରି ଚାଲିଥାଏ । କାରଣ କେନ୍ଦୁପତ୍ରଗୁଡ଼ିକ ପର୍ଯ୍ୟାୟକ୍ରମେ ପାକଳ ହୋଇଥାଏ ଓ ପତ୍ରତୋଳିବା କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରାଯାଇପାରିଥାଏ । କୌଣସି ରାତିରେ ବର୍ଷା ହୋଇ ମାଟି ଓଦାଥିଲେ ତା ପରଦିନ ସକାଳେ ଗୋଛା କଟେଇ କାମ କରାଯାଏ ନାହିଁ । ଏହି ଗୋଛା କଟେଇ କାର୍ଯ୍ୟରେ ଲାଗୁଥିବା ଶ୍ରମିକଙ୍କୁ ସରକାରଙ୍କର ଦ୍ୱାରା ପ୍ରସ୍ତୁତ ନିର୍ଦ୍ଧାରିତ ହାରରେ ଦୈନିକ ମଜୁରୀ ଦିଆଯାଇଥାଏ । ଏହି ୧୦ ରୁ ୧୫ ଦିନ ଚାଲୁଥିବା ଗୋଛା କଟେଇ କାର୍ଯ୍ୟରେ ସ୍ଥାନୀୟ ଲୋକମାନେ କର୍ମନିଯୁକ୍ତିର ସୁଯୋଗ ପାଇଥାନ୍ତି । ପ୍ରତିବର୍ଷ ସମଗ୍ର ଓଡ଼ିଶାରେ ୧୦ ଲକ୍ଷରୁ ଅଧିକ ଶ୍ରମିକ ଏହି ଗୋଛା କଟେଇ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି ।

ଏହି ଗୋଛାକଟେଇ କାର୍ଯ୍ୟ ଶେଷହେଲା ପରେ ସଂଗୃହୀତ କେନ୍ଦୁପତ୍ରକୁ ରଖିବା ପାଇଁ ଗାଁମାନଙ୍କରେ ଫଡି ବା ଗୋଦାମଘର ତିଆରି ବା ମରାମତି କରାଯାଇଥାଏ । ଏହି ଫଡି ଘରଗୁଡ଼ିକ ସାଧାରଣତଃ ମାଟିକାନ୍ଥ ଓ ନଡା ଛପରରେ ତିଆରି କରାଯାଇଥାଏ । ତେଣୁ ଏହି ଫଡିଘରଗୁଡ଼ିକୁ ତିଆରି କଲାପରେ ବର୍ଷାଋତୁରେ ଭିତରେ ରହୁଥିବା କେନ୍ଦୁପତ୍ରଗୁଡ଼ିକ ପାଣିର ସ୍ପର୍ଶରେ ନ ଆସିବା ପାଇଁ ଏହାର କାନ୍ଥକୁ ଭଲ ଭାବରେ ମାଟିରେ ଲିପାଯାଇଥାଏ ଓ ଉପରୁ ପାଣି ନ ଗଳିବା ପାଇଁ ନଡାର ଛାଉଣୀ ଓ ଛାତ ଭଲ ଭାବରେ ତିଆରି କରାଯାଇଥାଏ । ଏହି ଫଡିଘରେ ଲାଗୁଥିବା ନଡା ଛପର ଓ ବ୍ୟବହୃତ କାଠ ବାଉଁଶ ସାଧାରଣତଃ ପାଖ ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ ଏବଂ ଏହି ଫଡିଘର ତିଆରି ବା ମରାମତି କାର୍ଯ୍ୟ ସେହି ସ୍ଥାନୀୟ ଅଞ୍ଚଳର ଶ୍ରମିକମାନଙ୍କ ଦ୍ୱାରା ହିଁ ସମ୍ପାଦନ କରାଯାଇଥାଏ । ଫଳରେ ଏହି ଫଡି ତିଆରି ଓ ମରାମତିରୁ ମଧ୍ୟ ସ୍ଥାନୀୟ ଲୋକେ କିଛି ଦିନର କର୍ମନିଯୁକ୍ତି ପାଇଥାଆନ୍ତି ।

କେନ୍ଦୁ ଗୋଛା କଟେଇର ଠିକ୍ ୪୫ ରୁ ୫୦ ଦିନ ମଧ୍ୟରେ କେନ୍ଦୁପତ୍ରଗୁଡ଼ିକ ପାକଳ ହୋଇଥାଏ । ତାହାପରେ ଫଡି ସନ୍ନିକଟ ଗାଁର ପୁରୁଷ ଓ ମହିଳାମାନେ ପତ୍ର ତୋଳନ୍ତି ଓ ପତ୍ରଗୁଡ଼ିକୁ ନିଜ ନିଜ ଘରକୁ ନେଇ ୨୦ଟି ଲେଖାଏଁ ପତ୍ରକୁ ଏକାଠି କରି ବିଡ଼ା ବା କେରି ବାନ୍ଧନ୍ତି । ପତ୍ର ତୋଳିବାବେଳେ ବୁଢା, କଅଁଳି, ମାତା, ଫଟା, ଟିକିଲି, ଗର୍ଭସିଝା ପତ୍ରଗୁଡ଼ିକ କେନ୍ଦୁଗୋଛାରୁ ତୋଳାଯାଏ ନାହିଁ । ଯଦି ବି ତୋଳାଯାଏ ତାହାକୁ ବିଡ଼ା ବା କେରୀରେ ଆବରଣ ପତ୍ର ସମେତ ୨୦ଟି ବିଡ଼ି ଉପଯୋଗୀ କେନ୍ଦୁପତ୍ର ବାନ୍ଧିବା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି । ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଏହି ବିଡ଼ା ବା କେରୀଗୁଡ଼ିକୁ ତୋଳାଳୀମାନଙ୍କ ଠାରୁ ଫଡି ବା ଗୋଦାମ ଘରେ ନିଯୁକ୍ତି ପାଇଥିବା ମୁନ୍‌ସୀ ଓ ଚପରାଶୀମାନେ ଭଲଭାବରେ ତଦାରଖ କରି କିଣିଥାଆନ୍ତି । ଚଳିତବର୍ଷ ପ୍ରତିକେରୀର ମୂଲ୍ୟ ୨୧.୫ ପଇସା ନିର୍ଦ୍ଧାରିତ ହୋଇଥିଲା । ଏହି ପତ୍ର ତୋଳାଳୀମାନଙ୍କୁ ଫଡିରେ ପତ୍ର ଦେବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଏକ ତୋଳାଳୀ କାର୍ଡ ପ୍ରଦାନ କରାଯାଇଥାଏ । ଏହି କାର୍ଡରେ ତୋଳାଳୀଙ୍କ ନାମ, ଠିକଣା, ଫଡିର ନାମ, ରେଞ୍ଜର ନାମ ସହିତ ରେଞ୍ଜ ଅଧିକାରୀଙ୍କ ଦସ୍ତଖତ ଓ ମୋହର ମାରି ପ୍ରଦାନ କରାଯାଇଥାଏ । ଏହି ତୋଳାଳୀ ପରିଚୟ କାର୍ଡ ମାଗଣାରେ କେନ୍ଦୁପତ୍ର ବିଭାଗ ତରଫରୁ ତୋଳାଳୀଙ୍କୁ ପ୍ରଦାନ କରାଯାଇଥାଏ । ଏହି କାର୍ଡରେ ତୋଳାଳୀ ତାରିଖ ଅନୁଯାୟୀ ଦେଇଥିବା କେରୀ ସଂଖ୍ୟା, କେରୀ ମୂଲ୍ୟ, ପାଇଥିବା ପ୍ରାପ୍ୟ ଓ ବକେୟା ପ୍ରାପ୍ୟ ଇତ୍ୟାଦି ଲିପିବଦ୍ଧ କରାଯାଇଥାଏ । ଏହାକୁ ମୁନ୍‌ସୀ ପ୍ରତିଦିନ ଫଡିରେ ତୋଳାଳୀମାନେ ସଂଗୃହୀତ କେନ୍ଦୁପତ୍ର ଦେବାକୁ ଆସୁଥିବା ବେଳେ ଲିପିବଦ୍ଧ କରେ । ଏହି କାର୍ଡ ଜଣେ ତୋଳାଳୀକୁ ତାର ପରିଚୟପତ୍ର ଭାବରେ ମଧ୍ୟ ସାହାଯ୍ୟ କରିଥାଏ । ତୋଳାଳୀ ତା'ର ସମସ୍ତ ପ୍ରାପ୍ୟ ପାଇସାରିଲାପରେ ସରକାରଙ୍କ ଠାରୁ ସମସ୍ତ ପ୍ରାପ୍ୟ ବୁଝିପାରିଲି ବୋଲି ବିଭାଗୀୟ କର୍ମଚାରୀମାନେ ତୋଳାଳୀଙ୍କଠାରୁ ଲେଖେଇ ନେଇ ଦସ୍ତଖତ ବା ଟିପଚିହ୍ନ ନେଇ କାର୍ଡଟିକୁ ଫେରସ୍ତ ନିଅନ୍ତି । ସାଧାରଣତଃ ପତ୍ରତୋଳା କାର୍ଯ୍ୟ ଏପ୍ରିଲ ମାସରୁ ମଇ ମାସ ଶେଷ ପର୍ଯ୍ୟନ୍ତ ଚାଲେ । ଫଡିରେ ତୋଳାଳୀମାନେ କଞ୍ଚା କେରୀଗୁଡ଼ିକୁ ୧୦ × ୧୦ କେରୀ (ଏକ ଚଟା) ଭାବେ ଧାଡି ଧାଡି କରି ନିଗିଡ଼ା ଚଟାଣ ଉପରେ ଖରାରେ ଶୁଖାଇଥାଆନ୍ତି । ଏହି ଶୁଖାଇବା ସ୍ଥାନକୁ କେନ୍ଦୁପତ୍ର ଖଳା କହନ୍ତି ଏବଂ ଏହି ଖଳା କେନ୍ଦୁପତ୍ର ଫଡିଘର ପାର୍ଶ୍ୱରେ ହିଁ ଥାଏ । ଏହି କେରୀ ଶୁଖାଯିବାର ଚତୁର୍ଥ ଦିନ ଏହାକୁ ଓଲଟା ଯାଏ କିମ୍ବା ପାର୍ଶ୍ୱ ପରିବର୍ତ୍ତନ କରାଯାଏ । ଏହିପରି ୭ ଦିନ ପର୍ଯ୍ୟନ୍ତ କେରୀଗୁଡ଼ିକୁ ଖଳାରେ ଶୁଖାଯାଇଥାଏ । ଯଦି ଏହି ଦିନଗୁଡ଼ିକରେ ବର୍ଷା ହୁଏ ତାହାହେଲେ କେରୀଗୁଡ଼ିକରୁ ପାଣି ଝଡେଇ କରାଯାଏ । ତାହାପରେ କେରୀଗୁଡ଼ିକ ଉପଯୁକ୍ତ ଭାବରେ ଶୁଖିଲାପରେ ସକାଳେ ୭ଟା ପୂର୍ବରୁ ଓ ସନ୍ଧ୍ୟାରେ ୫ଟା ପରେ ସେଗୁଡ଼ିକୁ ଗୋଟେଇ ଯତ୍ନ ସହକାରେ ରଖି ଫଡିଘରକୁ

ନିଆଯାଏ । କାରଣ ଖରା ସମୟରେ ଏହା କଲେ କେରୀର ପତ୍ରଗୁଡ଼ିକ ଫାଟି ନଷ୍ଟ ହୋଇଯାଏ । ଫଡି ଘରେ ଭୂମି ପତ୍ତନରୁ ୧.୫ ଫୁଟ ଉଚ୍ଚରେ ତିଆରି କରାଯାଇଥିବା ମଞ୍ଚ ଉପରେ କେରୀଗୁଡ଼ିକୁ ଥାପି ମାରି ସଜାଇ ରଖାଯାଏ । ଏହାକୁ ଥାପି ରଚେଇ କୁହାଯାଏ । ବର୍ଷାରେ ମାଡ ଖାଇଥିବା କେରୀଗୁଡ଼ିକୁ ଅଲଗା ଭାବରେ ଥାପି ମାରି ରଖାଯାଏ । ତାହାପରେ ସେହି ଫଡି ଅଞ୍ଚଳର କେନ୍ଦୁପତ୍ର ବୁଦାମାନଙ୍କରୁ ପତ୍ର ତୋଳା ସରିଲାପରେ ଓ ବର୍ଷାଋତୁ ଆଗମନର ଯଥେଷ୍ଟ ପୂର୍ବରୁ ସେହି ଫଡିଘରଗୁଡ଼ିକରେ ଥାପି ମରାଯାଉଥିବା କେରୀଗୁଡ଼ିକ ଉପରେ ଶୁଖିଲା ପତ୍ର, ନଡା ଓ ପଳାଶ ଡାଳରେ ଘୋଡାଇ ଦିଆଯାଇ ମାଟି ଦେଇ ଫଡିଘରର ମୁହଁ ବା ଦ୍ୱାରକୁ ସିଲ୍ ବା ବନ୍ଦ କରିଦିଆଯାଏ । ଫଡି ଘରଗୁଡ଼ିକରେ କେରୀଗୁଡ଼ିକ ଥାପି ମାରିବା ସମୟରେ ଯେପରି କେରୀଗୁଡ଼ିକ କାନ୍ଥରେ ଲାଗିନଯାଏ କିମ୍ବା ଜଳ କଣାର ସଂସ୍ପର୍ଶରେ ଆସି ଫିମ୍ପି ମାରିନଯାଏ ତାହା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ ।

ଏହାପରେ ପତ୍ରବନ୍ଧେଇ କାର୍ଯ୍ୟକୁଶଳୀ ବନ୍ଧେଇ ଶ୍ରମିକଙ୍କ ଦ୍ୱାରା ଆରମ୍ଭ କରାଯାଏ । ଏହି ବନ୍ଧେଇ ଶ୍ରମିକମାନେ ପତ୍ରଗୁଡ଼ିକର ମାନ ଅନୁଯାୟୀ କେରୀରୁ ପତ୍ରଗୁଡ଼ିକୁ ବାହାର କରି ଛଟେଇ ବା ସର୍ଟିଂ କରିଥାଆନ୍ତି ଓ ଛଟେଇ ପତ୍ରଗୁଡ଼ିକ ମୁଲାମ୍ ଅଖାପାଲ ବା ଓଦା ଅଖାରେ ଘୋଡେଇ ରଖି ମୁଲାମ୍ କଲା ପରେ ପତ୍ରଗୁଡ଼ିକର ମାନ ଅନୁଯାୟୀ ଶିଆଳି ପଟରେ ବାନ୍ଧି ପ୍ରେସିଂ ଖୁଣ୍ଟି ସାହାଯ୍ୟରେ ୫ କିଲୋଗ୍ରାମ ଓଜନ ବିଶିଷ୍ଟ କେନ୍ଦୁପତ୍ର ବିଡ଼ା ବାନ୍ଧନ୍ତି । ତାହାପରେ ୧୨ଟି କେନ୍ଦୁପତ୍ର ବିଡ଼ାକୁ ଏକାଠି କରି ଗୋଟିଏ ବସ୍ତାରେ ଅଖାପାଲ ସାହାଯ୍ୟରେ ଭର୍ତ୍ତି କରନ୍ତି । ଗୋଟିଏ ବସ୍ତାରେ ଓଜନ ୬୦ କିଲୋଗ୍ରାମ ହୋଇଥାଏ । ତାହାପରେ ସେହି ଫଡିର ସମସ୍ତ କେରୀଗୁଡ଼ିକରୁ ପତ୍ର ଛଟେଇ କରି ବିଡାବାନ୍ଧି ବସ୍ତାରେ ଭର୍ତ୍ତିକରି ଯେତେ ବସ୍ତା ବନ୍ଧାଯାଇଥାଏ ତାହାକୁ ସ୍ଥାନୀୟ କେନ୍ଦ୍ରୀୟ ଗୋଦାମରୁ ଅଣାଯାଇ ରଖାଯାଏ ।

ଆମ ରାଜ୍ୟରେ କେନ୍ଦୁପତ୍ର ସଂଗ୍ରହ ସାଧାରଣତଃ ଦୁଇପ୍ରକାରର ପ୍ରଣାଳୀ କରାଯାଇଥାଏ । ପ୍ରଥମଟି ପ୍ରୋସେସ୍ ପ୍ରଣାଳୀ । ଏହି ପ୍ରୋସେସ୍ ପ୍ରଣାଳୀ ଓଡ଼ିଶାର ଜୟପୁର, ନବରଙ୍ଗପୁର ଓ ଖରିଆର ଡିଭିଜନରୁ କେତେ ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ସବୁ ଡିଭିଜନଗୁଡ଼ିକରେ କରାଯାଇଥାଏ । ପ୍ରୋସେସ୍ ପ୍ରଣାଳୀରେ ସଂଗୃହୀତ ହୋଇଥିବା କେନ୍ଦୁପତ୍ର ପାଇଁ ଓଡ଼ିଶାର କେନ୍ଦୁପତ୍ରର ମାନ ବା କ୍ୱାଲିଟି ଭାରତ ବର୍ଷରେ ପ୍ରସିଦ୍ଧ ଲାଭ କରିଅଛି । ପ୍ରୋସେସ୍ ପ୍ରଣାଳୀରେ କେନ୍ଦୁପତ୍ର ସଂଗ୍ରହ କରାଯାଉଥିବା ପ୍ରକ୍ରିୟା ଗୁଡ଼ିକ ହେଲା– ଗୋଛା କଟେଇ, ଫଡି ମରାମତି, ପତ୍ରକିଣା, ପତ୍ର ଶୁଖାଇ ଥାପି ମାରି ଫଡିଘର ଭିତରେ ସାଇତି ରଖିବା, ପତ୍ର ଛଟେଇ କରିବା, ବସ୍ତାରେ ଭର୍ତ୍ତି କରିବା, ଭର୍ତ୍ତି ବସ୍ତାଗୁଡ଼ିକୁ କେନ୍ଦ୍ରୀୟ ଗୋଦାମରେ ଉପଯୁକ୍ତ ଭାବରେ ସାଇତି ରଖିବା ।

ଦ୍ୱିତୀୟରେ ଫାଲ୍ ପ୍ରଣାଳୀରେ କେନ୍ଦୁପତ୍ର ସଂଗ୍ରହ କରାଯାଉଥିବା ପ୍ରଣାଳୀଗୁଡ଼ିକ ହେଲା :– ଗୋଛା କଟେଇ, ପତ୍ରକିଣା, ପତ୍ର ଶୁଖାଇ ବସ୍ତାରେ ସାଇଜ୍ ଭାବରେ ଭର୍ତ୍ତି କରି କେନ୍ଦ୍ରୀୟ ଗୋଦାମ୍‌କୁ ଆଣି ସାଇତି ରଖିବା । ଏଠାରେ ମନେ ରଖିବାକୁ ହେବଯେ, ପ୍ରୋସେସ୍ ପ୍ରଣାଳୀରେ କେରୀପ୍ରତି ୨୦ଟି ବିଡ଼ି ଉପଯୋଗୀ କେନ୍ଦୁପତ୍ର ସରକାର ସଂଗ୍ରହ କରୁଥିବା ବେଳେ ଫାଲ୍ ପ୍ରଣାଳୀରେ କେରୀପ୍ରତି ୪୦ଟି ବିଡି ଉପଯୋଗୀ କେନ୍ଦୁପତ୍ର ସଂଗ୍ରହ କରିଥାଆନ୍ତି ।

ପ୍ରୋସେସ୍ ପ୍ରଣାଳୀରେ କେନ୍ଦୁପତ୍ର ସଂଗ୍ରହ ହୋଇ କେନ୍ଦ୍ରୀୟ ଗୋଦାମକୁ ଅଣାହେଲାପରେ ସେଠାରେ(ପ୍ରତି ୧୦୦ ବସ୍ତାରେ କେନ୍ଦୁପତ୍ରକୁ) ଲଟ୍ ପ୍ରସ୍ତୁତ କରାହୁଏ । ଅପରପକ୍ଷରେ ଫାଲ୍ ପ୍ରଣାଳୀରେ (ପ୍ରତି ୧୦୦୦ ବସ୍ତାରେ) ଫଡି ବା ଗୋଦାମ ଘର ଅଞ୍ଚଳରେ ସଂଗୃହୀତ କେନ୍ଦୁପତ୍ର ଅନୁଯାୟୀ ଲଟ୍ ପ୍ରସ୍ତୁତ କରାଯାଇଥାଏ । ଏହି ଲଟ୍ ତିଆରି ପ୍ରକ୍ରିୟା ଓଡ଼ିଶା ବନ ଉନ୍ନୟନ ନିଗମ (OFDC) ପତ୍ରର ମାନ ଅନୁଯାୟୀ ପ୍ରସ୍ତୁତ କରିଥାଏ । ବନ ଉନ୍ନୟନ ନିଗମ ଏକମାତ୍ର ଅନୁଷ୍ଠାନ ଯିଏକି କେନ୍ଦୁପତ୍ରର ବିକ୍ରୀ ବଟା ସମ୍ବନ୍ଧରେ ବୁଝନ୍ତି । ଏହି ଲଟ୍‌ଗୁଡ଼ିକ ବିକ୍ରୀ କରିବା ପାଇଁ ଦୈନିକ ଖବରକାଗଜଗୁଡ଼ିକ ମାଧ୍ୟମରେ ବିଜ୍ଞାପନ ଦେଇ ଟେଣ୍ଡର ଆହ୍ୱାନ କରାଯାଇଥାଏ । ଏହି ଟେଣ୍ଡରରେ କେନ୍ଦୁପତ୍ରର ମାନ ଅନୁଯାୟୀ ବନ ଉନ୍ନୟନ ନିଗମ କେନ୍ଦୁପତ୍ର ଡିଏଫ୍‌ଓମାନଙ୍କ ଉପସ୍ଥିତିରେ ଅଫ୍‌ସେଟ୍ ବିକ୍ରି ମୂଲ୍ୟ ପୈଠ କଲାପରେ କେନ୍ଦୁପତ୍ର ଲଟ୍‌ଗୁଡ଼ିକ ହସ୍ତାନ୍ତର କରାଯାଏ । ଏହିପରି ଭାବରେ କେନ୍ଦୁପତ୍ର ବ୍ୟବସାୟ ଓ ପ୍ରକ୍ରିୟାକରଣଗୁଡ଼ିକ ଶେଷ ହୁଏ ।

ଏହାପରେ ବନ ଉନ୍ନୟନ ନିଗମ ତାର କମିଶନ ଓ ଅନ୍ୟାନ୍ୟ ଖର୍ଚ୍ଚ କାଟି ନେଲାପରେ ରାଜ୍ୟରେ ବିକ୍ରୀ ହୋଇଥିବା ସମସ୍ତ କେନ୍ଦୁପତ୍ର ବ୍ୟବସାୟରୁ ଓଡ଼ିଶା ସରକାରଙ୍କୁ ନିଟ୍ ରାଜସ୍ୱ ଦେଇଥାଏ । ଏଠାରେ ସ୍ମରଣ କରେଇ ଦିଆଯାଉଛି ଯେ, ତତ୍‌କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ କେନ୍ଦୁପତ୍ର ବ୍ୟବସାୟକୁ ଜାତୀୟକରଣର ମର୍ଯ୍ୟାଦା ଦେଇଥିଲେ । ହେଲେ ୧୯୭୩ ମସିହାରୁ କେନ୍ଦୁପତ୍ରକୁ ଓଡ଼ିଶା ସରକାର ଏକ ଜାତୀୟକରଣ ବ୍ୟବସାୟ ରୂପେ ପରିଚିତ କରାଇ ଏହି ବ୍ୟବସାୟକୁ ଓଡ଼ିଶା ବନ ବିଭାଗର କେନ୍ଦୁପତ୍ର ୱିଙ୍ଗ୍‌କୁ ସମର୍ପିତ କରିଥିଲେ । ଏହି କେନ୍ଦୁପତ୍ର ବ୍ୟବସାୟ ଜାତୀୟକରଣ ହେଲା ଦିନଠାରୁ ଆଜି ପର୍ଯ୍ୟନ୍ତ ବିଗତ ୩୨ ବର୍ଷ ହେଲା କୌଣସି କ୍ଷତି ସହିନାହିଁ । ବରଂ ରାଜସ୍ୱ ପରିମାଣ କେଉଁ ବର୍ଷ ବଢିଛି ତ କେଉଁ ବର୍ଷ କମିଛି । କିନ୍ତୁ ଗତ କେତେବର୍ଷ ହେଲା ଓଡ଼ିଶା ସରକାର ଓ କେନ୍ଦୁପତ୍ର ବିଭାଗର କେତେକ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଦାୟୀତ୍ୱହୀନତା ଯୋଗୁଁ ଏହାର ରାଜସ୍ୱ ଅଭିବୃଦ୍ଧିରେ ବାଧା ଉପୁଜିଛି । ରାଜସ୍ୱ

ଅଭିବୃଦ୍ଧିର ବାଧାକୁ ଯଦି ତୃଣମୂଳସ୍ତରରୁ ସମୀକ୍ଷା କରାଯାଏ ତାହାହେଲେ ପ୍ରତି ସୋପାନରେ ବିଭାଗୀୟ କର୍ମଚ୍ଚାରୀମାନଙ୍କର ଭୁଲହିଁ ରହିଛି । ଯଥା, ଶହେକୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ଦେଉଥିବା ଏହି ବ୍ୟବସାୟରେ ସଂପୃକ୍ତ ଲକ୍ଷ ଲକ୍ଷ ଶ୍ରମିକ, ତୋଳାଳୀ ଓ ସିଜିନାଲ୍ କର୍ମଚ୍ଚାରୀଙ୍କର ପାଉଣା ଠିକ୍ ସମୟରେ ଦିଆଯାଏନାହିଁ । ଏମାନଙ୍କୁ ଅବହେଳିତ କରାଯାଏ । ଫଳସ୍ୱରୂପ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହି ବ୍ୟବସାୟରେ ସଂପୃକ୍ତ ଶ୍ରମିକ, ତୋଳାଳୀ ଏବଂ ସିଜିନାଲ କର୍ମଚ୍ଚାରୀମାନେ ଏହି ଅବହେଳାର ଶିକାର



ହୋଇ କେନ୍ଦୁପତ୍ର ବ୍ୟବସାୟରେ ସଂପୃକ୍ତ ହେବା ପାଇଁ ମନ ବଳାଇ ନାହାନ୍ତି । ଫଳରେ କେନ୍ଦୁପତ୍ରର ସଂଗ୍ରହରେ ବାଧା ଉପୁଜିଛି । ଏହାପାଇଁ ସରକାର ସଂପୃକ୍ତ ଶ୍ରମିକମାନଙ୍କୁ ଦାୟୀ କରୁଛନ୍ତି । ଆଜି ସରକାର ଜୟପୁର, ନବରଙ୍ଗପୁର ଓ ଖରିଆର ଡିଭିଜନ୍‌ରେ ଫାଲ୍ ପ୍ରଣାଳୀରେ ପ୍ରସ୍ତୁତ ବସ୍ତାଗୁଡ଼ିକ ବିକ୍ରୀ ନହେବାର କାରଣ ଦର୍ଶାଉଛନ୍ତି ଯେ ତୋଳାଳୀମାନେ ଖରାପମାନର ପତ୍ର ସଂଗ୍ରହ କରିଛନ୍ତି । ଯଦି କରିଛନ୍ତି, ବିଭାଗୀୟ କର୍ମଚ୍ଚାରୀ ପତ୍ରର ମାନ ତଦାରଖ କରିନଥିଲେ କାହିଁକି ? ୨୦୦୫ ମସିହାରେ ସରକାର ଗୋଛାକଟେଇ ଶ୍ରମଦିବସକୁ ୨୦% କମେଇ ଦେଇ ଯେଉଁ ଅଧିକ କ୍ୱିଣ୍ଟାଲ କେନ୍ଦୁପତ୍ର ଡିଭିଜନମାନଙ୍କରୁ ସଂଗ୍ରହ କରିବା ପାଇଁ ଧାର୍ଯ୍ୟ କରିଛନ୍ତି, ତାହା ସମ୍ଭବ କି ? ନିଜେ ଏହି ବିଭାଗୀୟ ଅଫିସଗୁଡ଼ିକ ସମୀକ୍ଷା କରିବା ଉଚିତ୍ ।

ଗତ ୨୦୦୫ କେନ୍ଦୁପତ୍ର ସିଜନ୍ ବର୍ଷରେ ସରକାର ୩.୯୨ ଲକ୍ଷ କ୍ୱିଣ୍ଟାଲ କେନ୍ଦୁପତ୍ର ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଏହାଦ୍ୱାରା ୯.୯୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯିବ । ଖରାର ଉତ୍ତପ୍ତ ଦିନଗୁଡ଼ିକରେ ଖାଲି ପାଦରେ ଚ୍ଚାଲି ଚ୍ଚାଲି ବହୁତ କଷ୍ଟରେ ପତ୍ର ସଂଗ୍ରହ କରୁଥିବା ତୋଳାଳୀମାନଙ୍କୁ ଏବର୍ଷ ସରକାର ୭,୦୩,୭୩୬ ହଳ ଚପଲ ଯୋଗାଇ ଦେଇଛନ୍ତି ।

ଏହି କେନ୍ଦୁପତ୍ର ବ୍ୟବସାୟରୁ କେନ୍ଦୁପତ୍ର ଗୋଛା କଟାଳୀଙ୍କ ଠାରୁ ଆରମ୍ଭ କରି ଓଡ଼ିଶା ସରକାର କିପରି ଭାବରେ ରାଜସ୍ୱ ପାଆନ୍ତି ତାହା ନିମ୍ନରେ ଦିଆଗଲା । କେନ୍ଦୁପତ୍ର ବ୍ୟବସାୟରୁ କେବଳ ଯେ ସରକାର ରାଜସ୍ୱ ପାଆନ୍ତି ତାହା ନୁହେଁ ପ୍ରଚଣ୍ଡ ଖରାଦିନେ ଲୋକଙ୍କ ପାଖରେ କୌଣସି କାମଧନ୍ଦା ନଥିବା ବେଳେ ଗରୀବ ଶ୍ରେଣୀର ଲୋକେ କେନ୍ଦୁ ଗୋଛା କାଟି, ପତ୍ରତୋଳି, ଫଡି ମରାମତି ଓ ତିଆରି କରି କର୍ମନିଯୁକ୍ତି ହୋଇ ରୋଜଗାର କରିଥାଆନ୍ତି । ତାପରେ କୁଶଳୀ ବନ୍ଧେଇ ଶ୍ରମିକମାନେ ପତ୍ରର ବିଡା ପ୍ରସ୍ତୁତ କରି ତାଙ୍କର କର୍ମନିଯୁକ୍ତି ସୃଷ୍ଟି କରନ୍ତି । ଏହାପରେ ଫଡି ବା ଗୋଦାମଘରରୁ କେନ୍ଦୁପତ୍ର ଭର୍ତ୍ତି ବସ୍ତାଗୁଡ଼ିକ କେନ୍ଦ୍ରୀୟ ଗୋଦାମକୁ ଶଗଡ଼ ଗାଡି ବା ଟ୍ରାକ୍ଟର ସାହାଯ୍ୟରେ ଅଣା ହୋଇଥାଏ । ଏଥିରେ ମଧ୍ୟ କିଛି ଲୋକ କର୍ମନିଯୁକ୍ତି ପାଇଥାଆନ୍ତି । ଏହି କେନ୍ଦୁପତ୍ର ବ୍ୟବସାୟରୁ ସରକାର ଯେତିକି ରାଜସ୍ୱ ପାଆନ୍ତି ତା ଠାରୁ ଅଧିକ କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ନିୟୋଜିତ ଗରୀବ ଆଦିବାସୀ ଲୋକମାନଙ୍କର ଆର୍ଥିକ ଉନ୍ନତି ହୋଇଥାଏ । କେନ୍ଦୁପତ୍ର ସଂଗ୍ରହ ଓ ବ୍ୟବସାୟର ପ୍ରଧାନ ଆଭିମୁଖ୍ୟ କେବଳ ରାଜସ୍ୱ ଅର୍ଜନ ନୁହେଁ । ଏହାର ପ୍ରଧାନ ଆଭିମୁଖ୍ୟ ହେଲା, ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ଗରୀବ ଓ ଆଦିମାସୀମାନଙ୍କର ଆର୍ଥିକ ଉନ୍ନତି ଘଟାଇବା ଓ ପ୍ରଚଣ୍ଡ ଗ୍ରୀଷ୍ମ କାଳରେ ଗାଁ ଗଣ୍ଡାରେ ଅନ୍ୟ କାମ ନଥିବା ବେଳେ କେନ୍ଦୁପତ୍ର ସଂଗ୍ରହର କାର୍ଯ୍ୟକ୍ରମଗୁଡ଼ିକରେ ସେମାନଙ୍କୁ କାମ ଯୋଗାଇ ଦେଇ ସେମାନଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ।

ଓଡ଼ିଶା କେନ୍ଦୁପତ୍ର ବ୍ୟବସାୟ ଓଡ଼ିଶା ବନ ବିଭାଗର କେନ୍ଦୁପତ୍ର ୱିଙ୍ଗ୍ ମାଧ୍ୟମରେ କରାଯାଇଥାଏ । ଏହି କେନ୍ଦୁପତ୍ର ବ୍ୟବସାୟ କେନ୍ଦୁପତ୍ର ବିଭାଗର ୨୩୦୦ ଜଣ ବିଭାଗୀୟ କର୍ମଚ୍ଚାରୀ ଏବଂ ୧୦,୦୦୦ରୁ ଉର୍ଦ୍ଧ୍ୱ ସିଜିନାଲ କର୍ମଚ୍ଚାରୀଙ୍କ ମାଧ୍ୟମରେ ସୂଚ୍ଚାରୁ ରୂପେ ସମ୍ପାଦିତ ହୋଇଥାଏ । ଏହି ବ୍ୟବସାୟରୁ ଓଡ଼ିଶା ସରକାର ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ପାଉଥିବାବେଳେ ଏବର୍ଷ କେନ୍ଦୁପତ୍ର ତୋଳାଳୀଙ୍କୁ ହଳେ ଲେଖାଏଁ ଚପଲ ପ୍ରଦାନ କରିବା ସ୍ୱାଗତଯୋଗ୍ୟ । ପରବର୍ତ୍ତୀ ବର୍ଷମାନଙ୍କରେ ଓଡ଼ିଶା ସରକାର କେନ୍ଦୁପତ୍ର ବ୍ୟବସାୟ ପ୍ରତି ସ୍ୱତନ୍ତ୍ର ନଜର ଦେଇ ଏହି ବ୍ୟବସାୟକୁ କିଭଳି ଅଧିକ ବୃଦ୍ଧି କରାଯାଇପାରିବ, ସେଥିପ୍ରତି ଦୃଷ୍ଟିଦେଲେ ବୋଧହୁଏ ଓଡ଼ିଶାରେ ଗରୀବ ଓ ଆଦିବାସୀଙ୍କର ଆର୍ଥିକ ମାନଦଣ୍ଡରେ ଆହୁରି ଟିକିଏ ଉନ୍ନତି ହେବ ବୋଲି ଆଶା ।

ବିକାଶ ରଞ୍ଜନ କର
ରାମନଗର ପଡ଼ା, ଭବାନୀପାଟଣା-୧

▣

*ଏହି ନିବନ୍ଧରେ ପ୍ରକାଶିତ ତଥ୍ୟ ଓ ମତାମତ ଲେଖକଙ୍କର ନିଜସ୍ୱ*

# ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ

ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକୁ ସଂଗ୍ରହ ପରେ ଏହା ଖାଦ୍ୟ ଅଥବା ବ୍ୟବହାରଯୋଗ୍ୟ କରିବା ନିମନ୍ତେ ପ୍ରକ୍ରିୟାକରଣର ଆବଶ୍ୟକତା ହୋଇଥାଏ । ସ୍ଥଳବିଶେଷରେ ଏହି ସଂଗୃହୀତ ଦ୍ରବ୍ୟଗୁଡ଼ିକ ଅଧିକ ସମୟ ଧରି ସୁରକ୍ଷିତ ଭାବରେ ରଖାଯିବା ନିମନ୍ତେ ଅଥବା ଦ୍ରବ୍ୟର ରଙ୍ଗ, ଆକାର ତଥା ପ୍ରଭାବକାରୀ ତତ୍ତ୍ୱର ବୃଦ୍ଧି ବା ସଂରକ୍ଷଣ ନିମନ୍ତେ ପ୍ରକ୍ରିୟାକରଣ କରାଯାଇଥାଏ । ଏହି ପ୍ରକ୍ରିୟାକରଣ ସମ୍ବନ୍ଧରେ ସଠିକ୍ ଜ୍ଞାନ ନଥିଲେ ଦ୍ରବ୍ୟ ଗୁଣମାନ ପ୍ରଭାବିତ ହୋଇଥାଏ ଏବଂ ସମୟ ସମୟରେ ଏହା ବ୍ୟବହାର ଉପଯୋଗୀ ହୋଇପାରିନଥାଏ । ପ୍ରକ୍ରିୟାକରଣ ପୂର୍ବରୁ ଦ୍ରବ୍ୟ ସଂଗ୍ରହ ସମୟରେ ସଂଗ୍ରହସ୍ଥଳ, ସଂଗ୍ରହ ସମୟ, ପରିସ୍ଥିତି, ବୃକ୍ଷର କେଉଁଭାଗ କେତେ ପରିମାଣରେ ସଂଗ୍ରହ କରାଗଲେ ଏହା ବ୍ୟବହାର ଉପଯୋଗୀ ହୋଇପାରିବ, ସେଥି ନିମନ୍ତେ ଧ୍ୟାନ ଦେବାକୁ ପଡିଥାଏ ।

ସାଧାରଣତଃ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣକୁ ତିନିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା ;

କ) ପ୍ରାଥମିକ ପ୍ରକ୍ରିୟାକରଣ
ଖ) ମଧ୍ୟମ ପ୍ରକ୍ରିୟାକରଣ ଏବଂ
ଗ) ଉନ୍ନତ ବା ଉଚ୍ଚମାନର ପ୍ରକ୍ରିୟାକରଣ

### କ) ପ୍ରାଥମିକ ପ୍ରକ୍ରିୟାକରଣ

ପ୍ରାଥମିକ ପ୍ରକ୍ରିୟାକରଣ କହିଲେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହପରେ ସାମାନ୍ୟ ପ୍ରକ୍ରିୟାକରଣକୁ ବୁଝାଏ , ଏହି ଧରଣର ପ୍ରକ୍ରିୟାକରଣରେ କୌଣସି ବୈଷୟିକ ଜ୍ଞାନ କୌଶଳ ଅଥବା ପାଣ୍ଠି ବିନିଯୋଗର ଆବଶ୍ୟକତା ପଡିନଥାଏ । ସଂଗ୍ରହକାରୀମାନେ ବ୍ୟବହାର ପୂର୍ବରୁ ନିଜେ ଏହି ପ୍ରକ୍ରିୟାକରଣ କରିଥାଆନ୍ତି । ମୂଳକୁ ଧୋଇବା, ଦ୍ରବ୍ୟକୁ ଶୁଖାଇବା, ଚୋପା ଓ ମଞ୍ଜି ଆଦି ଛଡାଇବା, ଦ୍ରବ୍ୟଗୁଡ଼ିକର ନଷ୍ଟ ହୋଇଯାଇଥିବା ବା ଖରାପଦ୍ରବ୍ୟଗୁଡ଼ିକୁ ବାଛି ଅଲଗା କରିବା ଇତ୍ୟାଦି ପ୍ରାଥମିକ ପ୍ରକ୍ରିୟାକରଣର ଅନ୍ତର୍ଭୁକ୍ତ ପ୍ରତ୍ୟେକ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ ପରେ ବ୍ୟବହାର କରିବା ପୂର୍ବରୁ ପ୍ରାଥମିକ ପ୍ରକ୍ରିୟାକରଣ କରିବା ଆବଶ୍ୟକ ହୋଇଥାଏ ।

### ମଧ୍ୟମ ପ୍ରକ୍ରିୟାକରଣ

ଏହି ଧରଣର ପ୍ରକ୍ରିୟାକରଣ ନିମନ୍ତେ ସାମାନ୍ୟ ଜ୍ଞାନ କୌଶଳ ଏବଂ ପାଣ୍ଠି ବିନିଯୋଗର ଆବଶ୍ୟକତା ହୋଇଥାଏ । ମେସିନ୍ ସାହାଯ୍ୟରେ ତେନ୍ତୁଳିର ମଞ୍ଜି ଛଡାଇବା, ନିମ୍ବ ମଞ୍ଜି ବାହାର କରିବା, ଆମ୍ବ ଟାକୁଆରୁ କୋଇଲି ବାହାର କରିବା, ବାହାଡା ଓ ହରିଡା ଆଦିକୁ ଛୋଟ ଛୋଟ ଖଣ୍ଡ କରିବା, ଅଁଳାକୁ ଶିଝାଇବା ଇତ୍ୟାଦି ଏହି ପ୍ରକ୍ରିୟାକରଣର ଅନ୍ତର୍ଭୁକ୍ତ ।

### ଉନ୍ନତ ବା ଉଚ୍ଚମାନର ପ୍ରକ୍ରିୟାକରଣ

ଉନ୍ନତ ବା ଉଚ୍ଚମାନର ପ୍ରକ୍ରିୟାକରଣ ନିମନ୍ତେ ଅଧିକ ଅର୍ଥ ବିନିଯୋଗ ହୋଇଥାଏ । ଏହାଛଡା ଏଥି ନିମନ୍ତେ ଉନ୍ନତ ଜ୍ଞାନ କୌଶଳ ଓ ଯନ୍ତ୍ରପାତିର ଆବଶ୍ୟକତା ହୋଇଥାଏ । ସ୍ଥଳବିଶେଷରେ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ମଧ୍ୟ ଏହି ଧରଣ ପ୍ରକ୍ରିୟାକରଣରେ ବ୍ୟବହୃତ ହୋଇଥାଏ । ଏହି ଧରଣର ପ୍ରକ୍ରିୟାକରଣ ପରେ ସଂଗୃହୀତ ଦ୍ରବ୍ୟ ଆକାର, ରଙ୍ଗ, ଗୁଣ, ମାନ ଆଦିରେ ପ୍ରଭୂତ ପରିବର୍ତ୍ତନ ଘଟିଥାଏ । ସୁଗନ୍ଧିତ ତୈଳ ସଂଗ୍ରହ, ଦ୍ରବ୍ୟକୁ ପାଉଡର ଭଳି ଗୁଣ୍ଡ କରିବା, କାଗଜ ପ୍ରସ୍ତୁତି,ସ୍କ୍ୱାସ୍, ଜାମ୍, ଜେଲି, ମୁରବା ଆଦି ପ୍ରସ୍ତୁତି ଉନ୍ନତ ପ୍ରକ୍ରିୟାକରଣର ଉଦାହରଣ ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପୂର୍ବରୁ ଅନେକ ଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ । ଏଗୁଡ଼ିକ ହେଲା ;

- ପ୍ରକ୍ରିୟାକରଣ ସମୟରେ ମାନବସମ୍ବଳର ବିନିଯୋଗ ଓ ସହଜରେ ବିକ୍ରି ହୋଇପାରୁଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ପ୍ରାଥମିକତା ଦେବା
- ଲଘୁ ବନଜାତ ଦ୍ରବର ଗୁଣବତ୍ତା, ବଜାର ଓ ସ୍ଥାନୀୟ ବ୍ୟବହାରକୁ ଆଖି ଆଗରେ ରଖି ପ୍ରାଥମିକ ପ୍ରକ୍ରିୟାକରଣକୁ ପ୍ରାଧାନ୍ୟ ଦେବା
- ବନଜାତ ଦ୍ରବ୍ୟର ପ୍ରକୃତ /ସ୍ୱରୂପକୁ ଆଖି ଆଗରେ ରଖି ଏହାର ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତିର ସୁକ୍ଷମ ଉପଲବ୍ଧତା ଉପରେ ଦୃଷ୍ଟି ଦେବା ।
- ପ୍ରକ୍ରିୟାକରଣ ନିମନ୍ତେ ସଂଗ୍ରହ ପ୍ରଣାଳୀ ଏବଂ ସଂଗ୍ରହ ପୂର୍ବରୁ ତାର ସଠିକ୍ ଆରହଣର ସମସ୍ତ ଜ୍ଞାନ କୌଶଳର ଏକ ସୁନିଶ୍ଚିତ ପଦ୍ଧତି ନିର୍ଦ୍ଧାରଣ କରିବା ଯଥା କିଣିବା ଓ ବିକିବା ନିମନ୍ତେ ସ୍ଥାନ ନିର୍ଦ୍ଧାରଣ, ଗୋଦାମଘର ନିର୍ଦ୍ଧାରଣ, ପରିବହନ ଓ ପୁଞ୍ଜିର ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ଆବଶ୍ୟକୀୟ ପ୍ରସ୍ତୁତି ଇତ୍ୟାଦି ।
- ପ୍ରକ୍ରିୟାକରଣ ନିମନ୍ତେ ଆବଶ୍ୟକୀୟ ବନଜାତ ଦ୍ରବ୍ୟ ଗ୍ରାମ ସ୍ତରରେ କିମ୍ବା ଆଞ୍ଚଳିକ ସ୍ତରରେ ଉପଲବ୍ଧ ଥିବା ଆବଶ୍ୟକ ।
- ସମସ୍ତ ପ୍ରକ୍ରିୟାକରଣ ଆଞ୍ଚଳିକ କିମ୍ବା ଜାତୀୟ ନୀତିନିୟମକୁ ଅନୁସରଣ କରୁଥିବା ଆବଶ୍ୟକ ।
- ଅମଳ ବା ସଂଗୃହୀତ ସମସ୍ତ ଅଣକାଷ୍ଠ

ବନଜାତ ଦ୍ରବ୍ୟ/ଔଷଧୀୟ ବୃକ୍ଷ/ବୃକ୍ଷଜାତ ଔଷଧଗୁଡ଼ିକ ପ୍ରକ୍ରିୟାକରଣ ସ୍ଥଳରେ ପହଞ୍ଚିବା ସଙ୍ଗେ ସଙ୍ଗେ ଓହ୍ଲାଇଦେଇ ଖୋଲିଦେବା ଆବଶ୍ୟକ

- ଆବଶ୍ୟକତା ନଥିଲେ ଖୋଲା ଜିନିଷଗୁଡ଼ିକୁ ପ୍ରକ୍ରିୟାକରଣ ପୂର୍ବରୁ ସିଧାସଳଖ ସୂର୍ଯ୍ୟକିରଣରେ ରଖିବା



ଅନୁଚିତ । ଏହି ଦ୍ରବ୍ୟଗୁଡ଼ିକ ଯେପରି ବର୍ଷାରେ ଓଦା ହୋଇନଯାଏ, ସେଥିପ୍ରତି ଦୃଷ୍ଟିଦେବା ନିତାନ୍ତ ଜରୁରୀ

ଅଣକାଷ୍ଠ ବନଜାତ ଦ୍ରବ୍ୟ/ଔଷଧୀୟ ବୃକ୍ଷର ପ୍ରକ୍ରିୟାକରଣରେ ସାଧାରଣତଃ ନିମ୍ନଲିଖିତ ପ୍ରକ୍ରିୟାକରଣଗୁଡ଼ିକ କରାଯାଇଥାଏ ।

କ) ସଫା କରିବା, ଶୁଖାଇବା ଓ ଖରାପ ଦ୍ରବ୍ୟଗୁଡ଼ିକୁ ଭଲଦ୍ରବ୍ୟରୁ ଅଲଗା କରିବା । ଏହି ପ୍ରକ୍ରିୟାରେ ଆକାର, ଓଜନ, ନଷ୍ଟ ହେବା ସମୟକୁ ଆଧାର କରି ଦ୍ରବ୍ୟଗୁଡ଼ିକୁ ଅଲଗା ଅଲଗା କରି ପାଣିରେ ଧୋଇ ଶୁଖା ଯାଇଥାଏ । କିଛି ଦ୍ରବ୍ୟର ଚୋପା ଛଡାଇବାକୁ ହୋଇଥାଏ । ରଙ୍ଗ, ଆକାର, ଗନ୍ଧ ଓ ପୋକ କାଟିବାକୁ ଆଧାର କରି ଦ୍ରବ୍ୟଗୁଡ଼ିକ ଅଲଗା କରି ରଖାଯାଇଥାଏ । କିଛି ଦ୍ରବ୍ୟକୁ ସୂର୍ଯ୍ୟକିରଣରେ ବା ଛାଇରେ ଶୁଖାଇ, ଗରମ ପବନ ଦେଇ କିମ୍ବା ଶୀତଳ ଭଣ୍ଡାରରେ ରଖି ଏଥିରେ ଥିବା ଆର୍ଦ୍ରତାକୁ ନିୟନ୍ତ୍ରଣ କରାଯାଇଥାଏ । ଦ୍ରବ୍ୟଗୁଡ଼ିକୁ ଗୁଣ୍ଡ କରିବା ନିମନ୍ତେ କ୍ରସର, ଗ୍ରାଇଣ୍ଡର ହେମରମିଲ ଆଦି ଯନ୍ତ୍ରର ସାହାଯ୍ୟ ନେବାକୁ ହୋଇଥାଏ । ଦ୍ରବ୍ୟଗୁଡ଼ିକୁ କୀଟାଣୁ ପ୍ରଭାବରୁ ମୁକ୍ତ କରିବା ନିମନ୍ତେ କିଛି ସମୟ ପାଇଁ ଉଚ୍ଚ ତାପରେ ରଖି ଅଧିକ ସମୟ ପର୍ଯ୍ୟନ୍ତ ସାଧାରଣ ତାପମାନରେ ରଖାଯାଇଥାଏ । ଘଣା କିମ୍ବା କଳ ସାହାଯ୍ୟରେ ତେଲ ନିଷ୍କାସନ କରାଯାଏ । ଏହି ଉପାୟରେ ଖାଦ୍ୟ ଏବଂ ଅଖାଦ୍ୟ ତୈଳକୁ ଅଲଗା ଅଲଗା ମଧ୍ୟ କରାଯାଇଥାଏ ।

ଖ) ଯେଉଁ ଅଣକାଷ୍ଠ ବନଜାତ ଦ୍ରବ୍ୟ/ବୃକ୍ଷଜାତ ଔଷଧର କୌଣସି ଅଂଶ ପାଣିରେ, ଦ୍ରବୀଭୂତ ହୋଇଯାଏ ସେଗୁଡ଼ିକର ସାରତତ୍ତ୍ୱ ଜଳ/ବାଷ୍ପ ସାହାଯ୍ୟରେ ବାହାର କରାଯାଇଥାଏ ।

ଗ) ସଲ୍‌ଭେଣ୍ଟ ଏକସ୍‌ଟ୍ରାକ୍‌ସନ୍ ଏହି ପ୍ରକ୍ରିୟାଦ୍ୱାରା ଇଥର, ହେକ୍ସେନ୍, ଆଲ୍‌କୋହଲ ଇତ୍ୟାଦିକୁ ସଲ୍‌ଭେଣ୍ଟ ଏକସ୍‌ଟ୍ରାକ୍‌ସନ୍ ପ୍ଲାଣ୍ଟରେ ପ୍ରୟୋଗ କରାଯାଇଥାଏ । ଏହି ପ୍ରକ୍ରିୟାରେ କଞ୍ଚା ବନଜାତ ପଦାର୍ଥରେ ରହିଥିବା ଅଳ୍ପମାତ୍ରାର ତୈଳ ନିଷ୍କାସନ ନିମନ୍ତେ ପ୍ରାୟତଃ ଏହି ପ୍ରକାର ଯନ୍ତ୍ରପାତି ବ୍ୟବହାର କରାଯାଇଥାଏ ।

ଘ) ଉଚ୍ଚ ଶ୍ରେଣୀର ସୁଗନ୍ଧିତ ତୈଳ ନିଷ୍କାସନ କରାଯିବା ନିମନ୍ତେ ତରଳପଦାର୍ଥକୁ ବ୍ୟବହାର କରାଯାଏ ।

କ) ସଂଗ୍ରହ କରିବା ପରେ ଅପମିଶ୍ରତ କିମ୍ବା ଅଦରକାରୀ ତତ୍ତ୍ୱଗୁଡ଼ିକୁ ସଂଗୃହୀତ ଦ୍ରବ୍ୟରୁ ଅଲଗା କରିବା ନିମନ୍ତେ ପାଣିରେ ଧୋଇ ସଫା କରିବାକୁ ପଡିଥାଏ । ପ୍ରାୟ ଔଷଧୀୟ ବୃକ୍ଷର ମୂଳ, କନ୍ଦ ଆଦିକୁ ଧୋଇ ସଫା କରାଯାଏ ।

କିଛି ଔଷଧୀୟ ବୃକ୍ଷର ମୂଳ ଓ କନ୍ଦର ଉପର ଚୋପା ଛଡାଇବା ନିମନ୍ତେ ପଥରରେ କିମ୍ବା ଅଖାରେ ଘଷି କରି କିମ୍ବା ସ୍ଥଳବିଶେଷରେ ଛୁରୀ ଦ୍ୱାରା ଅଦରକାରୀ ଚୋପାକୁ ଅଲଗା କରାଯାଇଥାଏ । ବଚ ଭଳି କେତେକ ଔଷଧୀୟ ବୃକ୍ଷର ସଂଗୃହୀତ ଅଂଶର ଚୋପାକୁ ଓଦାଥିବା ସମୟରେ ଛଡା ଯାଇଥିବା ବେଳେ ସର୍ପଗନ୍ଧାର ମୂଳ ଶୁଖିଲା ଥିବା ଅବସ୍ଥାରେ ହିଁ ଉପର ଚୋପାକୁ ଛଡେଇ ଦିଆଯାଏ ।

କଞ୍ଚା ଫଳରେ ଥିବା ଶସରୁ ମଞ୍ଜିକୁ ଅଲଗା କରିବା ନିମନ୍ତେ ଫଳକୁ ଭଲ ଭାବରେ ଧୋଇ ସାବଧାନତା ସହକାରେ ଶସକୁ ଅଲଗା କରାଯାଇଥାଏ । ଏହି ଭାବରେ ଶସକୁ ବାହାର କରିବା ନିମନ୍ତେ ଗରମ ପାଣିରେ ବ୍ଲିଚିଂ ପ୍ରଣାଳୀ ବ୍ୟବହାର କରାଯାଇଥାଏ । ଶୁଖିଲା ଫଳରୁ ମଞ୍ଜି ଅଲଗା କରିବା ନିମନ୍ତେ ଫଳକୁ ପିଟଣାରେ ପିଟାଯାଏ ଅଥବା କୁଟାଯାଇଥାଏ । ଏହିଭଳି କିଛି କଠିନ ଆବରଣଥିବା ଫଳର ଚୋପାକୁ ହାତରେ ବା ଚୋପା ଛଡାଇବା ଯନ୍ତ୍ର (ଡିକୋର୍ଟିକେଟର) ସାହାଯ୍ୟରେ ଅଲଗା

କରାଯାଏ । କିଛି କଠିନ ଆବରଣ ଥିବା ଫଳରୁ ମଞ୍ଜି ବାହାର କରିବା ନିମନ୍ତେ ଏହିଫଳକୁ କିଛି ସମୟ ଗରମ ପାଣିରେ ପକାଇ ଥଣ୍ଡା ପାଣିରେ ପକାଇଲେ ଏହାର ଉପର ଆବରଣ ଫାଟି ଯାଇଥାଏ । ଫଳରେ ଏଥିରୁ ମଞ୍ଜି କିମ୍ବା ଶସ ବାହାର କରିବା ସୁବିଧା ହୋଇଥାଏ । ସୁଗନ୍ଧିତ ତୈଳ ନିଷ୍କାସନ ନିମନ୍ତେ ଆବଶ୍ୟକୀୟ ବୃକ୍ଷର ଅଂଶକୁ ସାଧାରଣତଃ ପାଣିରେ ଧୁଆ ହୁଏ ନାହିଁ । ଅଧିକାଂଶ ବୃକ୍ଷଜାତ ଔଷଧ ଶୁଖାଇଲା ପରେ ହିଁ ପ୍ରୟୋଗ କରାଯାଇଥାଏ । ଅମଳ ପରେ ସଂଗୃହୀତ ଦ୍ରବ୍ୟଗୁଡ଼ିକୁ ଛାଇରେ ଶୁଖିବାକୁ ଦିଆଯାଇଥାଏ । ଏଗୁଡ଼ିକୁ ପତଳା କରି ଶୁଖାଇବା ଆବଶ୍ୟକ ଏବଂ ପ୍ରତି ୬ ଘଣ୍ଟାରେ ଓଲଟାଇବାକୁ ଦରକାର ହୋଇଥାଏ । ସିଧାସଳଖ ଖରାରେ ଶୁଖାଇଲେ ଦ୍ରବ୍ୟରେ ଥିବା ତୈଳୀୟ ପଦାର୍ଥ ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । କମ୍ ସମୟରେ ଅଧିକ ଦ୍ରବ୍ୟ ଶୁଖାଇବା ନିମନ୍ତେ ଓଭନ୍ ବା ଭାଟିର ବ୍ୟବହାର କରାଯିବା ଆବଶ୍ୟକ । ଓଭନ୍ ଉପରେ ସଂଗୃହୀତ ଦ୍ରବ୍ୟକୁ ଏକ ଟ୍ରେରେ ରଖି ଶୁଖାଯାଇଥାଏ । ବିଜୁଳି ଏବଂ ବାଷ୍ପ ପ୍ରୟୋଗ କରି ଓଭନ୍ ର ତାପମାତ୍ରା ଏଭଳି ଭାବରେ ରଖାଯାଇଥାଏ, ଯଦ୍ୱାରାକି ସଂଗୃହୀତ ଦ୍ରବ୍ୟର ଔଷଧୀୟ/ଖାଦ୍ୟ ଗୁଣରେ କୌଣସି କ୍ଷତି ପହଞ୍ଚିବ ନାହିଁ । ଖରାରେ କିମ୍ବା ଛାଇରେ ଅଣକାଷ୍ଠ ବନଜାତ ଦ୍ରବ୍ୟ/ବୃକ୍ଷଜାତ ଔଷଧକୁ ଶୁଖାଇବା ପ୍ରକ୍ରିୟା ଅତି ପୁରାତନ ଅଟେ । ଶୁଖାଇବାର ଅର୍ଥ ହେଲା ଦ୍ରବ୍ୟରେ ଥିବା ଜଳୀୟ ଅଂଶକୁ ହ୍ରାସ କରିବା । ଏହି ଶୁଖାଇବା ପ୍ରକ୍ରିୟାକୁ ଯଦି ବିଜ୍ଞାନ ସମ୍ମତ ପ୍ରଣାଳୀ ଅନୁଯାୟୀ କରାଯାଏ ତେବେ ପ୍ରକ୍ରିୟାକରଣ ପରେ ଏହି ଦ୍ରବ୍ୟଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ ଭଲ ରହିପାରିବ ।

ଶୁଖାଇବାର ଉନ୍ନତ ପ୍ରଣାଳୀଗୁଡ଼ିକ ହେଲା;

- ସୂର୍ଯ୍ୟକିରଣରେ ବା ପବନ ସାହାଯ୍ୟରେ (ପ୍ରାକୃତିକ ଉପାୟରେ)
- ରାସାୟନିକ ପଦାର୍ଥ,ଲୁଣ, ଚିନି ଇତ୍ୟାଦି ସାହାଯ୍ୟରେ
- ଗ୍ୟାସ ସାହାଯ୍ୟରେ
- ଶୂନ୍ୟଚାପ ପ୍ରକ୍ରିୟା ସାହାଯ୍ୟରେ

ଔଷଧୀୟ ପଦାର୍ଥଗୁଡ଼ିକୁ ସାଧାରଣତଃ ଗରମ ପବନ ସାହାଯ୍ୟରେ ଶୁଖାଯାଇଥାଏ । ପବନକୁ ସାଧାରଣତଃ ସୂର୍ଯ୍ୟଶକ୍ତି, ବିଜୁଳି, ବାଷ୍ପ, ତେଲ, କାଠ ଏବଂ କୋଇଲା ସହାୟତାରେ ଗରମ କରାଯାଇଥାଏ । ଏହି ଗରମ ପବନ ଦ୍ରବ୍ୟରେ ଥିବା ଜଳୀୟ ଅଂଶକୁ ବାଷ୍ପରେ ପରିଣତ କରିଦିଏ । ଯେଉଁ ବୃକ୍ଷ/ଦ୍ରବ୍ୟରେ ତୈଳ ଅଂଶ ମହଜୁଦ ଥାଏ ତାକୁ ସାଧାରଣତଃ ଛାଇ ସ୍ଥାନରେ ଶୁଖାଯାଇଥାଏ ଏବଂ ଏହାକୁ ଦିନର ଶେଷପ୍ରହର ଅର୍ଥାତ୍ ସୂର୍ଯ୍ୟୋଦୟପରେ କିମ୍ବା ସୂର୍ଯ୍ୟୋଦୟ ପୂର୍ବରୁ ଏକାଠି କରାଯାଏ ।

ଶୁଖିସାରିବା ପରେ ଅନେକ ଦ୍ରବ୍ୟକୁ ଚୂର୍ଣ୍ଣ/ଗୁଣ୍ଡ କରାଯାଏ । ଅନେକ ଚୂର୍ଣ୍ଣକୁ ଆୟୁର୍ବେଦରେ ସିଧାସଳଖ ଔଷଧ ଭାବେ ବ୍ୟବହାର କରାଯାଇଥାଏ । ଏହି ଗୁଣ୍ଡ କରିବା ନିମନ୍ତେ ଦ୍ରବ୍ୟର ପ୍ରକାରଭେଦ ଅନୁଯାୟୀ ବିଭିନ୍ନ ପ୍ରକାରର "ପେଷିବା ଯନ୍ତ୍ର" (ଚକି) ବ୍ୟବହୃତ ହୋଇଥାଏ । ଗଛର ଚେର ଭଳି କଠିନ ପଦାର୍ଥକୁ ପେଷିବା ନିମନ୍ତେ "ହାମର୍ କଳ" ବ୍ୟବହାର କରାଯାଏ । ଅଧିକ ମସୃଣ ଚୂର୍ଣ୍ଣ ନିମନ୍ତେ ବଲ କଳ ଓ ଜଳଶକ୍ତି କଳ ବ୍ୟବହୃତ ହୋଇଥାଏ । ଯେଉଁ ଆକାରର ଚୂର୍ଣ୍ଣ ହେବ ସେହି ଅନୁଯାୟୀ ଜାଲି/ମେଶ୍ କଳରେ ଲଗାଯାଏ । ଚୂର୍ଣ୍ଣର ଆକାର ମେଶ୍/ଜାଲି ନମ୍ବର ଅନୁସାରେ ହୋଇଥାଏ । ଉଦାହରଣ ସ୍ୱରୂପ ୩ ନମ୍ବର ଜାଲିରେ ମିଳୁଥିବା ଚୂର୍ଣ୍ଣ ୬.୬୮୦ ମିଲିମିଟର ବିଶିଷ୍ଟ ହୋଇଥିବାବେଳେ ୮ ନମ୍ବର ଜାଲିରେ ୨.୩୬୨ ମିଲିମିଟର ଏବଂ ୨୦୦ ନମ୍ବର ଜାଲିରେ ଏହା୦.୦୭୪ ମିଲିମିଟର ବିଶିଷ୍ଟ ହୋଇଥାଏ ।

ଖ) ପାଣି ସାହାଯ୍ୟରେ ସାର ଉତ୍ପାଦ ପ୍ରସ୍ତୁତି

ଆୟୁର୍ବେଦ ଔଷଧ ପ୍ରସ୍ତୁତି ନିମନ୍ତେ ଅନେକ ସମୟରେ ପାଣି ସାହାଯ୍ୟରେ ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକ୍ରିୟାରେ ଗଛକୁ/ଦ୍ରବ୍ୟକୁ ପାଣିରେ ବତୁରାଇବା ପରେ ଆବଶ୍ୟକତା ଅନୁଯାୟୀ ଗରମ କରାଯାଏ । ଏହାପରେ ଏକ ସଫା କନାରେ ଛାଣି ଫୁଟାଇ ଗାଢ କରିଦିଆଯାଏ । ଆଧୁନିକ ପ୍ରଣାଳୀରେ ଏହି କାମ ନିମନ୍ତେ ବାଷ୍ପ ନିୟନ୍ତ୍ରିତ ପାତ୍ର ଏବଂ ଛଣାଯନ୍ତ୍ର ବ୍ୟବହାର କରାଯାଉଅଛି ।

ଗ) ଦ୍ରାବକ ପଦାର୍ଥ ସାହାଯ୍ୟରେ ସାର ଉତ୍ପାଦ ପ୍ରସ୍ତୁତି

ଦ୍ରାବକ ପଦାର୍ଥ ସାହାଯ୍ୟରେ ସାର ଉତ୍ପାଦ ପ୍ରସ୍ତୁତି ନିମନ୍ତେ ଦ୍ରାବକ ପଦାର୍ଥ ଅଣକାଷ୍ଠ ବନଜାତ ଦ୍ରବ୍ୟ/ଔଷଧୀୟ ବୃକ୍ଷର ସାର ଉତ୍ପାଦ ପ୍ରସ୍ତୁତି ନିମନ୍ତେ ଦ୍ରାବକ ପଦାର୍ଥ ପ୍ରକ୍ରିୟାର ପ୍ରୟୋଗ ବହୁଳ ମାତ୍ରାରେ କରାଯାଏ । ଏହାର ଏକ ବଡ ସୁବିଧା ହେଲା । ଏହି ପ୍ରକ୍ରିୟା ନିମନ୍ତେ ଏପରି ଏକ ଦ୍ରାବକ ପଦାର୍ଥ ବଛାଯାଏ ଯେଉଁଥିରେ ଦ୍ରବ୍ୟ ପ୍ରଭାବକାରୀ ଅଂଶ ଅଧିକ ମାତ୍ରାରେ ଦ୍ରବୀଭୂତ ହୋଇଥାଏ । ଏହି ପ୍ରକ୍ରିୟାରେ ଯେଉଁ ସାର ଉତ୍ପାଦ ମିଳେ ଏଥିରେ ପ୍ରଭାବକାରୀ ପଦାର୍ଥ ଅଧିକ ମାତ୍ରାରେ ମହଜୁଦ ଥାଏ । ଏହି ପ୍ରକ୍ରିୟା ନିମନ୍ତେ ସାଧାରଣତଃ ଦୁଇପ୍ରକାରର ଯନ୍ତ୍ର ବ୍ୟବହାର



କରାଯାଇଥାଏ ଗୋଟିଏ ହେଲା "ପରକୋଲେଶନ୍ ପ୍ଲାଣ୍ଟ" ଅନ୍ୟଟି "ସକ୍ସୋଲେଣ୍ଟ ପ୍ଲାଣ୍ଟ" । ଏହି ଯନ୍ତ୍ର ସାହଯ୍ୟରେ ଦ୍ରାବକ ପଦାର୍ଥ କମ୍ ମାତ୍ରାରେ ଖର୍ଚ୍ଚ ହୋଇଥାଏ ।

ଘ) ତରଳ ପଦାର୍ଥ

ତରଳ ପଦାର୍ଥ ପଦ୍ଧତି ଉପର ବର୍ଣ୍ଣିତ ପ୍ରଣାଳୀଗୁଡ଼ିକ ପରେ ଉତ୍ପାଦରେ ମିଶିଥିବା ଅଦରକାରୀ ପଦାର୍ଥକୁ କାଢିବା ନିମନ୍ତେ ଏହି ତରଳ ପଦାର୍ଥ, ତରଳ ପଦାର୍ଥ ପ୍ରଣାଳୀ ପ୍ରୟୋଗ କରାଯାଇଥାଏ ।

ଙ) କ୍ରୋମେଟୋଗ୍ରାଫି ଏବଂ ଏଚ୍.ପି.ଏଲ୍.ସି

କେତେକ ବହୁମୂଲ୍ୟ ଏବଂ କମ୍ ମାତ୍ରାରେ ମହଜୁଦ୍ ଥିବା ଉତ୍ପାଦକୁ ଦ୍ରବ୍ୟରୁ ଅଲଗା କରିବା ନିମନ୍ତେ ଏହି ପଦ୍ଧତି ଅନୁସୃତ ହୋଇଥାଏ । ଏହି ପ୍ରକ୍ରିୟାରେ ଦ୍ରାବକ ପଦ୍ଧତିରେ ମଳୁଥିବା ଉତ୍ପାଦକୁ ଏକ ପତଳା ଫିଲ୍ମ ସ୍ତର/କିମ୍ବା ଗ୍ୟାସ୍ସ୍ତର କ୍ରୋମେଟୋଗ୍ରାଫି ଏବଂ ଏଚ୍.ବି.ଏଲ୍.ସି (ହାଇ ପରଫର୍ମାନ୍ସ ଲିକ୍ୟୁଡ କ୍ରୋମେଟୋଗ୍ରାଫି) ଦ୍ୱାରା ଅଲଗା କରାଯାଇ ଦ୍ରବ୍ୟର ଗୁଣବତ୍ତା ନିର୍ଦ୍ଧାରଣ କରାଯାଇଥାଏ ।

ଚ) ସ୍ପ୍ରେ ସାହାଯ୍ୟରେ ଶୁଖାଇବା ପ୍ରକ୍ରିୟା

କେତେକ ଚୂର୍ଣ୍ଣ/ଗୁଣ୍ଡ଼କୁ ଶୁଖିଲା ପାଉଡର ହିସାବରେ ବଜାରରେ ବିକ୍ରି କରାଯାଏ । ଏଣୁ ଉତ୍ପାଦକୁ ଶୁଖାଇବା ନିମନ୍ତେ ଏହି ସ୍ପ୍ରେ ଯନ୍ତ୍ର ବ୍ୟବହୃତ ହୋଇଥାଏ ।

ଛ) ସୁପର କ୍ରିଟିକିଲ୍ ଫ୍ଲୁଇଡ ଏକସ୍ଟ୍ରାକଶନ୍

ଆଇଆଇଟି, ମୁମ୍ବାଇ ଦ୍ୱାରା ବିକଶିତ ଏହି ଆଧୁନିକ ପ୍ରକ୍ରିୟା ସାହଯ୍ୟରେ ଦ୍ରବ୍ୟରେ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକୁ ଅଲଗା କରାଯାଏ । ଏକ ନିର୍ଦ୍ଦିଷ୍ଟ ତାପମାନ ଏବଂ ଚ୍ଚପରେ ଅଙ୍ଗାରକାମ୍ଳ ଦ୍ରବ୍ୟରେ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକୁ ଦ୍ରବୀଭୂତ କରି ଅଲଗା କରିଦିଏ । ଏହି ପ୍ରକ୍ରିୟାରେ ଦ୍ରବ୍ୟର ମୂଳ ରଙ୍ଗ, ଗନ୍ଧ ଇତ୍ୟାଦିରେ କୌଣସି ପରିବର୍ତ୍ତନ ଘଟେନାହିଁ ବୋଲି ଦାବି କରାଯାଇଅଛି । କୌଣସି ଦ୍ରାବକ ବ୍ୟବହାର ନହେଉଥିବା ହେତୁ ଶେଷ ଉତ୍ପାଦର ସଠିକ୍ ଗୁଣମାନ ନିମନ୍ତେ ଅତ୍ୟନ୍ତ ଉପଯୋଗୀ ।

ପ୍ୟାକେଜିଂ

ଅଣକାଷ୍ଠ ବନଜାତ ଦ୍ରବ୍ୟ/ଔଷଧୀୟ ବୃକ୍ଷ/ବୃକ୍ଷଜାତ ଔଷଧକୁ ସଂଗ୍ରହ କରିବା । ବ୍ୟବହାରକାରୀଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବା, ପରିବହନ ସମୟରେ ଉପୁଜୁଥିବା କ୍ଷତିରୁ ବଞ୍ଚାଇବା, ସୁରକ୍ଷିତ ରଖିବା ଏବଂ ବିଭିନ୍ନ ଧରଣର ବ୍ୟବହାର ଉପଯୋଗୀ କରିବା ନିମନ୍ତେ ପ୍ୟାକେଜିଂର ମହତ୍ତ୍ୱ ରହିଛି । କୌଣସି ଜିନିଷକୁ ବଜାର ଉପଯୋଗୀ କରିବା ନିମନ୍ତେ ପ୍ୟାକେଜିଂ ପ୍ରମୁଖ ଭୂମିକା ଗ୍ରହଣ କରେ । ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ନିମନ୍ତେ ପ୍ୟାକେଜିଂ ପ୍ରମୁଖ ଦୃଷ୍ଟି ଦେବା ବିଷୟଗୁଡ଼ିକ ହେଲା;

- ପ୍ୟାକେଜିଂର ଆକାର ସୁବିଧାଜନକ ହେବା ଉଚିତ ।
- ବ୍ରାଣ୍ଡର ନାମ ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର ।
- ସ୍ପଷ୍ଟ ଅକ୍ଷରରେ ଲେଖାଗୁଡ଼ିକ ଲେବଲରେ ଥିବା ଆବଶ୍ୟକ ।

ଶେଷକଥା

ଅଣକାଷ୍ଠ ବନଜାତ ଦ୍ରବ୍ୟ/ଔଷଧୀୟବୃକ୍ଷ/ବୃକ୍ଷଜାତ ଔଷଧଗୁଡ଼ିକ ବ୍ୟବହାର ଯୋଗ୍ୟ କରିବା ନିମନ୍ତେ ପ୍ରକ୍ରିୟାକରଣର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏହା ଅନସ୍ୱୀକାର୍ଯ୍ୟ । ସଠିକ୍ ସମୟରେ ସଠିକ୍ ପ୍ରକ୍ରିୟାକରଣ କୌଶଳ ଦ୍ରବ୍ୟର ଗୁଣମାନ ବୃଦ୍ଧିକରିବା ସଙ୍ଗେ ସଙ୍ଗେ ଏହାକୁ ମୂଲ୍ୟଯୁକ୍ତ କରିଥାଏ । ଫଳରେ ଦ୍ରବ୍ୟଗୁଡ଼ିକ ବ୍ୟବହାର ଉପଯୋଗୀ ହୋଇଥାଏ ଏବଂ ବଜାରରେ ଏହାର ମୂଲ୍ୟବୃଦ୍ଧି ଘଟିଥାଏ । ପ୍ରାଥମିକ ସଂଗ୍ରହକାରୀ ଓ ସେମାନଙ୍କର ସଂଗଠନ ଆଞ୍ଚଳିକ ସ୍ତରରେ ମିଳୁଥିବା ବନଜାତ ଦ୍ରବ୍ୟଗୁଡ଼ିକର ପ୍ରାଥମିକ ପ୍ରକ୍ରିୟାକରଣ କୌଶଳ ସମ୍ବନ୍ଧରେ ଅବଗତ ହୋଇ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇଲେ କର୍ମ ଦିବସ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହୋଇପାରିବ ।

# ଗୋଷ୍ଠୀ ଉଦ୍ୟମ ହିଁ ସଫଳତାର ଗ୍ରବିକାଠି

ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ୍‌ର ଖୁଣ୍ଟିସେରା ଗ୍ରାମ ପଞ୍ଚାୟତର ଶେଷ ସୀମାରେ ପାହାଡ଼ ତଳେ ଛୋଟ ଆଦିବାସୀ ଗାଁ, ଗାଁଟିର ନାମ କେନ୍ଦୁବିଡା । କେନ୍ଦୁବିଡା ଗାଁର ପାଖ ଦେଇ ଖହଙ୍ଗ ନଦୀ ପ୍ରବାହିତ ହେଉଛି । ଏଇ ଗାଁରେ ୧୨ଟି କନ୍ଧ ପରିବାରର ଲୋକ ବସବାସ କରନ୍ତି । ଜୀବିକା କହିଲେ ଜଙ୍ଗଲରୁ କେନ୍ଦୁ, ଡିମିରିକ , ଟୋଲ, ମହୁଲ, ଶାଗ, କନ୍ଦ ସଂଗ୍ରହ କରିବା ସହ ଅଳ୍ପ କିଛି ଗ୍ରଷ ଜମିରେ ଧାନ, ମକା କରି ଚଳନ୍ତି । ବେଳେବେଳେ ଖହଙ୍ଗ ନଦୀରୁ ମାଛମାରି ନିଜର ପରିବାରର ପିଲାଛୁଆଙ୍କୁ ଖାଇବାକୁ ଦିଅନ୍ତି । ଏହାସହ ବର୍ଷର ୪ ମାସ ଯେଉଁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରନ୍ତି, ସେଥିରେ ୬ ମାସ ଚଳିଲା ବେଳେ ବାକି ୬ ମାସ ଗ୍ରଷରେ ଚଳିଯାନ୍ତି । ଘରର ଅନ୍ୟାନ୍ୟ ଆବଶ୍ୟକତା ଖର୍ଚ୍ଚ ଘରେ ଥିବା ଗାଇ, ଛେଳି ବିକି କରି ଚଳନ୍ତି । ଏମାନେ ସଂଗ୍ରହ କରୁଥିବା ଜଙ୍ଗଲଜାତ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି କରନ୍ତି । ପରିଶ୍ରମ କରନ୍ତି ସତ , ପରିଶ୍ରମର ଫଳ ପା'ନ୍ତିନାହିଁ ।

ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ୍ୱାଇସିଡିଏ ପ୍ରଚେଷ୍ଟାରେ ଗତବର୍ଷ ଏଇ, ଗାଆଁ ଲୋକମାନଙ୍କର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ନିମନ୍ତେ ଏକ ପଦକ୍ଷେପ ନିଆଗଲା । ଅଣକାଷ୍ଠ ବନଜାତ ଦ୍ରବ୍ୟର ବିକ୍ରିବଟାକୁ ସୁସଂହତ କରି ସେଥିରୁ ଅଧିକ ତ ପଇସା ରୋଜଗାର ନିମନ୍ତେ ଗ୍ରାମରେ ଏକ ୧୦ ଜଣିଆ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକାରି ଗୋଷ୍ଠୀ ଗଠନ କରିଗଲା । ବ୍ୟବସାୟକୁ ନିଜ ନିୟନ୍ତ୍ରଣକୁ ଆଣିବା ନିମନ୍ତେ ଆବଶ୍ୟକୀୟ ପୁଞ୍ଜି ଏହି ଗୋଷ୍ଠୀ ପାଖରେ ଅଭାବ ଥିଲା । ଏହାକୁ ଦୃଷ୍ଟିରେ ରଖି ଏହି ଗୋଷ୍ଠୀକୁ ପୌନଃପୁନିକ ରାଶିଭାବେ ପାଞ୍ଚ ହଜାର ଛଅ ଶହ ଟଙ୍କା ପ୍ରଦାନ କରାଗଲା । ଏହି ଅର୍ଥକୁ ବିନିଯୋଗ କରି ଗୋଷ୍ଠୀର ସଭ୍ୟ/ସଭ୍ୟମାନେ ମହୁଲ ସଂଗ୍ରହ ସମୟରେ ନିଜର ଦୈନନ୍ଦିତର ଗୁଜୁରାଣ ମେଣ୍ଟେଇବାକୁ ସକ୍ଷମ ହୋଇପାରିଲେ । ଫଳରେ ସେମାନେ ସଂଗ୍ରହ କରିଥିବା ମହୁଲକୁ ଅଳ୍ପ ଦରରେ ସଙ୍ଗେ ସଙ୍ଗେ ବିକିବାକୁ ପଡିଲାନାହିଁ । ସଂଗୃହୀତ ମହୁଲକୁ ଉଚ୍ଚାଦର ପାଇବା ପର୍ଯ୍ୟନ୍ତ ସାଇତି ରଖବା ନିମନ୍ତେ ଗୋଷ୍ଠୀର ସଦସ୍ୟମାନେ ଉତ୍ସାହିତ ହେଲେ । ପ୍ରତ୍ୟେକ ସଭ୍ୟ ସଂଗ୍ରହ କରିଥିବା ମହୁଲ ସେହି ସମୟରେ ମହୁଲର ସ୍ଥାନୀୟ ଦର ପାଞ୍ଚ ଟଙ୍କାରେ କିଣି ସାଇତି ରଖିଲେ । ବାହାର କୋଚିଆଙ୍କୁ ଟ୫ ଦରରେ ବିକ୍ରି କଲେ ନାହିଁ, ସଂଗ୍ରହ ଋତୁର ଦୁଇ ମାସ ପରେ ସଂଗୃହୀତ ୧୧୨୦ କିଲୋଗ୍ରାମ ମହୁଲକୁ କିଲୋଗ୍ରାମ ପ୍ରତି ଟ.୭.୫୦ ଦରରେ ବିକ୍ରି କଲେ । ଏବେ ସେମାନେ ଚଳିତ ସଂଗ୍ରହ ଋତୁରେ ଟ.୨୮୦୦ ଲାଭ କରିଛନ୍ତି । ଏହି ଲାଭ ଅର୍ଥକୁ ସଭ୍ୟ/ସଭ୍ୟାମାନେ ନିଜ ନିଜ ଭିତରେ ସମାନ ଭାବରେ ବାଣ୍ଟି ନେଲେ । ଏବେ ସେମାନେ ଗଚ୍ଛିତକରଣରେ କିଭଳି ଲାଭ ମିଳେ ତାର ସ୍ୱାଦ ଗ୍ରଖି ପାରିଛନ୍ତି । ଆଗାମୀ ବର୍ଷ ଏହି ବ୍ୟବସ୍ଥାକୁ ବଢାଇବାର ଚେଷ୍ଟା ଜାରି ରଖିଛନ୍ତି ।

ଏହା କେବଳ ଗୋଟିଏ ଉଦାହରଣ ନୁହେଁ । ଚଳିତବର୍ଷ ଏହି ବ୍ଲକ୍‌ରେ ଅନ୍ୟ ଗ୍ରାମରେ ମଧ ଲଘୁବନଜାତ ଦ୍ରବ୍ୟ ଓ ବିକ୍ରିବଟା କରି ପ୍ରାଥମିକ ସଂଗ୍ରହକାରୀମାନେ ବେଶ୍ ଦୁଇପଇସା କମାଇ ପାରିଛନ୍ତି । ଉଦାହରଣ ସ୍ୱରୂପ ଅମନମୁଣ୍ଡା ଗାଁର ଅମନମୁଣ୍ଡାର ୫୫ଟି ପରିବାର ମିଶି ୧୨ କ୍ୱିଣ୍ଟାଲ ମହୁଲ ସଂଗ୍ରହ କରି ଟ୩୦୦ ଲାଭ ପାଇଛନ୍ତି ।
ଗୁଡ଼ିତରା ଧହଆସାହିର ୧୨ ଘର ମିଶି ୧୧ କ୍ୱିଣ୍ଟାଲ ୫ କିଲୋଗ୍ରାମ ମହୁଲ ସଂଗ୍ରହ କରି ଟ.୨୮୭୫ ଟଙ୍କା ଲାଭବାନ ହୋଇଛନ୍ତି ।
ଅମନମୁଣ୍ଡା ଗ୍ରାମପଞ୍ଚାୟତର ବାଲଙ୍ଗୀ ଦୋର୍ ଗ୍ରାମର ୧୮ଟି ପରିବାର ମିଶି ଏକ ଦଳ ଗଠନ କରି ୧୧ କ୍ୱିଣ୍ଟାଲ ମହୁଲଫୁଲ ସଂଗ୍ରହ କରି ଗଚ୍ଛିତକରଣ କରିଥିଲେ ଏମାନେ ୨ ମାସପରେ କିଲୋପିଛା ଟ.୭.୫୦ ଦରରେ ବିକ୍ରି କରି କିଲୋଗ୍ରାମ ପିଛା ଟ.୨.୪୦ ପଇସା ଲାଭ ପାଇଛନ୍ତି ।
ସେହିପରି ଖୁଣ୍ଟିଗୋରା ଗ୍ରାମପଞ୍ଚାୟତର ଲଣ୍ଡାବାହାଲ ଗ୍ରାମର ୨୦ଟି ପରିବାର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ୧୧ କ୍ୱିଣ୍ଟାଲ ମହୁଲ ଦଳଗତ ଭାବେ କିଣି ଗଚ୍ଛିତ କରିଥିଲେ । ଏବେ ସେମାନେ ଟ୭.୫୦ ଦରରେ ବିକ୍ରି କରି କିଲୋଗ୍ରାମ ପିଛା ଅନ୍ୟୁନ ଟ.୨.୫୦ ଲାଭବାନ ହୋଇଛନ୍ତି ।

ଚଳିତବର୍ଷ ଉପରବର୍ଣ୍ଣିତ ଗୋଷ୍ଠୀମାନେ ଲଘୁବନଜାତର ବ୍ୟବସାୟ ଗୋଷ୍ଠୀଭିତ୍ତିକ ଭାବେ କରି ବେଶ୍ ଦି ପଇସା କରିପାରିଛନ୍ତି । ଏହାଫଳରେ ସେମାନେ ନିଜର ଆର୍ଥିକ ସ୍ଥିତିରେ କିଛି ମାତ୍ରାରେ ସୁଧାର ଆଣିବା ସହିତ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିପାରିଛନ୍ତି । ସମୂହ ଭାବେ ଉଦ୍ୟମ କଲେ ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଘଟିପାରିବ ବୋଲି ସେମାନଙ୍କର ବିଶ୍ୱାସ ଜନ୍ମିଛି । ଚଳିତବର୍ଷର ବ୍ୟବସାୟକୁ ଭିତ୍ତିକରି ଆସନ୍ତା ବର୍ଷ ନିମନ୍ତେ ସେମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି । କେବଳ ଏହି ଗୋଷ୍ଠୀମାନେ ନୁହଁନ୍ତି, ଏମାନଙ୍କର ସଫଳତାକୁ ଦେଖି ଆଖପାଖ ଗ୍ରାମରେ ଅନେକ ପ୍ରାଥମିକ ସଂଗ୍ରହକାରୀ ଏହି ଉପାୟ ଅବଲମ୍ବନ କରିବା ନିମନ୍ତେ ମନ ବଳାଇଛନ୍ତି । ପ୍ରାଥମିକ ପଦକ୍ଷେପ ସ୍ୱରୂପ ସେମାନେ ମଧ ଗୋଷ୍ଠୀ ଗଠନ କରିବା ନିମନ୍ତେ ଅଣ୍ଟା ଭିଡିଛନ୍ତି । ଆଗାମୀ ଦିନରେ ଏହି ଗୋଷ୍ଠୀ ଉଦ୍ୟମ ଯେ ଏକ ଆନ୍ଦୋଳନର ରୂପ ନହେବ କିଏ କହିବ ?

*ସୁର୍ଯ୍ୟମଣି ପଣ୍ଡା*

# ଅଣକାଷ୍ଠ ବନଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ବଜାର ବ୍ୟବସ୍ଥା ତଥା ପ୍ରକ୍ରିୟାକରଣ ପାଇଁ ପ୍ରାଥମିକ ସଂଗ୍ରହକାରୀଙ୍କ ଦାବୀପତ୍ର

ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର ଜଙ୍ଗଲ ଅଧିବାସୀ ଓ ଆଦିବାସୀଙ୍କ ମଧ୍ୟରେ ଅତି ପ୍ରାଚୀନ । କାଳକ୍ରମେ ଅନେକ ଅଣକାଷ୍ଠ ବନଜାତ ଦ୍ରବ୍ୟ ଲୋକମାନଙ୍କର ଦୈନନ୍ଦିନର ଗୁଜୁରାଣ ମେଣ୍ଟାଇବା ସଙ୍ଗେ ସଙ୍ଗେ ଏହାକୁ ବ୍ୟବସାୟ କରି ଏଥିରେ ଦି ପଇସା ରୋଜଗାର ହେଲା । ଏହା ଏକ ପ୍ରମୁଖ ଆୟର ମଧ୍ୟମଭାବେ ଗଣା ହେଲା । ଫଳରେ ଏହାକୁ ପରିଚାଳନା ଓ ନିୟନ୍ତ୍ରଣ ନିମନ୍ତେ ଅନେକ ଆଇନ୍‌କାନୁନ୍ ଗଢାଗଲା । ଏହି ବ୍ୟବସାୟରୁ ସରକାରଙ୍କ ଭଲ ରାଜସ୍ୱ ମିଳୁଥିବାରୁ ଏହାର ସୁପରିଚାଳନା ଓ ନିୟନ୍ତ୍ରଣ ନିମନ୍ତେ ସରକାର ପଦକ୍ଷେପ ନେଲେ । ପ୍ରାଥମିକ ସଂଗ୍ରହକାରୀ, ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ ପ୍ରକ୍ରିୟାରେ ସଂପୃକ୍ତ ବ୍ୟକ୍ତିବିଶେଷ, ଏଥି ସହିତ ସଂପୃକ୍ତ କାର୍ଯ୍ୟରୁ ମୂଳ ମଜୁରୀ ପାଉଥିବା ଲୋକମାନଙ୍କ ମଧ୍ୟରେ ଆୟ ବୃଦ୍ଧି ନିମନ୍ତେ ସଚେତନତା ଧିରେ ଧିରେ ବୃଦ୍ଧି ପାଇବାକୁ ଲାଗିଲା । ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ସହ ଜଡିତ ନିତୀନିୟମ ବିଷୟରେ ପ୍ରାଥମିକ ସଂଗ୍ରହକାରୀମାନେ ଅବଗତ ହେଲେ । ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା, ନିୟନ୍ତ୍ରଣ ଓ ବ୍ୟବସାୟକୁ ଅଧିକ ସଂଗଠିତ କରି ଏଥିରୁ ଅଧିକ ଦି ପଇସା ମୁନାଫା କମାଇବା ନିମନ୍ତେ ଉଦ୍ୟମ ଆରମ୍ଭ ହେଲା । ଏହାର ଫଳ ସ୍ୱରୂପ ଜନ୍ମ ନେଲା ପ୍ରାଥମିକ ସଂଗ୍ରହକାରୀମାନଙ୍କର ଗୋଷ୍ଠୀ ଓ ସଂଗଠନ ଅନେକ କ୍ଷେତ୍ରରେ ଏହି ଗୋଷ୍ଠୀ ବା ସଂଗଠନଗୁଡ଼ିକ ମିଳିତ ଭାବରେ ସରକାରଙ୍କାରେ ନିଜର ଦାବୀ ଉପସ୍ଥାପନ କରିବା ଦାବୀ ଉପସ୍ଥାପନ କରିବା ଆରମ୍ଭ କରିଛନ୍ତି । ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟରୁ ପ୍ରାଥମିକ ସଂଗ୍ରହକାରୀମାନଙ୍କୁ କିଭଳି ଅଧିକରୁ ଅଧିକ ଲାଭ ମିଳିପାରିବ ଏବଂ ସେଥି ନିମନ୍ତେ ଥିବା ଅସୁବିଧା ସବୁକୁ ଦୂର କରିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କଲେଣି । ଦେବଗଡ଼ ଜିଲ୍ଲାର ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହକାରୀମାନଙ୍କ ଦ୍ୱାରା ସରକାରଙ୍କୁ ପ୍ରଦତ୍ତ ଦାବୀପତ୍ର ତାର ଏକ ନମୂନା ମାତ୍ର । ଏହି ପତ୍ରର ଏକ ଅବିକଳ ନକଲ ଏଥିରେ ସନ୍ନିବେଶିତ କରାଯାଇଅଛି ।

ପ୍ରାପ୍ତେଷୁ–

୧. ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର, ଭୁବନେଶ୍ୱର
୨. ମାନ୍ୟବର ବିରୋଧୀଦଳ ନେତା, ଓଡ଼ିଶା ବିଧାନସଭା, ଭୁବନେଶ୍ୱର
୩. ମାନନୀୟ ସଚିବ, ଜଙ୍ଗଲ ମନ୍ତ୍ରଣାଳୟ, ଓଡ଼ିଶା ସରକାର, ଭୁବନେଶ୍ୱର
୪. ମାନନୀୟ ସଚିବ, ଆଇନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର
୫. ମାନନୀୟ ଜିଲ୍ଲାପରିଷଦ ଅଧ୍ୟକ୍ଷ, ଦେବଗଡ଼
୬. ମାନନୀୟ ଡ଼ିଏଫ୍‌ଓ (ଟେରିଟୋରିଆଲ), ଦେବଗଡ଼
୭. ମାନନୀୟ ଡ଼ିଏଫଓ, କେନ୍ଦୁପତ୍ର, ଦେବଗଡ଼

(ଜିଲ୍ଲାପାଳ, ଦେବଗଡ଼ଙ୍କ ଜରିଆରେ)

ମହାଶୟ,

ଆମ୍ଭେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ବାରକୋଟ ଓ ତିଲେଇବଣି ବ୍ଲକ ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରାଥମିକ ସଂଗ୍ରହକାରୀଗଣ ଆପଣଙ୍କ ସଦୟ ବିଚାର ନିମନ୍ତେ ଆମ୍ଭର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା କେତୋଟି ସମସ୍ୟା ନିମ୍ନ ମତେ ସଂକ୍ଷିପ୍ତ ଭାବେ ଉପସ୍ଥାପିତ କରୁଛୁ ଯେ:–

କ) ଏ ବର୍ଷ ଆମ୍ଭେ ଶାଳମଞ୍ଜି ସଂଗ୍ରହ କରିଥିଲେ ମଧ୍ୟ ତାହାର ବିକ୍ରି ହୋଇପାରିନଥିଲା ଏବଂ ସେଥିପାଇଁ ପ୍ରଚୁର ପରିମାଣରେ ମିଳୁଥିଲେ ମଧ୍ୟ ତାହାର ସଂଗ୍ରହ ହୋଇପାରିନଥିଲା ।

ଖ) କ୍ଷୋଭର ସହିତ ଆମ୍ଭେ କହିବାକୁ ଚାହୁଁଯେ ଦେଶରେ ମୁଦ୍ରାସ୍ଫିତି ସହିତ ତାଳଦେଇ ସବୁ ଜିନିଷର ଦରଦାମ ଓ ଚାକିରିଆମାନଙ୍କର ଦରମା, ଏପରିକି ମନ୍ତ୍ରୀ ବିଧାୟକମାନଙ୍କର ଭତ୍ତା ଆଦି ନିୟମିତ ବଢି ଚାଲିଥିବାବେଳେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ପୁରୁଣା ଦରକୁ ସଂପୃକ୍ତ କର୍ତ୍ତୃପକ୍ଷ ବଜାୟ ରଖିଛନ୍ତି ।

ଗ) ଓଡ଼ିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ଦ୍ରବ୍ୟ ପରିଚାଳନା) ନିୟମାବଳୀ ୨୦୦୨ ବଳରେ ଗ୍ରାମପଞ୍ଚାୟତକୁ ଲଘୁ ବନଜାତର ମାଲିକାନା ଓଡ଼ିଶା ସରକାର ଦେଇ ନିଜର ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପାଦନା କରିଛନ୍ତି ବୋଲି ଦାବି କରୁଥିବାବେଳେ ଆମ୍ଭେ ଅନୁଭବ କରୁଛୁ ଯେ, ପ୍ରକୃତ ପକ୍ଷେ ଏ କ୍ଷେତ୍ରରେ ସଂପୂର୍ଣ୍ଣ ଅଧିକାର ପଞ୍ଚାୟତଗୁଡ଼ିକୁ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଦେଇପାରି ନାହାନ୍ତି । ଉଭୟ ଜଙ୍ଗଲ ବିଭାଗ ଓ ଗ୍ରାମପଞ୍ଚାୟତର ଭୂମିକା ଏ କ୍ଷେତ୍ରରେ ସ୍ପଷ୍ଟରୂପେ ନିର୍ଦ୍ଧାରିତ ହୋଇନାହିଁ । ଏହା ସହିତ ପଞ୍ଚାୟତ ପ୍ରତିନିଧିମାନେ ଏ ବିଷୟରେ ସଚେତନ ନଥିବାରୁ ଲଘୁ ବନଜାତ ଦ୍ରବ୍ୟର ପରିଚାଳନାରେ ପ୍ରାଥମିକତା ଦେଉନାହାନ୍ତି ।

ଘ) ବର୍ଷକୁ ବର୍ଷ ବାରମ୍ବାର ଆମ୍ଭର ଦାବିସତ୍ତ୍ୱେ କେନ୍ଦୁପତ୍ର କାରବାରରେ ସରକାର ସ୍ୱଚ୍ଛତା ଅବଲମ୍ବନ କରିବାକୁ ପଛାଉଛନ୍ତି । ଫଳରେ ଗ୍ରାମରେ ସମସ୍ତ ଗୋଛା କଟେଇ ହୋଇପାରୁନାହିଁ । ତେଣୁ ଦିନକୁ ଦିନ କେନ୍ଦୁପତ୍ରରୁ ଆୟ

କମିଯାଉଛି । ପୁଣି କେନ୍ଦୁପତ୍ର ଶ୍ରମିକମାନେ ତାଙ୍କ ପ୍ରାପ୍ୟ ଠିକ୍ ସମୟରେ ପାଇ ପାରୁନାହାଁନ୍ତି ।

ଙ) କେନ୍ଦୁପତ୍ରରୁ ମିଳୁଥିବା ମୋଟ ଲାଭର ଶତକଡ଼ା ୫୦ ଭାଗ ଅନୁଦାନ ନାମରେ କେନ୍ଦୁପତ୍ର ତୋଳା ହେଉନଥିବା ଅଞ୍ଚଳକୁ ମଧ୍ୟ ଦିଆଯାଉଛି । ଏପରିକି କେନ୍ଦୁପତ୍ର ତୋଳା ଯାଉଥିବା ଅଞ୍ଚଳକୁ ଯେଉଁ ଅନୁଦାନ ଦିଆଯାଉଛି, ତାହା ମଧ୍ୟ ତୋଳାଳୀ ଅପେକ୍ଷା ଅଣ ତୋଳାଳୀଙ୍କ ଅଧିକ ସ୍ୱାର୍ଥ ସାଧନ କରୁଛି ।

ଚ) କେନ୍ଦୁପତ୍ର ଅନୁଦାନ ପଇସା କେଉଁଠାରେ ଖର୍ଚ୍ଚ ହେବ ସେ ବାବଦରେ କେନ୍ଦୁପତ୍ର ତୋଳାଳୀଙ୍କ ନିଷ୍ପତ୍ତି ନେବାର ଅଧିକାର ନାହିଁ । ଦେଶରେ ଟିକସଦାତା, ଆୟକର ଦାତାଙ୍କର ଯେଉଁ ସମ୍ମାନ ରହିଛି, କେନ୍ଦୁପତ୍ର ତୋଳକାଳୀଙ୍କର ତଦନୁଯାୟୀ ଦେଶକୁ ଦାନ କମ ନ ହୋଇଥିଲେ ମଧ୍ୟ, ସେମାନଙ୍କ ପରି ଆମ୍ଭେ ତୋଳାଳୀମାନେ ସମ୍ମାନ ଓ ସ୍ୱୀକୃତି ପାଉନାହିଁ ।

ଏଣୁ ଏହି ପରିପ୍ରେକ୍ଷୀରେ ଆମ୍ଭେ ଆପଣମାନଙ୍କଠାରେ ନିମ୍ନଲିଖିତ ଦାବୀଗୁଡ଼ିକ ଉପସ୍ଥାପିତ କରୁଛୁ, ଯଥା:-

୧. ଜଙ୍ଗଲ ରହିଲେ ଜଙ୍ଗଲଜାତ ଦ୍ରବ୍ୟ ମିଳିବ । ଏଣୁ ଗ୍ରାମ ସ୍ତରରେ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଥିବା ଗ୍ରାମଗୋଷ୍ଠୀଙ୍କୁ ମାନ୍ୟତା ଦିଆଯାଉ ।

୨. ଆମ ଜିଲ୍ଲାରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ଭିତିକ ଶିଳ୍ପ ପ୍ରତିଷ୍ଠା କରାଯାଉ ।

୩. ଜିଲ୍ଲାରେ ମାର୍କେଟ ପ୍ରମୋଶନ୍ ବୋର୍ଡ ଗଠନ କରାଯାଉ ।

୪. ଔଷଧୀୟ ବୃକ୍ଷଲତାର ପ୍ରସାର ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉ ।

୫. ଅଣକାଷ୍ଠ ବନଜାତ ଦ୍ରବ୍ୟର ମାଲିକାନା, ନିୟନ୍ତ୍ରଣ ଓ ପରିଚ୍ଳନାକୁ ସୁଦୃଢ଼ କରିବା ପାଇଁ ଗ୍ରାମପଞ୍ଚାୟତଗୁଡ଼ିକର ଦକ୍ଷତା ବୃଦ୍ଧି କରିବା ସହିତ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ । ଏପରିକି ପୁଞ୍ଜି ଯୋଗାଣର ବ୍ୟବସ୍ଥା ମଧ୍ୟ କରାଯାଉ ।

୬. ଆମ ଜିଲ୍ଲାରେ ଶାଳମଞ୍ଜି ସଂଗ୍ରହ ତଥା କିଣାବିକାକୁ ସୁବ୍ୟବସ୍ଥିତ କରାଯାଉ ।

୭. ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ ଯଥା ସମୟରେ କରାଯାଉ ଏବଂ ମୂଲ୍ୟ ନିର୍ଦ୍ଧାରଣବେଳେ ପ୍ରାଥମିକ ସଂଗ୍ରହକାରୀଙ୍କୁ ସାମିଲ କରାଯାଉ ।

୮. ମହୁଲ ଫୁଲ ମହୁଲି ମଦ ନୁହେଁ । ଏଣୁ ଏହାକୁ ଓଡ଼ିଶା ଅବକାରୀ ଆଇନ ୧୯୭୬ର ପରିସରରୁ ବାହାର କରାଯାଉ । ମହୁଲ ଫୁଲକୁ ନେଇ କେବଳ ମଦ ତିଆରି କରୁଥିବା ଶିଳ୍ପଗୁଡ଼ିକ ଉପରେ ଅବକାରୀ ଆଇନ ଲାଗୁ କରାଯାଉ ।

୯. କେନ୍ଦୁପତ୍ର ବ୍ୟବସାୟର ଲାଭାଂଶକୁ ମଧ୍ୟପ୍ରଦେଶ ଢାଞ୍ଚାରେ ବଣ୍ଟନ କରାଯାଉ ।

୧୦. ପ୍ରତ୍ୟେକ କେନ୍ଦୁପତ୍ର ତୋଳାଳୀ ନାମରେ ମାଗଣାରେ କାର୍ଡ ପ୍ରଦାନ କରାଯାଉ ଏବଂ ଶେଷରେ କାର୍ଡଟି ଫେରାଇ ନିଆନଯାଉ ।

୧୧. ବାଉଁଶ ତିଆରି କାରିଗରମାନଙ୍କ ପାଇଁ ସୌଖୀନ ତଥା ବ୍ୟବହାର୍ଯ୍ୟ ଜିନିଷ ଉପରେ ଜିଲ୍ଲାରେ ଏକ ସ୍ଥାୟୀ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଉ ।

୧୨. ଆମ ଜିଲ୍ଲାର ଜଙ୍ଗଲମାନଙ୍କରେ ମିଳୁଥିବା ପ୍ରତିଟି ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ଆଧାର କରି ପ୍ରକ୍ରିୟାକରଣ ବ୍ୟବସ୍ଥା/ଛୋଟ ଛୋଟ ଉଦ୍ୟୋଗ ତଥା କୁଟୀରଶିଳ୍ପମାନ ପତିଷ୍ଠା କରାଯାଉ ।

୧୩. ମହୁଲ ଫୁଲର ସରକାରୀ ଧାର୍ଯ୍ୟମୂଲ୍ୟ ଆଗାମୀ ବର୍ଷ ପାଇଁ ବୃଦ୍ଧି କରାଯାଉ ।

୧୪. ଟିଡିସିସି, ଓଏଫ୍‌ଡିସି, ଓର୍‌ମାସ୍ ଓ ଟ୍ରାଇଫେଡ ଭଳି ସଂସ୍ଥାଗୁଡ଼ିକୁ ସକ୍ରିୟ କରାଯାଉ ।

୧୫. ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବନଜାତ ଦ୍ରବ୍ୟ ସଂଗ୍ରହ, କିଣାବିକା ଇତ୍ୟାଦି ପାଇଁ ଆଇନ୍‌ଗତ ସ୍ୱୀକୃତି ଦିଆଯାଉ ।

ଆମ୍ଭେ ଆଶା କରୁଛୁ ଯେ, ଆପଣମାନେ ନିଜ ନିଜ କର୍ତ୍ତବ୍ୟ ଓ ପରିସର ମଧ୍ୟରେ ଆମ୍ଭର ଦାବୀଗୁଡ଼ିକ ପୂରଣ ନିମନ୍ତେ ଯଥାସାଧ୍ୟ ତଥା ଶୀଘ୍ର ପଦକ୍ଷେପମାନ ନେଇ ଆମ ପ୍ରତି ଆପଣମାନଙ୍କ ଆନ୍ତରିକତା ପ୍ରତିପାଦନ କରିବେ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ଅଣକାଷ୍ଠ ବନଜାତ ଦ୍ରବ୍ୟ ପ୍ରାଥମିକ ସଂଗ୍ରହକାରୀ, ଦେବଗଡ

ତା୨୦-୧୦-୨୦୦୫



# ଅଣକାଷ୍ଠ ବନଜାତ ଦ୍ରବ୍ୟର ଗୁଣବତ୍ତା ପ୍ରମାଣକରଣ

ପ୍ରମାଣକରଣ ଏକ ପ୍ରକ୍ରିୟା ଯେଉଁଥିରେ କୌଣସି ଦ୍ରବ୍ୟ, ପ୍ରକ୍ରିୟା କିମ୍ବା ପ୍ରଦତ୍ତ ସେବାର ଗୁଣବତ୍ତା ଅଥବା ମାନକୁ ନିଶ୍ଚିତ କରାଯାଇଥାଏ । ଗୁଣବତ୍ତାର ପ୍ରମାଣ ନିମନ୍ତେ ସଂପୃକ୍ତ, ଦ୍ରବ୍ୟ, ପ୍ରକ୍ରିୟା କିମ୍ବା ସେବାକୁ ଏକ ଚିହ୍ନପତ୍ର ବା ଲେବଲ୍ ଦ୍ୱାରା ଦର୍ଶାଯାଇଥାଏ । ଗ୍ରାହକମାନଙ୍କୁ ଗୁଣବତ୍ତାରର ପ୍ରମାଣ ଦେଇ ଆକୃଷ୍ଟ କରିବାର ଧାରା ବର୍ତ୍ତମାନ ଧିରେ ଧିରେ ପ୍ରାଧାନ୍ୟ ଲାଭ କରୁଛି । କୌଣସି ଲୋଗୋ (ଚିହ୍ନ) କିମ୍ବା ଲେବଲ୍ (ଚିହ୍ନପତ୍ର) ଦ୍ୱାରା ବଜାରରେ ଗୁଣବତ୍ତାର ପ୍ରମାଣ ଦେଇ ଅଧିକ ଗ୍ରାହକ/ ଉପଭୋକ୍ତାଙ୍କୁ ଜିନିଷର ସ୍ୱତନ୍ତ୍ର ଜାହିର କରାଯାଇ ପାରୁଅଛି ।

ଗୁଣବତ୍ତାର ପ୍ରମାଣକରଣ ଆବଶ୍ୟକ କି ?
ଅଧୁନା ଗ୍ରାହକ/ଉପଭୋକ୍ତାମାନଙ୍କର ରୁଚି ଓ ବଜାର ସଚେତନତାକୁ ଆଖି ଆଗରେ ରଖି ବିଭିନ୍ନ ଦ୍ରବ୍ୟ, ପ୍ରକ୍ରିୟା ଏବଂ ସେବା ଆଦିର ଗୁଣବତ୍ତା ନିଶ୍ଚିତ କରିବା ନିମନ୍ତେ ପ୍ରଚେଷ୍ଟା ଜାରି ରହିଛି । ଗୁଣବତ୍ତାର ପ୍ରମାଣକରଣ ନିମନ୍ତେ ବ୍ୟବହୃତ ଲୋଗୋ ବା ଲେବଲ୍ ଅନେକ ଗ୍ରାହକଙ୍କୁ ଆକୃଷ୍ଟ କରିପାରୁଛି । ଏଣୁ ବଜାରରେ ଦ୍ରବ୍ୟ, ପ୍ରକ୍ରିୟା ଏବଂ ସେବା ଆଦିର ଚାହିଦା ବୃଦ୍ଧି ନିମନ୍ତେ ଗୁଣବତ୍ତା ପ୍ରମାଣର ଆବଶ୍ୟକତା ଅନୁଭୂତ ହେବାରେ ଲାଗିଛି ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ଗୁଣବତ୍ତା ସାରା ବିଶ୍ୱରେ ଜଙ୍ଗଲ ସମ୍ପଦର ଚିରସ୍ଥାୟୀ ପରିଚାଳନା ନିମନ୍ତେ ଅଣକାଷ୍ଠ ବନଜାତ ଦ୍ରବ୍ୟର ଅମଳର ପ୍ରମାଣକରଣ ଧୀରେ ଧୀରେ ଜରୁରୀ ହେଲାଣି । ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରିଚାଳନା ଧାରା ଯୋଗୁଁ ଏହାର ଅମଳ ଏବଂ ପ୍ରକ୍ରିୟାକରଣରେ ଗୁଣବତ୍ତାକୁ ତଦାରଖ କରିବା ବା ଜାଣିବା କଷ୍ଟ ସାଧ୍ୟ ବ୍ୟାପାର । ଏଣୁ ଏହି ଦ୍ରବ୍ୟଗୁଡ଼ିକର ଅମଳ ଓ ପ୍ରକ୍ରିୟାକରଣର ଗୁଣବତ୍ତା ପ୍ରମାଣପତ୍ରରୁ ହିଁ ଏ ବିଷୟରେ ସୂଚନା ମିଳିପାରିବ ।

ପ୍ରମାଣକରଣ ପ୍ରକ୍ରିୟା ନିମନ୍ତେ ସଂସ୍ଥା ଖାଦ୍ୟ ଓ କୃଷି ସଂଗଠନ (ଏଫ୍,ଏ,ଓ), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ), ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା (ଆଇଏଲ୍‌ଓ) ଆନ୍ତର୍ଜାତୀୟ ମାନକସଂସ୍ଥା (ଆଇଏସ୍‌ଓ) ଭଳି ସଂସ୍ଥାଗୁଡ଼ିକ ଏହି ପ୍ରମାଣକରଣ କରିଥାନ୍ତି ।

ସାଧାରଣତଃ ଦ୍ରବ୍ୟର ଉତ୍ପାଦନ, ପ୍ରକ୍ରିୟାକରଣ, ଉତ୍ପାଦନ ପ୍ରକ୍ରିୟା ଏବଂ ବଜାର ବ୍ୟବସ୍ଥାକୁ ପ୍ରମାଣକରଣ କରାଯାଇଥାଏ ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ମାନ ନିର୍ଦ୍ଧାରଣ ନିମନ୍ତେ ଚାରି ପ୍ରକାର ପ୍ରମାଣକରଣ ପ୍ରକ୍ରିୟା ବ୍ୟବହୃତ ହେଉଛି । ସେଗୁଡ଼ିକ ହେଲା ;
କ) ଦ୍ରବ୍ୟର ଗୁଣମାନ ପ୍ରମାଣକରଣ
ଖ) ଜୈବିକ ପ୍ରମାଣକରଣ
ଗ) ସାମାଜିକ ପ୍ରମାଣକରଣ
ଘ) ଜଙ୍ଗଲ ପରିଚାଳନା ପ୍ରମାଣକରଣ

କ) ଦ୍ରବ୍ୟର ଗୁଣମାନ ପ୍ରମାଣକରଣ
ଦ୍ରବ୍ୟର ଗୁଣମାନ ଏହାର ଚିହ୍ନଟ, ଶୁଦ୍ଧତା, କାର୍ଯ୍ୟକାରିତା ଏବଂ ନିରାପତ୍ତାର ମାନକୁ ବୁଝାଏ । ଖାଦ୍ୟ ଏବଂ ଔଷଧ ନିମନ୍ତେ ବ୍ୟବହୃତ ଏବଂ ଆନ୍ତର୍ଜାତୀୟ ବ୍ୟବସାୟ ହେଉଥିବା ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଏହି ପରିସରର ଅନ୍ତର୍ଭୁକ୍ତ । ପରିବେଶ, ସାମାଜିକ ଏବଂ ଅର୍ଥନୈତିକ ମାନଦଣ୍ଡକୁ ଭିତ୍ତିକରି କେତେକ ମାର୍ଗଦର୍ଶିକା, ସାମାଜିକ ଏବଂ ଅର୍ଥନୈତିକ ମାନଦଣ୍ଡକୁ ଭିତ୍ତିକରି କେତେକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି । ଏଗୁଡ଼ିକ ମଧ୍ୟରେ ସଠିକ୍, ଅମଳ ପ୍ରକ୍ରିୟା, ଚାଷ ହେଉଥିବା ଔଷଧୀୟ ଏବଂ ସୁଗନ୍ଧିତ ବୃକ୍ଷ ନିମନ୍ତେ ସଠିକ୍ କୃଷି ପ୍ରକ୍ରିୟା ଆଦି ଅନ୍ୟତମ । ସଠିକ୍ ପ୍ରସ୍ତୁତ ପ୍ରକ୍ରିୟା କିମ୍ବା ସଠିକ୍ ପରୀକ୍ଷାଗାର ପ୍ରକ୍ରିୟା ଆଦିର ମାର୍ଗଦର୍ଶିକା ମଧ୍ୟ ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଅଛି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଔଷଧୀୟ ପ୍ରସ୍ତୁତି ନିମନ୍ତେ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି । ସାଧାରଣତଃ ଔଷଧୀୟ ବୃକ୍ଷଗୁଡ଼ିକୁ ଏହାର ଜୈବିକ ଅଂଶ ଏବଂ ଅର୍ଥନୈତିକ ଦିଗଗୁଡ଼ିକୁ ବିଚାରକୁ ନେଇ ପ୍ରମାଣକରଣ କରାଯାଇଥାଏ ।

ଖ) ଜୈବିକ ପ୍ରମାଣକରଣ
ଏଭଳି କେତେକ ଅଣକାଷ୍ଠ ବନଜାତ ଦ୍ରବ୍ୟ ମିଳୁଛି ଯାହା ବଣ ଜଙ୍ଗଲରୁ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଚାଷ ମଧ୍ୟ କରାଯାଉଅଛି । ଏଗୁଡ଼ିକର ଉତ୍ପାଦନ ଜୈବିକ ପଦ୍ଧତିରେ ହେଉଥିବାରୁ ବିଶ୍ୱ ବଜାରରେ ଏହାର ଚାହିଦା ବଢିବାରେ ଲାଗିଛି । ବୈଜ୍ଞାନିକମାନଙ୍କ ମତରେ ଜେବିକ କୃଷି ଦ୍ୱାରା ପରିବେଶକୁ ସନ୍ତୁଳିତ କରିବାରେ ସହାୟକ ହେବା ସହିତ ଜୈବ ବିବିଧତା, ଜୈବଚକ୍ର ଏବଂ ମାଟିରେ ଥିବା ଜୈବ ପ୍ରକ୍ରିୟାକୁ ବୃଦ୍ଧି କରିଥାଏ । ଜୈବକୃଷି ଆନ୍ଦୋଳନରେ ଆନ୍ତର୍ଜାତୀୟ ସଂଘ (ଆଇଏଫ୍‌ଓଏଏମ୍) ନାମକ ଏକ ସଂସ୍ଥା ଜଙ୍ଗଲ ସଂଗ୍ରହ ହେଉଥିବା (ଚାଷ ହେଉନଥିବା) ଏବଂ

ମହୁ ଆଦି ନିମନ୍ତେ କେତେକ ମୌଳିକ ମାନଦଣ୍ଡ ପ୍ରସ୍ତୁତି କରିଛନ୍ତି । ସେମାନଙ୍କର ସର୍ତ୍ତ ଅନୁଯାୟୀ ଜଙ୍ଗଲ ଅଞ୍ଚଳରୁ ସଂଗୃହୀତ କୌଣସି ଦ୍ରବ୍ୟ ;

- ଅମଳ ସମୟରେ ଚିରନ୍ତନ ଅମଳ ପ୍ରକ୍ରିୟାକୁ ବାଧା ପହଞ୍ଚାଉନଥିବା
- ଏକ ସୁସ୍ଥ ଏବଂ ଚିରସ୍ଥାୟୀ ବୃଦ୍ଧି ହୋଇପାରୁଥିବା ପରିବେଶରୁ ଅମଳ ହେବା ଆବଶ୍ୟକ
- ଅମଳ ହେଉଥିବା ଅଞ୍ଚଳ ସମ୍ବନ୍ଧରେ ସ୍ପଷ୍ଟ ତଥ୍ୟ ଥିବା ଆବଶ୍ୟକ
- ବାହ୍ୟ ପ୍ରଭାବ ଓ ବାରଣଥିବା ବାହ୍ୟବସ୍ତୁ ପ୍ରଭାବରୁ ସଂଗ୍ରହ ଦ୍ରବ୍ୟ ମୁକ୍ତ ଥିବ
- ପାରମ୍ପରିକ କୃଷିକ୍ଷେତ୍ର, ସଂକ୍ରମଣ ଓ ପ୍ରଦୂଷଣ କ୍ଷେତ୍ରଠାରୁ ଯଥେଷ୍ଟ ଦୂରରେ ସଂଗ୍ରହ କରାଯାଇ ରଖାଯିବା ଉଚିତ୍ ।
- ସଂଗ୍ରହସ୍ଥଳ ସହିତ ପରିଚିତ ଲୋକଙ୍କ ମାଧ୍ୟମରେ ସଂଗ୍ରହ ଓ ଭଣ୍ଡାରଣ ହେବା ଆବଶ୍ୟକ ।

ଏହି ମାନଦଣ୍ଡ ଅନୁଯାୟୀ ବିଶ୍ୱର ଅନେକ ରାଷ୍ଟ୍ରରେ ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ଗୁଣବତ୍ତା ପ୍ରମାଣକରଣ କରାଯାଇଅଛି ।

ଗ) ସାମାଜିକ ପ୍ରମାଣକରଣ

ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ ଏବଂ ବ୍ୟବସାୟ ସହ ସଂପୃକ୍ତ ବ୍ୟକ୍ତିବିଶେଷମାନଙ୍କର ଶ୍ରମ ସଂପର୍କିତ ସର୍ତ୍ତଗୁଡ଼ିକ ଗ୍ରହଣୀୟ ବୋଲି ନିର୍ଧାର୍ଯ୍ୟ କରିବାକୁ ହେବ ଏବଂ ଏହି ବ୍ୟବସାୟରୁ ମିଳୁଥିବା ଲାଭ ସେମାନଙ୍କ ମଧ୍ୟରେ ସୁଷମ ବଣ୍ଟନ ହେଉଥିବା ଆବଶ୍ୟକ । ଏଥି ନିମନ୍ତେ ଏକ ସାମାଜିକ ପ୍ରମାଣକରଣ ଆବଶ୍ୟକ । ସାମାଜିକ ପ୍ରମାଣକରଣ ନିମନ୍ତେ ବିଚାରକୁ ନିଆଯାଉଥିବା ବିଷୟଗୁଡ଼ିକ ହେଲା ଦ୍ରବ୍ୟ ଉପରେ ପାରମ୍ପରିକ ଅଧିକାର ଏବଂ ସମୟସୀମା, ବ୍ୟବସାୟରୁ ଭଲ ଆୟ ଏବଂ ପର୍ଯ୍ୟାପ୍ତ ଲାଭ, ନିରାପଦ ଓ ସ୍ୱାସ୍ଥ୍ୟପ୍ରଦ କାର୍ଯ୍ୟ ପରିସର, ସ୍ଥାନୀୟ ଏବଂ ଆଦିମ ସଂପ୍ରଦାୟ ଉପରେ ଏହି କାର୍ଯ୍ୟକ୍ରମର ପ୍ରଭାବ, ଅର୍ଥନୈତିକ ଦୃଷ୍ଟିକୋଣ, ଶିଶୁଶ୍ରମିକ ବ୍ୟବହାର ହେଉନଥିବା ଏବଂ ଏକ ସଠିକ୍ ବ୍ୟବସାୟ ଆଚରଣ ବିଧିକୁ ମାନିବା ।

ଯଦିଓ ସାମାଜିକ ପ୍ରମାଣକରଣ ପ୍ରକ୍ରିୟାକୁ ନ୍ୟାଯ୍ୟ ବାଣିଜ୍ୟ କାର୍ଯ୍ୟକ୍ରମରେ କିଛିମାତ୍ରାରେ



ସାମିଲ କରାଯାଇଛି, ଅଦ୍ୟାବଧି ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କ ଉପରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ନ୍ୟାଯ୍ୟ ଓ ବିଧିସମ୍ମତ ବାଣିଜ୍ୟର ପ୍ରଭାବର ଆକଳନ ହୋଇନାହିଁ, ଯେହେତୁ ପ୍ରମାଣକରଣ ପ୍ରକ୍ରିୟାରେ ସାମାଜିକ ପ୍ରଭାବଠାରୁ ପରିବେଶ ଜନିତ ପ୍ରଭାବକୁ ପ୍ରାଧାନ୍ୟ ଦିଆଯାଉଛି । ଏହା ସତ୍ତ୍ୱେ ବିଶ୍ୱର ଅନେକ ରାଷ୍ଟ୍ରରେ ଦ୍ରବ୍ୟକୁ ସାମାଜିକ ପ୍ରମାଣକରଣ ପ୍ରକ୍ରିୟାରେ ସାମିଲ କରାଯାଇସାରିଲାଣି ।

ଘ) ଜଙ୍ଗଲ ପରିଚାଳନା ପ୍ରମାଣକରଣ


ଜଙ୍ଗଲ ପରିଚାଳନା ପ୍ରମାଣକରଣ ମୁଖ୍ୟତଃ ଏହାର ଏବଂ ପ୍ରଜାତିଗୁଡ଼ିକର ପରିଚାଳନାକୁ ବୁଝାଏ, ଯଦିଓ ଆଞ୍ଚଳିକ, ଜାତୀୟ ଏବଂ ଆର୍ନ୍ତଜାତୀୟ ସ୍ତରରେ ଏଥି ନିମନ୍ତେ ମୁଖ୍ୟତଃ କାଠ ଓ କାଠ ପ୍ରସ୍ତୁତ ଦ୍ରବ୍ୟ ଉପରେ ପର୍ଯ୍ୟବେସିତ । ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନାକୁ ନେଇ କିଛି ସଂସ୍ଥା ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁ କରିଛନ୍ତି । ଏହି ମାର୍ଗଦର୍ଶିତା କିନ୍ତୁ ପ୍ରାକୃତିକ ଜଙ୍ଗଲରେ ଅଣକାଷ୍ଠବନଜାତ ଦ୍ରବ୍ୟର ପରିଚାଳନାକୁ ଭିତ୍ତିକରି ଏକ ସାର୍ବଜନୀନ ବ୍ୟବସ୍ଥା । ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିବେଶ ଜନିତ ବିଭିନ୍ନତା ଓ ବିଭିନ୍ନ ପରିଚାଳନା ପଦ୍ଧତିକୁ ବିଚାରକୁ ନେଇ କୌଣସି ପ୍ରଜାତି ଭିତ୍ତିକ ଜଙ୍ଗଲ ପରିଚାଳନା ପ୍ରମାଣକରଣ ପ୍ରସ୍ତୁତ କରାଯାଇନାହିଁ ।

ବଜାରର ଆବଶ୍ୟକତା ଓ ଲୋକମାନଙ୍କର ଚାହିଦାକୁ ଚାହିଁ । ବିଭିନ୍ନ ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରମାଣକରଣ ଯେ ଧିରେ ଧିରେ ଜରୁରୀ ହୋଇ ପଡିଲାଣି ଏହା ନିଃସନ୍ଦେହ । ଉପଭୋକ୍ତାମାନେ କ୍ରମଶଃ ପ୍ରମାଣକରଣ ହୋଇଥିବା ଜିନିଷଗୁଡ଼ିକ ନିମନ୍ତେ ଆକୃଷ୍ଟ ହେବାକୁ ଲାଗିଲେଣି । ଏହି ଧାରା ଅବ୍ୟାହତ ରହିଲେ ସମୟ ଆସିବ ଯେତେବେଳେ ଆବଶ୍ୟକୀୟ ପ୍ରମାଣକରଣ ନଥିବା ଦ୍ରବ୍ୟଗୁଡ଼ିକ ବଜାରରେ ନିଜରସ୍ଥିତି ହରାଇବେ ।

# ଔଷଧୀୟ ବୃକ୍ଷ 'ବଚ'

'ବଚ' ଏକ ତୃଣଜାତୀୟ ଉଦ୍ଭିଦ । ଏହା ସାଧାରଣତଃ ପାଣି କୂଳରେ ସନ୍ତସନ୍ତିଆ ଜାଗାରେ ଦେଖାଯାଇଥାଏ । ନଦୀ ଓ ପୋଖରୀକୂଳରେ ଏହି ଗଛ ଦେଖିବାକୁ ମିଳିଥାଏ । ଉତ୍ତର ଆମେରିକା ୟୁରୋପ ଓ ଏସିଆରେ ଏହି ଗଛ ଦେଖିବାକୁ ମିଳିଥାଏ । ଏହାର ବହୁଳ ଉପକାରିତାକୁ ଦୃଷ୍ଟିରେ ରଖି ସୋଭିଏତ୍ ଋଷ , ମଧ୍ୟ ୟୁରୋପ, ରୁମାନିଆ, ଭାରତ ଓ ଜାପାନ ଭଳି ଦେଶରେ ଏହା ପ୍ରଚୁର ପରିମାଣରେ ଚାଷ ହେଲଣି । ଭାରତବର୍ଷର କର୍ଣ୍ଣାଟକ, କାଶ୍ମୀର, ମଣିପୁର, ଅରୁଣାଚଳପ୍ରଦେଶ, ମେଘାଳୟ ଓ ହିମାଳୟର ପାଦଦେଶରେ ପ୍ରାକୃତିକ ଭାବରେ ଦେଖାଯାଏ । ବର୍ତ୍ତମାନ ଏହାକୁ ଖାଲୁଆ ପାଣି ରହୁଥିବା ଜମିରେ ପ୍ରଚୁର ପରିମାଣରେ ଚାଷ କରାଯାଉଅଛି । ଏହି ତୃଣର କନ୍ଦ ଔଷଧ ନିମନ୍ତେ ଅତ୍ୟନ୍ତ ବ୍ୟବହାର ଉପଯୋଗୀ ଅଟେ । ଏହା କନ୍ଦ ଅଦା ଭଳି ଗଣ୍ଠିଯୁକ୍ତ । ଏହି କନ୍ଦର ଉପରି ଭାଗ ଧୂସର ରଙ୍ଗର ଓ ଲୋମଯୁକ୍ତ ହୋଇଥିବା ବେଳେ ଭିତର ସ୍ପଞ୍ଜ ଭଳି ହୋଇଥାଏ । ଏହି କନ୍ଦ ଯଗଉଡ଼ିକ ସାଧାରଣତଃ ମଝି ଆଙ୍ଗୁଳି ମୋଟା ହୋଇଥାଏ । ଏହାର ପତ୍ରଗୁଡ଼ିକ ଦେଖିବାକୁ ଖଣ୍ଡାଭଳି ଓ ୦.୭୫ ମିଟରରୁ ୧.୫ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ପତ୍ରର ଧାର ଢେଉ ଢେଉକା ହୋଇଥାଏ ।

ସଂସ୍କୃତରେ ଏହାକୁ ଉଗ୍ରଗନ୍ଧା, ହିନ୍ଦୀରେ ଗୋରବାକ୍, କନ୍ନଡରେ ବାଜେ, ତାମିଲରେ ବସମ୍ଭୁ, ମାଲାୟାଲମ୍‌ରେ ମୟୂରଶିଖା, ମୟିଲାତୁମଶିଖା, ବଙ୍ଗଳାରେ ବଚ, ଆସାମୀରେ ବଚ, ଥେମେପ୍ରୀ, ମରାଠିରେ ବଚ, ପଞ୍ଜାବୀରେ ବଚ, କରିବୋଜ, ବେଖଣ୍ଡ, କାଶ୍ମୀରରେ ଭାବୀ, ଇଂରାଜୀ ଭାଷାରେ ସ୍ୱିଟ ଫ୍ଲାଗ୍ (Sweet Flag), ସ୍ୱିଟ୍‌ରୁଟ୍ (Sweet root), କାଲାମସ (Calamus) କୁହଯାଏ । ଏହା ସୁଗନ୍ଧିତ ଦ୍ରବ୍ୟ, ଔଷଧ, ମଦ୍ୟ, ଭିନେଗାର ଆଦି ପ୍ରସ୍ତୁତରେ ବ୍ୟବହୃତ ହୋଇଥାଏ । ଅନେକ କ୍ଷେତ୍ରରେ ବଚକୁ ଅଦା



ବଦଳରେ ବ୍ୟବହାର କରାଯାଏ । ଏହାର କନ୍ଦରେ ଧୂସର ହଳଦିଆ ରଙ୍ଗର ତୈଳ ମହଜୁଦ ଥାଏ । ଏହି ତୈଳ ସୁଗନ୍ଧଯୁକ୍ତ ହୋଇଥାଏ ।

### ଚାଷ

ବଚ ଦେଶର ଯେ କୌଣସି ଭାଗରେ ଧାନ ଆଦି ଭଳି ଚାଷ କରାଯାଇପାରେ । ଏଥି ନିମନ୍ତେ ପାଣିର ପ୍ରଚୁର ଆବଶ୍ୟକତା ରହିଥିବାରୁ ଚାଷ କରାଯାଇଥିବା ସ୍ଥାନରେ ଜଳସେଚନ ସୁବିଧା ଥିବା ନିତାନ୍ତ ଜରୁରୀ । ଯଦିଓ ବଚ ସାଧାରଣତଃ ପାଣିଥିବା ସ୍ଥାନରେ ବଢିଥାଏ, ଏହାର ଚାଷ ନିମନ୍ତେ ଆର୍ଦ୍ର ମାଟି ଉପଯୋଗୀ ଅଟେ । ଧାନଚାଷ ହୋଇପାରୁଥିବା ଜମି ଏହି ଚାଷ କରିବା ନିମନ୍ତେ ଉପଯୁକ୍ତ । ଏହା କାଦୁଆ ଦୋରସା ମାଟି ଏବଂ ସାମାନ୍ୟ ପଟୁ ମିଶ୍ରିତ ମାଟିରେ ଭଲ ହୁଏ ।

### ଜଳବାୟୁ

ଏହି ଗଛ ସାଧାରଣତଃ କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଜଳବାୟୁରେ ଭଲ ବଢିଥାଏ । ଏହି ଗଛର ଭଲ ବୃଦ୍ଧି ନିମନ୍ତେ ବର୍ଷ ସାରା ଭଲ ବର୍ଷା ହେଉଥିବା ନିତାନ୍ତ ଜରୁରୀ ଅଟେ ।

### ଗଛ ଲଗାଇବା ସମୟ

ସାଧାରଣତଃ ଏହି ଗଛ ମାର୍ଚ୍ଚରୁ ଏପ୍ରିଲ ମାସ ମଧ୍ୟରେ ଲଗାଇବା ଭଲ । ବର୍ଷର ଯେ କୌଣସି ସମୟରେ ମଧ୍ୟ ଏହି ଗଛକୁ ଲଗାଯାଇପାରେ କିନ୍ତୁ ଯେପରି ଅମଳ ସମୟରେ କନ୍ଦଗୁଡ଼ିକୁ ଶୁଖିବା ନିମନ୍ତେ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ମିଳିପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

### ଜମି ପ୍ରସ୍ତୁତି

ପ୍ରଥମେ ଜମିକୁ ପାଣି ମଡାଇ ଦୁଇ ଓଡ ଭଲ ଭାବରେ ଚାଷକରି ପୁନର୍ବାର ପାଣି ମଡାଇ ହଳ କରିବାକୁ ହୋଇଥାଏ । କିଛି ଦିନ ଛାଡି ଦେଲା ପରେ କାଦୁଅ କରାଯାଏ । ଏହାପରେ ମଇ ସାହାଯ୍ୟରେ କାଦୁଅ ହୋଇଥିବା ଜମିକୁ ସମାନ କରାଯାଏ ।ଏହି କାଦୁଅ ହୋଇଥିବା ଜମିରେ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ମିଶାଇବା ଆବଶ୍ୟକ ।

### ଚାରା

ପୂର୍ବ ବର୍ଷ ଚାଷ ହୋଇଥିବା ବଚର ଶେଷ କିମ୍ବା ଅଗର ଅବଶିଷ୍ଟାଂଶ ଚାରା ଭାବରେ ବ୍ୟବହୃତ ହୋଇଥାଏ । ଅମଳ ବେଳେ କନ୍ଦର ପରିପକ୍ୱ ଅଂଶକୁ କାଟି ବଜାରରେ ବିକ୍ରି କରାଯାଏ ବା ବ୍ୟବହାର କରାଯାଏ । କିନ୍ତୁ କନ୍ଦର ବଢିବା ପଟେ କଅଁଳ ଅଂଶକୁ ଚାରା ହିସାବରେ ବ୍ୟବହାର କରାଯାଏ । ଏହି ଅଂଶକୁ ତୁରନ୍ତ ଲଗାଇଦେବା ଭଲ । ଏହା ବେଶୀ ସମୟ ଧରି

ରଖିଲେ ଖରାପ ହୋଇଯାଏ । ଏହାକୁ ଏକ ସପ୍ତାହ ଭିତରେ ବ୍ୟବହାର କରିନେବା ଉଚିତ୍ । ବାହାରେ ଏହି ଅଂଶକୁ ଶୁଖିଲାପତ୍ର କିମ୍ବା କୁଟା ଘୋଡାଇ ରଖାଯାଇପାରେ । ଯଦି ଏହାକୁ ଏକ ସପ୍ତାହରୁ ଅଧିକ ଦିନ ସାଇତିବାର ଆବଶ୍ୟକତା ପଡେ, ତେବେ ଏକ ଖୋଲା ଗାତରେ ରଖିବା ଭଲ ।

ଗଣ୍ଠି ରୋପଣ

ବଚ କନ୍ଦଗୁଡ଼ିକୁ ଧାଡି ଧାଡି ୩୦ ସେଣ୍ଟିମିଟର ଓ ଗଛକୁ ଗଛ ୩୦ ସେଣ୍ଟିମିଟର ବ୍ୟବଧାନରେ ଲଗାଇବା ଉଚିତ୍ । କନ୍ଦଗୁଡ଼ିକୁ କାଦୁଅ ହୋଇଥିବା ଜମିରେ ମାଟି ତଳକୁ ପ୍ରାୟ ୫ ସେଣ୍ଟିମିଟର ଭିତରକୁ ପୋତିଦେବା ଆବଶ୍ୟକ । ଧାଡିର ଗଛଗୁଡ଼ିକ ସିଧା ବିପରୀତ ଦିଗରେ ରହିଲେ କନ୍ଦଗୁଡ଼ିକ ଠିକ୍ ଭାବରେ ବଢି ପାରେ ନାହିଁ । ଏଣୁ ଏହି କନ୍ଦଗୁଡ଼ିକୁ ଏଭଳି ଭାବେ ଲଗାଇବା ଆବଶ୍ୟକ ଯେପରିକି ପ୍ରଥମ ଧାଡ଼ିର ଗଛର ମଝି ସ୍ଥାନରେ ଦ୍ୱିତୀୟ ଧାଡିର ଗଛ ରହିବ । ଏକର ପିଛା ହାରାହାରୀ ୪୦,୦୦୦ ଖଣ୍ଡ ଗଣ୍ଠି ଲାଗିଥାଏ ।

ଖତସାର

ଗୋଟିଏ ଏକର ଜମିରେ ହାରାହାରୀ ୪ ରୁ ୫ ଟନ୍ ସବୁଜ ଖତ ଏବଂ ୬ ଟନ୍ ପର୍ଯ୍ୟନ୍ତ କମ୍ପୋଷ୍ଟ ମିଶା ଯିବା ଆବଶ୍ୟକ ।

ଜଳସେଚନ

ବଚ ଚାଷ ହୋଇଥିବା ଜମିକୁ ନିୟମିତ ଭାବରେ ଚାଷ କରିବା ଜରୁରୀ । ପ୍ରଥମ ଚାଷ ଅବସ୍ଥାରେ ଜମି ଉପରେ ପ୍ରାୟ ୫ ସେଣ୍ଟିମିଟର ଉଚ୍ଚତାର ପାଣି ଜମି ରହିବା ଆବଶ୍ୟକ । ଗଛ ବଢିବା ସଙ୍ଗେ ସଙ୍ଗେ ଜମିରେ ଜଳସ୍ତରର ଉଚ୍ଚତା ୧୦ ସେଣ୍ଟିମିଟରକୁ ବୃଦ୍ଧି ପାଇବା ଉଚିତ୍ ।

ଘାସବଛା

ଜମିରେ ନିୟମିତ ଭାବରେ ଘାସ ଓ ଅନାବନା ଗଛ ବାଛି ଦେବା ଜରୁରୀ । ଚାଷ ମଧ୍ୟରେ ୭ ରୁ ୮ ଥର ଘାସ ବାଛିବାକୁ ହୋଇଥାଏ । ପ୍ରତ୍ୟେକ ଥର ଘାସ ବାଛିବା ସମୟରେ ଗଛର ମୂଳଗୁଡ଼ିକୁ ହାଲକା ଭାବରେ ମାଟି ଭିତରକୁ ଦବେଇ ଦିଆଯାଏ ।

ରୋଗପୋକ ନିୟନ୍ତ୍ରଣ

ସାଧାରଣତଃ ବଚ ଗଛରେ କୌଣସି ବଡ ଧରଣର ରୋଗପୋକ ଲାଗନ୍ତି ନାହିଁ । କେତେକ କ୍ଷେତ୍ରରେ ପତ୍ରଦାଗ ଆଦି ରୋଗ ନିମନ୍ତେ ଗୋମୂତ୍ର ଓ ନିମ୍ବରୁ ପ୍ରସ୍ତୁତି କୀଟନାଶକ ବ୍ୟବହୃତ ହୋଇଥାଏ । ରୋଗପୋକ ନିୟନ୍ତ୍ରଣ ନିମନ୍ତେ ନିମ୍ବମଞ୍ଜି, ନିମ୍ବ ତେଲ, ନିମ୍ବପତ୍ର କିମ୍ବା ନିମ୍ବଛାଲି ବ୍ୟବହାର କଲେ ସୁଫଳ ମିଳିଥାଏ ।

ଅମଳ

ଏହି କନ୍ଦଗୁଡ଼ିକ ପ୍ରାୟ ବର୍ଷକପରେ ଅମଳ ଯୋଗ୍ୟ ହୋଇଥାନ୍ତି । ଅମଳ ପୂର୍ବରୁ ଜମିକୁ ଆଂଶିକ ଭାବରେ ଶୁଖିବାକୁ ଦିଆଯାଏ ଯେପରିକି ଖୋଳିବା ନିମନ୍ତେ ସୁବିଧା ହେବ । ପତ୍ରଗୁଡ଼ିକ ହଳଦିଆ ଏବଂ ଶୁଖିଲା ହୋଇଗଲା ପରେ ଗଛ ଅମଳ ଯୋଗ୍ୟ ହେଲା ବୋଲି ଜଣାପଡିଥାଏ । କନ୍ଦଗୁଡିକ ହାରାହାରି ୩୦ରୁ ୬୦ ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ ଏବଂ ୫୦ ରୁ ୬୦ ସେଣ୍ଟିମିଟର ଗଭୀରରେ ରହିଥାଏ । ଏଣୁ ଅମଳ ଅତ୍ୟନ୍ତ ଯତ୍ନ ସହକାରେ କରିବାକୁ ହୋଇଥାଏ । କନ୍ଦଗୁଡ଼ିକ ଖୋଳିବା ପରେ ୫ ରୁ ୭.୫ ସେଣ୍ଟିମିଟର ଲମ୍ବର ଖଣ୍ଡ କରି କଟାଯାଏ । ଏଥିରେ ଲାଗିଥିବା ଚେରଗୁଡ଼ିକୁ ଅଲଗା କରାଯାଏ । ଏହାପରେ ଏହି ଖଣ୍ଡଗୁଡ଼ିକୁ ଧୋଇ ଖରାରେ ଶୁଖାଇ ଦିଆଯାଏ । ଗୋଟିଏ ଏକର ଜମିରୁ ହାରାହାରୀ ୪୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ କନ୍ଦ ଅମଳ ହୋଇଥାଏ । ଅମଳ ପରେ ଅଖା ବସ୍ତାରେ ଘୋଡାଇ କରି ଏହାକୁ ରଖାଯାଏ ।

ଏହାପରେ ଘଷି ଘଷି ଉପର ଚୋପା ଛଡାଯାଇଥାଏ । ତଟକା କନ୍ଦରୁ ହାରାହାରୀ ୧ରୁ ୨ ପ୍ରତିଶତ ଶୁଖିଲା କନ୍ଦ ଏବଂ ୩ ରୁ ୩.୫ ପ୍ରତିଶତ ଆବଶ୍ୟକୀୟ ତୈଳ ମିଳିଥାଏ । ଏହି ତୈଳର ସ୍ୱାଦ ତିକ୍ତ ଅଟେ । ଏହି କନ୍ଦଗୁଡ଼ିକୁ ଶୁଖାଇବା ପୂର୍ବରୁ ଚୋପାଛଡାଇବା ଉଚିତ୍ ନୁହେଁ । କାରଣ ଚୋପା ଛେଲି ଦେଲେ ବାଷ୍ପୀକରଣ ପ୍ରକ୍ରିୟାରେ ପ୍ରଚୁର ତୈଳଅଂଶ ନଷ୍ଟ ହୋଇଯାଏ । ଶୁଖିଲା, ଚୋପା ଛଡା ହୋଇନଥିବା କନ୍ଦରୁ ଭଲ ତୈଳ ମିଳିଥାଏ ।

ଆୟବ୍ୟୟ

ଗୋଟିଏ ହେକ୍ଟର ବଚ ଚାଷ କରିବା ନିମନ୍ତେ ପ୍ରାୟ ଷାଠିଏ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । କିଣିବା ବ୍ୟୟ ସାପେକ୍ଷ ଅଟେ । ଏରୁ ପ୍ରଥମ ବର୍ଷ ବଚ ଚାଷରେ ଅଧିକ ଖର୍ଚ୍ଚ ହୋଇଥାଏ । ପରବର୍ତ୍ତୀ ବର୍ଷମାନଙ୍କରେ କନ୍ଦ/ଗଣ୍ଠି କିଣିବାକୁ ପଡୁନଥିବାରୁ ଖର୍ଚ୍ଚ ଅପେକ୍ଷାକୃତ କମ୍ ଖର୍ଚ୍ଚ ହୋଇଥାଏ । ଏକ ହେକ୍ଟରରୁ ହାରାହାରୀ ୧୦୦ କ୍ୱିଣ୍ଟାଲ କନ୍ଦ ଉତ୍ପାଦନ ହେଉଥିବାରୁ ଏହାର ବିକ୍ରୟ ମୂଲ୍ୟ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ଏଣୁ ପ୍ରଥମ ବର୍ଷ ଲାଭ କମ୍ ହେଲେ ମଧ୍ୟ ପରବର୍ତ୍ତୀ ବର୍ଷମାନଙ୍କରେ ଅଧିକ ଲାଭ ହୋଇଥାଏ ।

ବିକ୍ରୟ ବ୍ୟବସ୍ଥା

ଆମ ରାଜ୍ୟ ଓ ରାଜ୍ୟ ବାହାରେ ଅନେକ ବ୍ୟବସାୟୀ ଔଷଧ ନିର୍ମାତା ଏବଂ ରପ୍ତାନୀକାରୀ ବଚକ୍ରୟ କରିଥାନ୍ତି । ଅନେକ କ୍ଷେତ୍ରରେ ଚାଷ ନିମନ୍ତେ ବଚ କନ୍ଦ ଯୋଗାଇଥିବା ଚାଷୀ/ଫାର୍ମମାନେ ଏହାକୁ ଅମଳ ପରେ କ୍ରୟ କରି ନିଅନ୍ତି ।

# ଲଘୁବନଜାତ ଦ୍ରବ୍ୟ ପରିଚାଳନା କର୍ମଶାଳା

ଗୋଲାମୁଣ୍ଡା ବ୍ଲକ ସଭାଗୃହଠାରେ ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ ଓ ତାର ପରିଚାଳନା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟକ କରିଥିଲେ । କର୍ମଶାଳାରେ ଆରସିଡିସି ଭବାନୀପାଟଣାରୁ ଜି.ଏସ୍.ରାଓ ଯୋଗ ଦେଇଥିବା ବେଳେ ଗୋଲାମୁଣ୍ଡା ପଞ୍ଚାୟତ ସମିତିର ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଶ୍ରୀଧର ପଣ୍ଡା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲାମୁଣ୍ଡା ବ୍ଲକ ଅଧିନସ୍ଥ ସମସ୍ତ ପଞ୍ଚାୟତର ସରପଞ୍ଚ ତଥା ଏକଜିକିଉଟିଭ୍ ଅଫିସରଙ୍କ ସମେତ ଗୋଲାମୁଣ୍ଡା ଜଙ୍ଗଲ ମଞ୍ଚ ସଭାପତି ଭବାନୀ ଶଙ୍କର ରାଉତ, ଲୋକ ସହଯୋଗ ସଂପାଦକ ଦୂର୍ଗେଶ୍ୱର ରଣା, ସଂପର୍କ ସଂପାଦକ ଶ୍ରୀ ବିଭୁତି ଭୁଷଣ କାଣ୍ଡ, ଭିଜନ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ଦାସ, ସାମ୍ବାଦିକ ଶ୍ରୀ ଦାମୋଦର ଦାସ ଓ ଶ୍ରୀ ଶରତ କୁମାର ସରାପ ଉପସ୍ଥିତ ଥିଲେ । 'ଜନଜାଗରଣ' ମୁଖ୍ୟ ପରିଚାଳକ ଶ୍ରୀ ଜୟ ଶଙ୍କର ସଭା ପରିଚାଳନା କରିଥିଲେ ।

ଉଦ୍‌ଘାଟନୀ ଉତ୍ସବ ପରେ ଶ୍ରୀ ଜୟଶଙ୍କର ସରାପ ଉପସ୍ଥିତ ଲୋକମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ । ଉପସ୍ଥିତ ସଭ୍ୟମାନଙ୍କର ପରିଚୟ ପ୍ରଦାନ ପରେ କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରି କହିଥିଲେ ଯେ, ଆଜି କର୍ମଶାଳା ଆୟୋଜନ କରିବାର ଉଦ୍ଦେଶ୍ୟ ହେଉଛି ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା ଲଘୁ ବନଜାତ ଦ୍ରବ୍ୟର ପରିଚାଳନାର ବିଭିନ୍ନ ଦିଗ ଉପରେ ଦୃଷ୍ଟିପାତ କରିବା ।

ଆଲୋଚନା ପ୍ରସଙ୍ଗରେ କୁହାଯାଇଥିଲା ଯେ ୨୦୦୦ ମସିହାରେ ସରକାର ୬୮ଟି ଜିନିଷକୁ ଲଘୁ ବନଜାତ ଦ୍ରବ୍ୟ ଭାବେ ଘୋଷଣା କରିଥିଲେ । ଏସବୁ ଜିନିଷ ଜଙ୍ଗଲକୁ ସଂଗ୍ରହ କରିବାରେ କୌଣସି ଆଇନଗତ ବାଧା ନାହିଁ । ଜିନିଷ ବ୍ୟବସାୟ କରିବା ପାଇଁ ପଞ୍ଚାୟତରେ ଆବେଦନ କରିବା କଥା । ଏସବୁ ଜିନିଷ ପ୍ରକ୍ରିୟାକରଣ ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ କରିପାରିବେ । ପ୍ରଥମେ ଏସବୁ ଜିନିଷ ସଂଗ୍ରହ ଓ ବ୍ୟବସାୟ ଜଙ୍ଗଲ ବିଭାଗ କରୁଥିଲା ପରେ ଏସବୁ ଦାୟିତ୍ୱ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଦିଆଗଲା । କିନ୍ତୁ ଏହି କିଛି ମାସ ତଳେ ଏକ ଜିଲ୍ଲା ସ୍ତରୀୟ ବୈଠକରେ କଳାହାଣ୍ଡି ଡ଼ିଏଫ୍‌ଓ କହିଥିଲେ ଯେ ଏସବୁ ଜିନିଷର ଦାୟିତ୍ୱ ପଞ୍ଚାୟତିରାଜ ସଂସ୍ଥାକୁ ଦେବା ଦ୍ୱାରା ୧୬କୋଟି ଟଙ୍କା କ୍ଷତି ହୋଇଛି ବୋଲି ଭିଜନ୍‌ର ନିର୍ଦ୍ଦେଶକ ଶ୍ରୀ ସରୋଜ ଦାସ କହିଥିଲେ ।

ବ୍ୟବସାୟୀମାନେ କଞ୍ଚା ଅଁଳାକୁ ୭୨ ଘଣ୍ଟା ମଧ୍ୟରେ ପ୍ରକ୍ରିୟାକରଣ ନକଲେ ତାର ଔଷଧୀୟ ଗୁଣ ନଷ୍ଟ ହେଉଛି ବୋଲି କହିବାରୁ ସଂଗ୍ରହକାରୀମାନେ ଅଁଳା ଓ ଚାର ଗଛର ଡ଼ାଳ ଭାଙ୍ଗି ସଂଗ୍ରହ କରୁଛନ୍ତି ଯାହା ଫଳରେ ଗଛ ନଷ୍ଟ ହେବା ସଙ୍ଗେ ସଙ୍ଗେ ଜଙ୍ଗଲ ଧ୍ୱଂସ ହେଉଛି ।

ମୂଲ୍ୟ ନିର୍ଦ୍ଧାରଣ ପୂର୍ବରୁ ସରପଞ୍ଚମାନେ ସ୍ଥାନୀୟ ବ୍ୟବସାୟୀ, ୱାର୍ଡମେମ୍ବର, ସମିତି ସଭ୍ୟାଙ୍କ ସହିତ ପୂର୍ବ ବର୍ଷର ମୂଲ୍ୟକୁ ଆଖି ଆଗରେ ରଖି ଆଲୋଚନା କରିବା କଥା ମୂଲ୍ୟ ନିର୍ଦ୍ଧାରଣ ପରେ ୱାର୍ଡମେମ୍ବର, ବ୍ୟବସାୟୀ, ସଂଗ୍ରହକାରୀଙ୍କୁ ଜଣେଇବା ସହିତ ପଞ୍ଚାୟତ ସମିତିକୁ ମଧ୍ୟ ଏବିଷୟରେ ଅବଗତ କରିବା ଉଚିତ । ଯଦି କୌଣସି ଜିନିଷର ମୂଲ୍ୟ ନିର୍ଦ୍ଧାରଣ ପରେ ଜିନିଷର ମୂଲ୍ୟ କମିଯାଇଥାଏ ତାହେଲେ ପୁଣି ଥରେ ପଞ୍ଚାୟତ ବୈଠକରେ କିମ୍ବା ପଲ୍ଲୀସଭା/ଗ୍ରାମସଭା ଡ଼ାକି ସେଥିରେ ମୂଲ୍ୟ ନିରୂପଣ କରି ପଞ୍ଚାୟତ ସମିତିକୁ ପୁଣି ଥରେ ଜଣେଇବାକୁ ପଡ଼ିଥାଏ । ଅକ୍ଟୋବର ମାସ ଶେଷ ସୁଦ୍ଧା ମୂଲ୍ୟ ନିର୍ଦ୍ଧାରଣ କରି ପଞ୍ଚାୟତ ସମିତିକୁ ଜଣେଇ ଦେବା ଉଚିତ ବୋଲି ସେ କହିଥିଲେ ।

ମୂଲ୍ୟ ନିର୍ଦ୍ଧାରଣ ପରେ ବେପାରୀମାନଙ୍କଠାରୁ ୧୦୦ ଟଙ୍କା ନେଇ ସରପଞ୍ଚମାନେ ଲାଇସେନ୍‌ସ ଦେଇଥାନ୍ତି । କିନ୍ତୁ ନୁଆଗାଁ ସରପଞ୍ଚ ଶ୍ରୀ ଭୋଇ ବାବୁ କହିଥିଲେ ଯେ ବ୍ୟବସାୟୀମାନେ ୧୦୦ଟଙ୍କା ଦେଇ ଲାଇସେନ୍‌ସ ନେବା ପରେ ସେମାନେ ହଜାର ହଜାର ଟଙ୍କାର ଲାଭ ପାଆନ୍ତି । ଆଲୋଚନାରେ ଅନେକ ମତ ଦେଇଥିଲେ ଯେ, ଯେତେବେଳେ ସେମାନଙ୍କୁ ଲାଇସେନ୍‌ସ ଦିଆଯାଉଛି ସେତେବେଳେ ସରପଞ୍ଚମାନେ ନିଷ୍ପତ୍ତି କରିପାରିବେ । ଉଦାହରଣ ସ୍ୱରୂପ ପଞ୍ଚାୟତିରାଜ ସଂସ୍ଥାମାନେ ଯଦି କହିବେ ଯେ ୧୦୦ଟଙ୍କା ଫିସ୍ ଦେଲେ ସେମାନେ ୧ କ୍ୟୁଣ୍ଟାଲ କିଣି ପାରିବେ । ହେଲେ ବେପାରୀ ଯେତେ କ୍ୟୁଣ୍ଟାଲ କିଣିବ ସେତିକିଟି ଶହେ ଟଙ୍କା ଦେବ ବୋଲି ନିଷ୍ପତ୍ତି ନେଇ ପାରିବେ । ଆହୁରି ମଧ୍ୟ ଅଂଶଗ୍ରହଣକାରୀମାନେ କହିଥିଲେ ଯେ ଜଣେ ବ୍ୟବସାୟୀ ମହୁଲ ଫୁଲ ବ୍ୟବସାୟ ପାଇଁ ଲାଇସେନ୍‌ସ କରିଥାଏ ତାହେଲେ ସେ କେବଳ ସେହି ଗୋଟିଏ ଜିନିଷ କିଣି ପାରିବ । ଯଦି ସେ ଅନ୍ୟ ଜିନିଷ କିଣିବା ପାଇଁ ଚାହେଁ ତାହେଲେ ସେହି ଜିନିଷ ପାଇଁ ପୁଣି ଶହେ ଟଙ୍କା ଦେଇ

ତାକୁ ଲାଇସେନ୍ସ ଦେବାକୁ ପଡ଼ିବ । ଯେଉଁ ଲୋକ ନାଁରେ ଲାଇସେନ୍ସ ହୋଇଛି ସେହି ଲୋକ ହିଁ କିଣି ପାରିବ ସେହି ଲାଇସେନ୍ସରେ ଅନ୍ୟ ଲୋକମାନେ କିଣି ପାରିବେ ନାହିଁ । ବେପାରୀମାନଙ୍କଠାରୁ ରୟାଲଟି ନେବା କଥା ମଧ୍ୟ ଆଲୋଚନା ହୋଇଥିଲା ।

ଲଘୁ ବନଜାତ ଦ୍ରବ୍ୟକୁ ବାଦ୍‌ଦେଲେ, ଶାଳମଞ୍ଜି, ବାଉଁଶ, କେନ୍ଦୁପତ୍ର ଏସବୁରୁ ଅଧିକ ରାଜସ୍ୱ ମିଳିଥାଏ ଏବଂ ଏହାର ମାଲିକାନା ଜଙ୍ଗଲ ବିଭାଗ ପାଖରେ ରହିଛି । ଏଣୁ କେନ୍ଦପତ୍ର ଓ ବାଉଁଶ ନହେଲେ ବି ଶାଳମଞ୍ଜିର ମାଲିକାନା କେମିତି ପଞ୍ଚାୟତ ହାତକୁ ଆସିବ ସେଥିପାଇଁ ସରପଞ୍ଚମାନେ ପଦକ୍ଷେପ ନେବା ଉଚିତ ଏବଂ ଏହା ପଞ୍ଚାୟତ ସ୍ତରରେ ହିଁ ଆରମ୍ଭ କରାଯାଇ ପାରିବ । ପଞ୍ଚାୟତ ଦ୍ୱାରା ବନଜାତ ଦ୍ରବ୍ୟର ସଠିକ୍ ପରିଚାଳନା ଦ୍ୱାରା ଯେଉଁ ଲୋକମାନଙ୍କ ଜମି ବାଡ଼ି ନାହିଁ, ମଜୁରୀ ପାଉ ନାହାନ୍ତି ସେମାନେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ୬ ରୁ ୮ ମାସ ତାଙ୍କର ଜିବୀକା ନିର୍ବାହ କରିପାରୁଛନ୍ତି । ତତ୍ ସହିତ ପଞ୍ଚାୟତରେ ରାଜସ୍ୱ ମଧ୍ୟ ବଢୁଛି ବୋଲି ମତ ପ୍ରକାଶ ପାଇଥିଲା । ସଂଗ୍ରହକାରୀମାନେ ଜିନିଷର ସଠିକ୍ ମୂଲ୍ୟ ଜାଣି ପାରୁନଥିବାରୁ ବେପାରୀମାନେ ଲୁଣ ବଦଳରେ ମହୁଲ ଫୁଲ ଓ ଭୁଇଁନିମ୍ବ ଦେଉଥିବା କଥା ମଧ୍ୟ ଚର୍ଚ୍ଚା ପରିସରକୁ ଆସିଥିଲା ।

ସରପଞ୍ଚମାନଙ୍କଠାରୁ ବ୍ୟବସାୟୀମାନେ କେବଳ ମହୁଲ ଫୁଲ ବ୍ୟବସାୟ ପାଇଁ ଲାଇସେନ୍ସ କରୁଥିଲେ ବର୍ତ୍ତମାନ ସେମାନେ ମଧ୍ୟ ପଞ୍ଚାୟତରେ ଲାଇସେନ୍ସ କରିବା ପାଇଁ ରାଜି ନୁହଁନ୍ତି । କାରଣ ଯେତେବେଳେ ସେମାନେ ମହୁଲ ଫୁଲ କିଣୁଛନ୍ତି ତାଙ୍କଠାରେ ଯଦି ୧୫ କିଲୋଗ୍ରାମ ରୁ ଅଧିକ ଥାଏ ତାହେଲେ ଅବକାରୀ ବିଭାଗ ତାହାକୁ ଜବତ କରୁଛନ୍ତି ଏବଂ ହଇରାଣ କରୁଛନ୍ତି ବୋଲି କେତେକ ସରପଞ୍ଚ ଯଦି ଆମେ ଆମ ଅଧିକାର କଥା ଚିନ୍ତା କରୁଛେ, ତାହେଲେ ଆମକୁ ସଂଗଠିତ ହେବାକୁ ପଡ଼ିବ । ସରକାରଙ୍କ ଯେଉଁ ନିତି ନିୟମ ଆମକୁ ଅଡୁଆରେ ପକାଉଛି ତାର ସଂଶୋଧନ ପାଇଁ ଗ୍ରାମସଭା କିମ୍ବା ପଲ୍ଲୀସଭାରେ ଆଲୋଚନା କରି ପ୍ରତ୍ୟେକ ପଞ୍ଚାୟତ ରୁ ପଞ୍ଚାୟତ ସେକ୍ରେଟାରୀ ଭୁବନେଶ୍ୱରକୁ ପଠେଇବା ଉଚିତ । ଏମିତି ଭାବେ ଯଦି ପ୍ରତି ପଞ୍ଚାୟତରୁ, ପ୍ରତି ବ୍ଲକ୍‌ରୁ ଏବଂ ପ୍ରତି ଜିଲ୍ଲାରୁ ଯିବ ତାହେଲେ ସେହି ନିୟମର ସଂଶୋଧନ ପାଇଁ ସରକାର ବାଧ୍ୟ ହେବେ । ଏମିତି ଭାବେ ଲେଖି ପଠେଇବା ପ୍ରକ୍ରିୟା ମଧ୍ୟ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼, ଏମ୍.ରାମପୁର ଓ ନୂଆପଡ଼ ଜିଲ୍ଲାର ସିନାପାଲି ଓ ବୋଡେନ ବ୍ଲକରୁ ଆରମ୍ଭ ହୋଇସାରିଛି । ଏଥିପାଇଁ ଆମର ସ୍ଥାନୀୟ ସାମ୍ବାଦିକମାନଙ୍କ ମଧ୍ୟ ସାହାଯ୍ୟ ନିଆଯାଇ ପାରିବ । ସାମ୍ବାଦିକ ବନ୍ଧୁମାନେ ମଧ୍ୟ ଗୋଟିଏ ସମସ୍ୟାକୁ ଥରେ ପ୍ରକାଶ କରି ରହିଗଲେ ତାର କିଛି ଫଳାଫଳ ହେବ ନାହିଁ, ସେହି ସମସ୍ୟାକୁ ସେମାନେ ବାରମ୍ବାର ଯଦି ଲୋକାଲୋଚନକୁ ଆଣି ପାରିବେ ସରକାରଙ୍କ ଦୃଷ୍ଟି ଗୋଚର କରାଇବେ ତା ହେଲେ ମଧ୍ୟ ସରକାର ନିଶ୍ଚୟ ପ୍ରଭାବିତ ହେବେ ଏବଂ ଏଥିପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେବାକୁ ସାମ୍ବାଦିକ ବନ୍ଧୁମାନଙ୍କୁ ମଧ୍ୟ ଅନୁରୋଧ କରାଯାଇଥିଲା ।

ଔଷଧୀୟ ବୃକ୍ଷ ରୋପଣ ଉପରେ ଆଲୋଚନାରେ ପଞ୍ଚାୟତ ଅଧିନସ୍ଥ ୭୦ ଏକର ପର୍ଯ୍ୟନ୍ତ ସରକାରୀ ଜମିରେ ଔଷଧୀୟ ବୃକ୍ଷ ରୋପଣ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ଯଦି କୌଣସି ସରପଞ୍ଚ ଚାହୁଁଥାନ୍ତି ତାହେଲେ ବିନା ଖର୍ଚ୍ଚରେ ଆର୍‌ସିଡିସି ତରଫରୁ ତାଲିମ ମଧ୍ୟ ଦିଆଯାଇ ପାରିବ ଏବଂ ଆବଶ୍ୟକୀୟ ଖର୍ଚ୍ଚ ପାଇଁ ବ୍ୟାଙ୍କ ମଧ୍ୟ ସହାୟତା ଦେବ ବୋଲି କହିଥିଲେ । ଏହାପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ନାଥ କହିଥିଲେ ଯେ ଆଜି ଉକ୍ତ କର୍ମଶାଳା ମାଧ୍ୟମରେ ଲଘୁ ବନଜାତ ଦ୍ରବ୍ୟ ବିଷୟରେ ବହୁତ କିଛି ଜାଣି ପାରିଛୁ । ତେଣୁ କର୍ମଶାଳାର ଆୟୋଜନ ନିମନ୍ତେ କୃତଜ୍ଞତା ଜଣେଇଥିଲେ । ସେ କହିଥିଲେ ଯେ ୧୯୮୧ ମସିହାରେ ପ୍ରଥମେ ଲଘୁ ବନଜାତ ଦ୍ରବ୍ୟ ଉପରେ ଆଇନ ହୋଇଥିଲା । ଏହା କେବଳ ଜଙ୍ଗଲ ବିଭାଗ ପାଖରେ ସୀମିତ ଥିଲା । ପରେ ପଞ୍ଚାୟତର ୨୭ ଧାରା ଅନୁସାରେ ପଞ୍ଚାୟତକୁ ସମସ୍ତ ଦାୟିତ୍ୱ ଦିଆଗଲା ଏବଂ ଏହାର କେତେକ ନୀତି ନିୟମକୁ କୋହଳ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅନୁସାରେ ଆଇନ ପ୍ରଣୟନ କରାଗଲା । ଏହାର ପରିଚାଳନା ପାଇଁ ଜିଲ୍ଲାସ୍ତରରେ ଏକ କମିଟି ମଧ୍ୟ ଗଠନ କରାଗଲା । ସେ କହିଥିଲେ ଯେ ସରପଞ୍ଚ କହିଲେ ଯେ ଆମର କ୍ଷମତା ନାହିଁ କିନ୍ତୁ ସେଇଟା ଭୁଲ୍ ଧାରଣା, ଆପଣଙ୍କ ପାଖରେ ସବୁ ପ୍ରକାର କ୍ଷମତା ଅଛି କିନ୍ତୁ ସେହି କ୍ଷମତା ଆପଣମାନେ ଠିକ୍ ସମୟରେ ବ୍ୟବହାର କରିନପାରି ଏକଥା କହୁଛନ୍ତି । ଏଣୁ ଆମେ ଯଦି ସଚେତନ ହେବା, ଶିକ୍ଷା ପାଇବା ଏବଂ ତାର ବ୍ୟବହାର ଯଦି ଠିକ୍ ଭାବେ କରିବା ତା'ହେଲେ ଆମର କୌଣସି ଅସୁବିଧା ହେବନାହିଁ । ଶେଷରେ କର୍ମଶାଳାରେ ଆଲୋଚିତ ସମସ୍ୟାକୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବା ପାଇଁ ସାମ୍ବାଦିକମାନଙ୍କୁ ଅନୁରୋଧ କରାଯାଇଥିଲା ଏବଂ ଆସନ୍ତା ପଞ୍ଚାୟତ ସମିତି ବୈଠକରେ ସମସ୍ତ ପଞ୍ଚାୟତରୁ ସରପଞ୍ଚମାନେ ପଲ୍ଲୀସଭା ଓ ଗ୍ରାମସଭାରେ ଲଘୁ ବନଜାତ ଦବ୍ୟର ମୂଲ୍ୟ ନିର୍ଦ୍ଧାରଣ କରି ଉପସ୍ଥାପନ କରିବାକୁ କରିଥିଲେ ।

ଶେଷର କର୍ମଶାଳାର ପରିଚାଳକ ଶ୍ରୀ ଜୟଶଙ୍କର ସରାପ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାର ସମାପନ କରିଥିଲେ ।

▣

# ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟଯୋଗ ଓ ପ୍ରକ୍ରିୟାକରଣ କର୍ମଶାଳା

ଅଣକାଷ୍ଠ ବନଜାତ ଦ୍ରବ୍ୟର ମୂଲ୍ୟଯୋଗ ଓ ପ୍ରାଥମିକ ପ୍ରକ୍ରିୟାକରଣ ନିମନ୍ତେ ଗତ ୧୦୦୫ ମସିହା ନଭେମ୍ବର ମାସ ୧୭ ଓ ୧୮ ତାରିଖରେ ଖରିଆଲ୍‌ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାଟିକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ "ସୃଷ୍ଟି" ତରଫରୁ ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ସହ ଜଡିତ ସମସ୍ତ ବର୍ଗର ଲୋକମାନେ ଉପସ୍ଥିତ ଥିଲେ । ଏଥିରେ ବେସରକାରୀ ସଂଗଠନ, ସ୍ୱୟଂ ସହାୟକ ସଂଘ, ବ୍ୟବସାୟୀ, ଆୟୁର୍ବେଦ ଔଷଧ ପ୍ରସ୍ତୁତକାରୀ ଏବଂ ଚିକିତ୍ସକ, ବ୍ୟାଙ୍କ୍ କର୍ମକର୍ତ୍ତା ଏବଂ ଜଙ୍ଗଲ ଓ ପଞ୍ଚାୟତ ବିଭାଗର ସରକାରୀ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି ସେମାନଙ୍କର ସୁନିଶ୍ଚିତ ମତାମତ ଉପସ୍ଥାପନ କରିଥିଲେ ।

ଖରିଆର ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀ ଜି.ରାଜେଶ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କର୍ମଶାଳାଟିକୁ ଉଦ୍‌ଘାଟନ କରିଥିଲେ । ଏହାପରେ "ସୃଷ୍ଟି" ଅନୁଷ୍ଠାନରେ ବିଶ୍ୱଜିତ୍ ପାଢୀ ସ୍ୱାଗତ୍‌ଭାଷଣ ଦେବା ସଙ୍ଗେ ସଙ୍ଗେ କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ସେ କହିଥିଲେ ଯେ ପ୍ରାଥମିକ ସ୍ତରରେ ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ କରାଯାଇ କିଭଳି ପ୍ରାଥମିକ ସଂଗ୍ରହକାରୀ ଏବଂ ଜଙ୍ଗଲ ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି ସଙ୍ଗେ ସଙ୍ଗେ ସଂଗୃହୀତ ଦ୍ରବ୍ୟର ଗୁଣମାନ ଉନ୍ନତ କରାଯାଇପାରିଛି । ସେଥି ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଅଛି । ଏହି ପ୍ରକ୍ରିୟାକରଣ ଓ ମୂଲ୍ୟଯୋଗ କାର୍ଯ୍ୟରେ ଥିବା ବିଭିନ୍ନ ସୁବିଧା ସ ଅସୁବିଧା ସମ୍ବନ୍ଧରେ ମଧ୍ୟ ଏହି କର୍ମଶାଳା ମାଧ୍ୟମରେ ଆଲୋକପାତ କରାଯିବ ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନା ସଂପର୍କରେ ମତାମତ ଦେଇ "ବସୁନ୍ଧରା" ବେସରକାରୀ ସଂଗଠନର ରେଖା ପାଣିଗ୍ରାହୀ ପରିବର୍ତ୍ତିତ ଆଇନ୍ ଅନୁଯାୟୀ ପଞ୍ଚାୟତର ଭୂମିକା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଯଦିଓ ସର୍ବନିମ୍ନ ସଂଗ୍ରହ ମୂଲ୍ୟ ପଞ୍ଚାୟତସ୍ତରରେ ସଭାକରି ଏହି ସଂଗ୍ରହ ମୂଲ୍ୟଗୁଡ଼ିକୁ ପରିବର୍ତ୍ତନ କରିପାରିବେ । ଏହି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ବନଖଣ୍ଡ ଅଧିକାରୀ, ଟିଡିସିସି, ଓଏଫ୍‌ଡିସିର କର୍ମକର୍ତ୍ତାମାନେ ସାମିଲ ହୋଇ ଏକ ଫଳପ୍ରଦ ମୂଲ୍ୟ ନିର୍ଦ୍ଧାରଣରେ ସହାୟକ ହେବେ । ବ୍ୟବସାୟୀମାନେ ସେମାନେ ମାସିକ ସଂଗ୍ରହର ତଥ୍ୟ ପଞ୍ଚାୟତରେ ଦାଖଲ କରିବେ ଏବଂ ପଞ୍ଚାୟତମାନେ ଏହି ତଥ୍ୟକୁ ଏକାଠି କରି ଏକ ବାର୍ଷିକ ବିବରଣୀ ବନଖଣ୍ଡ ଅଧିକାରୀଙ୍କ ନିକଟରେ ଦାଖଲ କରିବା ଉଚିତ୍ । ପ୍ରାଥମିକ ସଂଗ୍ରହକାରୀମାନଙ୍କୁ କିଭଳି ସଠିକ୍ ମୂଲ୍ୟ ମିଳିପାରିବ ସେଥିନିମନ୍ତେ ପଞ୍ଚାୟତ ଅନୁଷ୍ଠାନମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ଖରିଆର ବନଖଣ୍ଡର ବନଖଣ୍ଡ ଅଧିକାରୀ ନୂଆପଡ଼ା ଜିଲ୍ଲାରେ ଅଣକାଷ୍ଠ ବନଜାତ ଦ୍ରବ୍ୟର ଚିତ୍ର ଉପସ୍ଥାପନ କରି କହିଥିଲେ ଯେ, ନୂଆପଡ଼ା ଜିଲ୍ଲାର ଜଙ୍ଗଲ ଅଞ୍ଚଳ ମୁଖ୍ୟତଃ ଖରିଆର, ବୋଡେନ୍ ଓ ସିନାପାଲି ବ୍ଲକ୍ ଅଞ୍ଚଳରେ ଅଛି । ଏହାଛଡା କୋମନା ବ୍ଲକ୍‌ର ସୁନାବେଡା ଅଞ୍ଚଳରେ ଜଙ୍ଗଲ ଅଛି । ଏହି ଅଞ୍ଚଳରେ ବ୍ୟବସାୟ ଯୋଗ୍ୟ ୧୫ ରୁ ୨୦ ପ୍ରକାର ଅଣକାଷ୍ଠ ବନଜାତ ଦ୍ରବ୍ୟ ବିକ୍ରିରୁ ଅଧିକ ମୂଲ୍ୟ ପାଇବାକୁ ହେଲେ ଏହି ଦ୍ରବ୍ୟଗୁଡ଼ିକୁ କିଛି ଦିନ ପର୍ଯ୍ୟନ୍ତ ସାଇତି ରଖିବାକୁ ପଡିବ । ବଜାରରେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିଲେ ଏହାକୁ ବିକ୍ରି କରାଯିବ । ଏଥି ନିମନ୍ତେ ଗୋଦାମ ଘରର ଆବଶ୍ୟକତାକୁ ଚାହିଁ ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ୪୩ଟି ଗୋଦମଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ନିର୍ମାଣ କରାଯାଇଅଛି । ସେ କହିଥିଲେ ଯେ ବନ ବିଭାଗ ନିକଟରେ ଥିବା ଉତ୍ପାଦନର ତଥ୍ୟ ପ୍ରକୃତ କେତେ ଦ୍ରବ୍ୟ ମିଳିପାରିବ ତାର ଅଟକଳ ନୁହେଁ । ନୂଆପଡ଼ା ଜିଲ୍ଲାରେ ପ୍ରକୃତ କେତେ ମାତ୍ରାରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ମିଳିପାରିବ ତାର ଆକଳନ ନିମନ୍ତେ ଏକ ସ୍ୱତନ୍ତ୍ର ସର୍ବେକ୍ଷଣ ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟ ନିମନ୍ତେ ବେସରକାରୀ ସଂଗଠନମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି ବୋଲି ସେ ଦର୍ଶାଇଥିଲେ ।

ପଞ୍ଚାୟତମାନଙ୍କୁ କ୍ଷମତା ହସ୍ତାନ୍ତରର ସୁଫଳ ପ୍ରାଥମିକ ସଂଗ୍ରହକାରୀମାନଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚି ପାରିନାହିଁ । ଅନେକ କ୍ଷେତ୍ରରେ ପଞ୍ଚାୟତମାନେ ସେମାନଙ୍କର କ୍ଷମତା ଉପଯୋଗ କରିପାରୁନାହାଁନ୍ତି । ଏଥି ନିମନ୍ତେ ପଞ୍ଚାୟତ କର୍ମକର୍ତ୍ତାମାନଙ୍କର କ୍ଷମତା ବୃଦ୍ଧି ନିମନ୍ତେ ତାଲିମର ଆବଶ୍ୟକତା ରହିଛି । ବନ ସୁରକ୍ଷା ସମିତିମାନେ ମୂଲ୍ୟଯୋଗ ପ୍ରକ୍ରିୟାରେ ସାହାଯ୍ୟ କରିପାରିବେ ବୋଲି ବିଶ୍ୱଜିତ ପାଢୀ ମତ ଦେଇଥିଲେ ।

ନୂଆପଡ଼ା ଡିଏସ୍‌ଏମ୍‌ଏସ୍ ସଂସ୍ଥାର ଜି.ଶର୍ବରୀ ଅଣକାଷ୍ଠ ବନଜାତ ଦ୍ରବ୍ୟ ପରିଚାଳନାରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ମହିଳା ସ୍ୱୟଂ ସହାୟକ ସଂଘମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପରେ ସାମିଲ ହେବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ପ୍ରକ୍ରିୟାକରଣ ଯୋଜନା କରିବା ପୂର୍ବରୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ମିଳୁଥିବା ପରିମାଣ ସମ୍ବନ୍ଧରେ ଜାଣିବା ନିତାନ୍ତ ଆବଶ୍ୟକ ।

ଶିଆଳିପତ୍ରର ଥାଳି ଓ ଦନା ତିଆରି ନିମନ୍ତେ ସେ ପରାମର୍ଶ ଦେଇଥିଲେ, ଏଥି ନିମନ୍ତେ ଡିଏସ୍‌ଏମଏସ୍ ତାଲିମ ଦେବା ସହ ରିହାତି ମୂଲ୍ୟରେ ଯନ୍ତ୍ରପାତି ଯୋଗାଇଦେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏହାଛଡା ନିମ୍ବ ତେଲ ବାହାର କରିବା, ଅଁଳା, ହରିଡ଼ା, ବାହାଡ଼ା ଆଦିର ପ୍ରକ୍ରିୟାକରଣ ମହିଳାମାନେ କରିପାରିବେ, ଯେହେତୁ ଓଡ଼ିଶାର ଅନ୍ୟ ଜିଲ୍ଲାରେ ଏହା ସଫଳତାର ସହିତ ହୋଇ ପାରୁଛି ।

ଏହାପରେ ଜିଲ୍ଲା ପରିଷଦ ସଦସ୍ୟ ବାଳକୃଷ୍ଣ ଶବର କ୍ଷୋଭ ପ୍ରକାଶ କରି କହିଥିଲେ ଯେ ପଞ୍ଚାୟତିରାଜ ଅନୁଷ୍ଠାନର ଅନେକ ସଦସ୍ୟ ପ୍ରଚଳିତ ଆଇନ୍‌କାନୁନ୍ ବିଷୟରେ ସଂପୂର୍ଣ୍ଣ ଅବଗତ ନଥିବାରୁ ଅଣକାଷ୍ଠ ବନଜାତ ଦ୍ରବ୍ୟର ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିପାରୁନାହାନ୍ତି । ଅଧିକାଂଶ କ୍ଷେତ୍ରରେ ଠିକ୍ ସମୟରେ ମୂଲ୍ୟ ନିର୍ଦ୍ଧାରଣ ହେଉନଥିବାରୁ ପ୍ରାଥମିକ ସଂଗ୍ରହକାରୀମାନେ ହଇରାଣ ହେଉଛନ୍ତି । ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ସାଇତି ରଖିବା ନିମନ୍ତେ ଆବଶ୍ୟକୀୟ ଗୋଦାମ ନିର୍ମାଣ ନିମନ୍ତେ ସେ ଜିଲ୍ଲା ପରିଷଦ ମିଟିଙ୍ଗରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାଛଡା ସେ କର୍ମଶାଳାର ଆୟୋଜକମାନଙ୍କୁ ଜିଲ୍ଲା ପରିଷଦ ସଭ୍ୟମାନଙ୍କୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ସହ ଜଡିତ ଜୀବନଜୀବିକା ଉପରେ ତାଲିମ ବନ୍ଦୋବସ୍ତ କରିବାକୁ ଅନୁରୋଧ କରିଥିଲେ ।

ଗାୟତ୍ରୀ ଆୟୁର୍ବେଦିକ ଫାର୍ମାସୀର ପରିଚାଳନା ମୋତିଲାଲ ଶର୍ମା କହିଥିଲେ ଆୟୁର୍ବେଦ ଔଷଧ ଶିଳ୍ପ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ । ନୂଆପଡ଼ା ଜିଲ୍ଲାର ଜଙ୍ଗଲରେ ମିଳୁଥିବା ଅନେକ ପଦାର୍ଥ ଆୟୁର୍ବେଦ ଔଷଧ ପ୍ରସ୍ତୁତିରେ ବ୍ୟବହୃତ । କିନ୍ତୁ ଅନେକ ଲୋକ ଏହି ଦ୍ରବ୍ୟଗୁଡ଼ିକ ଏବଂ ଏହାର ଦ୍ରବ୍ୟଗୁଣ ସମ୍ବନ୍ଧରେ ଜାଣିନାହାଁନ୍ତି । ଏହିପରି ଅନେକଗୁଡ଼ିଏ ଦ୍ରବ୍ୟର ଉଦାହରଣ ଦେବା ସହ ସେ କିଭଳି ଭାବରେ ଅଁଳା, ହରିଡ଼ା ଓ ବାହାଡ଼ାକୁ ପ୍ରକ୍ରିୟାକରଣ କଲେ ସେଥିରୁ ଅଧିକ ଉପାର୍ଜନ କରିହେବ ତାହାର ସୂଚନା ଦେଇଥିଲେ ।

କଳାହାଣ୍ଡି ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କର ଖରିଆର ଶାଖାର ମ୍ୟାନେଜର ରାଜ୍ୟ ବର୍ଦ୍ଧନ ଧଳ ମହାପାତ୍ର ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ନିମନ୍ତେ ଉପଯୁକ୍ତ ପ୍ରସ୍ତାବ ଆସିଲେ ଅଗ୍ରାଧିକାର ଭିତ୍ତିରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯଦି ଏହି ପ୍ରସ୍ତାବଗୁଡ଼ିକ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାର ପ୍ରମୁଖ ପ୍ରକଳ୍ପ ଅଧିନରେ ଆସିବ ତେବେ ଆର୍ଥିକ ଅନୁଷ୍ଠାନଗୁଡ଼ିକ ସେହି ପ୍ରକଳ୍ପସବୁକୁ ପ୍ରାଥମିକତା ଦେବେ ବୋଲି ସେ କହିଥିଲେ । ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକୁ ସାଇତି ରଖି ଅଭାବି ବିକ୍ରିକୁ ରୋକିବା ନିମନ୍ତେ ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ।

ଅଣକାଷ୍ଠ ବନଜାତ ଦ୍ରବ୍ୟର ଗୁଣମାନ ବୃଦ୍ଧି ହେଲେ ପ୍ରତିଯୋଗୀତାମୂଳକ ବଜାରରେ ଏହାର ଚାହିଦା ବୃଦ୍ଧି ପାଇବ । ଏଥିନିମନ୍ତେ ପ୍ରାଥମିକ ସଂଗ୍ରହକାରୀମାନଙ୍କୁ ଚିରସ୍ଥାୟୀ ଅମଳ ପ୍ରକ୍ରିୟା ଏବଂ ସଠିକ୍ ପ୍ରକ୍ରିୟାକରଣ ଉପରେ ଧ୍ୟାନ ଦେବାକୁ ପଡିବ ବୋଲି ଶ୍ରୀ ବିଶ୍ୱଜିତ୍ ପାଢୀ ପ୍ରକାଶ କରିଥିଲେ ।

ଆର୍‌ସିଡିସି ସଂସ୍ଥାର ପ୍ରଦୀପ ମହାନ୍ତି କିଭଳି ଭାବରେ ଅଣକାଷ୍ଠ ବନଜାତ ଦ୍ରବ୍ୟ ବଜାରରେ ପହଞ୍ଚିବା ପୂର୍ବରୁ ବିଭିନ୍ନସ୍ତର ଦେଇ ଗତି କରେ ସେ ବିଷୟରେ ଆଲୋଚନା କରିଥିଲେ । ପରିସ୍ଥିତି ଅନୁଯାୟୀ ବଜାର ବ୍ୟସ୍ଥା କିଭଳି ପରିବର୍ତ୍ତନ ଘଟେ ସେ ବିଷୟରେ ବିଷୟ ବଶଦ୍‌ଭାବେ ଆଲୋଚନା କରିଥିଲେ । ପ୍ରାଥମିକ ସଂଗ୍ରହକାରୀମାନଙ୍କ ନିକଟରେ ବଜାର ଦର, ବଜାର ବ୍ୟବସ୍ଥା ସ ଚାହିଦା ସମ୍ବନ୍ଧରେ ଆବଶ୍ୟକୀୟ ତଥ୍ୟ ନଥିବାରୁ ସେମାନେ ଠକାମୀରେ ପଡୁଛନ୍ତି । ସ୍ୱୟଂ ସହାୟକ ଦଳ ଏବଂ ପ୍ରାଥମିକ ସଂଗ୍ରହକାରୀମାନଙ୍କର ସମବାୟ ଅନୁଷ୍ଠାନ ଗଠନ କରି ସଂଗଠିତ ଭାବରେ ବ୍ୟବସାୟ କଲେ ଏହି ଅସୁବିଧା ସବୁକୁ ଦୂରେଇ ଦେଇ ହେବ ସେ ମତ ପ୍ରକାଶ କରିଥିଲେ । ଏହାଛଡା ବଜାରରେ ଦ୍ରବ୍ୟର ଭଲ ମୂଲ୍ୟ ପାଇବା ନିମନ୍ତେ ସେଗୁଡ଼ିକର ବର୍ଗୀକରଣ, ସାମାନ୍ୟ ପ୍ରକ୍ରିୟାକରଣ, ସଠିକ୍ ପ୍ୟାକିଂ ଆଦି ନିତାନ୍ତ ଆବଶ୍ୟକ ।

ବୋଡେନ ଅଞ୍ଚଳର ଅଣକାଷ୍ଠ ବନଜାତ ଦ୍ରବ୍ୟର ପ୍ରମୁଖ ବ୍ୟବସାୟୀ ଫାରୁକ୍ ମହମ୍ମଦ ନୂଆପଡ଼ା ଜିଲ୍ଲାରେ ହେଉଥିବା ଅଣକାଷ୍ଠ ବନଜାତ ଦ୍ରବ୍ୟ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ । ସେ କହିଥିଲେ ଯେ ପଞ୍ଚାୟତ ସମିତି ଦ୍ୱାରା ସର୍ବନିମ୍ନ ସଂଗ୍ରହମୂଲ୍ୟ ନିର୍ଦ୍ଧାରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସାମିଲ୍ କଲେ ମୂଲ୍ୟ ନିର୍ଦ୍ଧାରଣ ଅଧିକ ବାସ୍ତବ ହୋଇପାରନ୍ତା । ନୂଆପଡା ଜିଲ୍ଲାରେ ଚଳିତ ବର୍ଷ ହୋଇଥିବା କିଛି ମୂଲ୍ୟ ନିର୍ଦ୍ଧାରଣକୁ ଅନୁଶୀଳନ କରି ସେ କହିଥିଲେ ଯେ ଅନେକ ଦ୍ରବ୍ୟର ମୂଲ୍ୟ ବାସ୍ତବତାରୁ ଉର୍ଦ୍ଧ୍ୱରେ ଅଛି । ସେ ମଧ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଣକାଷ୍ଠ ବନଜାତ ଦ୍ରବ୍ୟର ବ୍ୟବସାୟ କଲେ ସୁଫଳ ମିଳନ୍ତା ବୋଲି କହିଥିଲେ । କିନ୍ତୁ ଏଥିନିମନ୍ତେ ସେ ଶୁଖାଇବା ଘର ଓ ଶୁଖାଇବା ପ୍ରକ୍ରିୟା ଆଦି କେତେକ ପ୍ରାଥମିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବାକୁ କହିଥିଲେ । ଫଳରେ ଦ୍ରବ୍ୟର ଗୁଣମାରେ ବୃଦ୍ଧି ଘଟିବ ।

'ସୃଷ୍ଟି' ଅନୁଷ୍ଠାନର ପବିତ୍ର ପ୍ରଧାନ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହେଲା ।

▣

# ଜିନିଷ ବଦଳରେ ଜିନିଷ: ଆଦିବାସୀ ହୁଅନ୍ତି ଶୋଷିତ

ଭୁବନେଶ୍ୱର, ୭।୭ (ନ୍ୟୁଜ): ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜିନିଷ ବଦଳରେ ଜିନିଷ ପଦ୍ଧତି ଏବେ ବି ଚାଲିଛି ବୋଲି ଅବତାରଣା କରାଗଲେ ହୁଏତ ଅବିଶ୍ୱାସ ଲାଗିପାରେ । ମାତ୍ର ଆଦିବାସୀମାନଙ୍କର ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତଥା ମୁନାଫାଖୋର ବ୍ୟବସାୟୀମାନେ ଏ ପର୍ଯ୍ୟନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କର ଉକ୍ତ କାର୍ଯ୍ୟ ଚଳାଇ ରଖିଛନ୍ତି । ଲୁଣ ବଦଳରେ ଶାଳମଞ୍ଜି, ତେନ୍ତୁଳି ବଦଳରେ କୁକୁଡ଼ା, ପନିପରିବା ବଦଳରେ ଚାଉଳ, ହଳଦୀ ବଦଳରେ ପ୍ରସାଧୀନ ସାମଗ୍ରୀ, କୁକୁଡ଼ା ବଦଳରେ ତେଜରାତି ସମାଗ୍ରୀ ଦିଆନିଆ କାରବାର ଏପର୍ଯ୍ୟନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ କ୍ରମାଗତ ଭାବରେ ଚାଲିଛି । ତେବେ ଏହି ଦିଆନିଆ ସମୟରେ ଆଦିବାସୀମାନେ ବ୍ୟାପକ ଭାବରେ ଶୋଷଣର ଶିକାର ହେଉଥିବାର ଜଣାପଡ଼ିଛି । କାରଣ ଆଦିବାସୀମାନଙ୍କ ନିକଟରୁ ବ୍ୟବସାୟୀମାନେ ଯେତିକି ପରିମାଣର ସାମଗ୍ରୀ ନେଉଛନ୍ତି ସେହି ତୁଳନାରେ କିମ୍ବା ସେହି ସାମଗ୍ରୀର ମୂଲ୍ୟ ସାଧାରଣ ବଜାରରେ ଯେତିକି ହେବ ତାହା ତୁଳନାରେ ଯଥେଷ୍ଟ କମ୍ ମୂଲ୍ୟରେ ସମାଗ୍ରୀ ପ୍ରଦାନ କରୁଥିବାର ଜଣାପଡ଼ିଛି ।

ପାରମ୍ପରିକ ଭାବରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ପ୍ରଥା ଶହ ଶହ ବର୍ଷ ଧରି ଚାଲିଥିଲା । ମାତ୍ର ସଭ୍ୟତାର ଆଲୋକ ଆସିବା ପରେ ଏହି ସମାଜରେ ଏଭଳି ଶୋଷଣ ପ୍ରକ୍ରିୟା ଅନ୍ତ ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ବସ୍ତୁତଃ କାର୍ଯ୍ୟକ୍ଷେତ୍ରରେ ରୂପାୟିତ ହୋଇପାରି ନାହିଁ । ରାଜ୍ୟର ସୁନ୍ଦରଗଡ଼, ମୟୂରଭଞ୍ଜ, କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା ପ୍ରଭୃତି ବିଭିନ୍ନ ଜିଲ୍ଲାରେ ଏଭଳି ଆଦିବାସୀ ଶୋଷଣର ଅନ୍ତଃ ହୋଇପାରନାହିଁ । ଓଡ଼ିଶା ବାହାରର ବ୍ୟବସାୟୀମାନେ ଏହିସବୁ ଅଞ୍ଚଳକୁ ଆସି ଆଦିବାସୀମାନଙ୍କୁ ବ୍ୟାପକ ଶୋଷଣ କରୁଥିବାର ଜଣାପଡ଼ିଛି । ରାୟଗଡ଼ା, ବିଷମ କଟକ ପ୍ରଭୃତି ଅଞ୍ଚଳରେ ୧୦ କିଲୋରୁ ଉର୍ଦ୍ଧ୍ୱ କଖାରୁ ପାଇଁ ସେମାନଙ୍କୁ ମାତ୍ର ଏକ କିଲୋ ଶୁଖିଲା ଲଙ୍କା ଦିଆଯାଉଛି । ସମସ୍ତ ଜାତୀୟ ପନିପରିବା ବଦଳରେ ଏତେ ସ୍ୱଳ୍ପ ପରିମାଣର ସମାଗ୍ରୀ ଆଦିବାସୀମାନଙ୍କୁ ଦିଆଯାଉଛି ଯେଉଁଥିରେ କି ଆଦିବାସୀମାନେ ଦେଉଥିବା ସାମଗ୍ରୀର ମୂଲ୍ୟଠାରୁ ଏହା ଯଥେଷ୍ଟ କମ୍ ବୋଲି ଜଣାପଡୁଥିଲେ ହେଁ ଏଭଳି ବେଆଇନ୍ କାରବାରକୁ ବନ୍ଦ କରିବା ପାଇଁ କୌଣସି ବ୍ୟବସ୍ଥା ଥିବାର ପରିଲକ୍ଷିତ ହେଉନାହିଁ । ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଜ୍ଞାତ ଥିଲେ ହେଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଏଥିରେ ଜିଲ୍ଲା ପ୍ରଶାସନର ହାତ ରହିଥିବା ବିଷୟ ସ୍ପଷ୍ଟ ହୋଇଯାଉଛି । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲରୁ ଆଦିବାସୀମାନେ ଶାଳମଞ୍ଜି ସଂଗ୍ରହ କରି ଗୋଟିଏ ବର୍ଷରେ ଚାରିମାସ ରୁ ଛଅମାସ ପର୍ଯ୍ୟନ୍ତ ଏହାର ପ୍ରତି ବଦଳରେ ଖାଦ୍ୟ ସଂଗ୍ରହ କରିଥାଆନ୍ତି । ଶାଳମଞ୍ଜି ବିକ୍ରୟ କରି ଏହାର ପ୍ରତି ବଦଳରେ ସେମାନେ ଅନ୍ୟ ଜିନିଷ କ୍ରୟ କରିବା କଥା, ମାତ୍ର ଆଦିବାସୀମାନଙ୍କୁ ବ୍ୟାପକ ଶୋଷଣ କରାଯାଇ ୨୫ କିଲୋ ଶାଳମଞ୍ଜି ବିନିମୟରେ ମାତ୍ର ୫ କିଲୋ ଲୁଣ ଦିଆଯାଉଛି । ସାଧାରଣତଃ ମେ ମାସ ପ୍ରଥମ ସପ୍ତାହରୁ ଗଛଗୁଡ଼ିକରୁ ଶାଳମଞ୍ଜି ତଳକୁ ପଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଆଦିବାସୀ ପରିବାରର ସଦସ୍ୟମାନେ ଶାଳମଞ୍ଜି ସଂଗ୍ରହ କରି ଟିଡିସିସିକୁ ବିକ୍ରୟ କରି ସରକାରୀ ଧାର୍ଯ୍ୟ ଦରରେ ବିକ୍ରୟ ମୂଲ୍ୟ ପାଇଥାଆନ୍ତି । ମାତ୍ର ଚଳିତ ବର୍ଷ ଏଥିରେ କେତେକ ବ୍ୟତିକ୍ରମ ଦେଖାଦେବା ଯୋଗୁଁ ଶାଳମଞ୍ଜି ସଂଗ୍ରହକାରୀଙ୍କ ନିକଟରୁ ଗ୍ରହଣ କରୁଥିବା ଘରୋଇ ବେପାରୀମାନେ ଆଦିବାସୀମାନଙ୍କୁ ଶୋଷଣ ଆରମ୍ଭ କରି ଦେଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ବେପାରୀମାନେ ହାଟଗୁଡ଼ିକରେ କଣ୍ଟା ଲଗାଇ ୫ କିଲୋ ଲୁଣ ବିନିମୟରେ ୨୫ କିଲୋଗ୍ରାମ ଶାଳମଞ୍ଜି କ୍ରୟ କରୁଛନ୍ତି । ନିକଟରେ ଶିମିଳିପାଳ ଅନ୍ତର୍ଗତ ଯଶିପୁର ନିକଟବର୍ତ୍ତୀ ଗୁଡୁଗୁଡ଼ିଆ ହାଟରେ ଏଭଳି ଶୋଷଣର ନାଟକ ଦେଖିବାକୁ ମିଳିଛି । ବର୍ଷାଦିନେ ସାଧାରଣତଃ ଆଦିବାସୀମାନେ ଜଙ୍ଗଲ ଛାଡ଼ି ସହରର ହାଟମାନଙ୍କୁ ଆସିପାରି ନଥାନ୍ତି । ଯାହା ଫଳରେ ସେମାନେ ଏକକାଳୀନ ସେମାନଙ୍କର ଖାଦ୍ୟ ପଦାର୍ଥ ସଂଗ୍ରହ କରି ଜଙ୍ଗଲ ଉପରକୁ ଚାଲି ଯାଇଥାଆନ୍ତି । ଶାଳମଞ୍ଜି କିଲୋ ୩ ଟଙ୍କା ୨୫ ପଇସା ଥିବାବେଳେ ୫ କିଲୋ ଲୁଣର ମୂଲ୍ୟ ୧୨ ଟଙ୍କା ମଧ୍ୟରେ ସୀମିତ ରହୁଛି । ମାତ୍ର ବ୍ୟବସାୟୀମାନଙ୍କ ନିକଟରୁ ୭୫ ଟଙ୍କାରୁ ଅଧିକ ମୂଲ୍ୟର ଶାଳମଞ୍ଜି ସଂଗ୍ରହ କରି ନେଉଛନ୍ତି । ଏଭଳି ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନର ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଜିଲ୍ଲା ପ୍ରଶାସନର ପ୍ରକୃତ ଆଭିମୁଖ୍ୟ ଆଦିବାସୀମାନଙ୍କ ପ୍ରତି କ'ଣ ରହିଛି ତାହା ସ୍ପଷ୍ଟ ଜଣାପଡୁନାହିଁ । କେବଳ ମୟୂରଭଞ୍ଜ ଜିଲ୍ଲା ନୁହେଁ ରାଜ୍ୟର ଅନ୍ୟ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ମଧ୍ୟ ଅନୁରୂପ ଶୋଷଣ ଚାଲିଛି ।

*ସମ୍ବାଦପତ୍ର : ତା-୮।୭।୦୫*

ସର୍ବାଧିକ ଶାଳମଞ୍ଜି ସଂଗ୍ରହ ସତ୍ତ୍ୱେ କର୍ମଚାରୀଙ୍କ ଦରମା ବନ୍ଦ ଅଭିଯୋଗ

କରଞ୍ଜିଆ (ପିପିଏସ୍): ଓଡ଼ିଶା ବନ ଉନ୍ନୟନ ନିଗମର କରଞ୍ଜିଆ ଖଣ୍ଡୀୟ (ବାଣିଜ୍ୟ) କାର୍ଯ୍ୟାଳୟ ଅଧୀନରେ ରାଜ୍ୟର ସର୍ବାଧିକ ଶାଳମଞ୍ଜି କ୍ରୟ ହୋଇଥିବାବେଳେ ଏହି ଖଣ୍ଡୀୟ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଥିବା ପ୍ରାୟ ଦୁଇଶହ କର୍ମଚାରୀ ତିନିମାସ ହେଲା ଦରମା ନପାଇ ହଇରାଣ ହେଉଥିବା ଅଭିଯୋଗ ହେଉଛି । ଶାଳମଞ୍ଜି କାରବାରରେ ନିଗମ କ୍ଷତି ସହୁଥିବା ଦର୍ଶାଇ ଚଳିତବର୍ଷ ଏହା ସଂଗ୍ରହ ନକରିବାକୁ ଭିତିରିଆ ମସୁଧା ଚାଲିଥିଲେ ହେଁ ନିଗମ ପକ୍ଷରୁ ବାଧ୍ୟ ବାଧକତାରେ ଏହା ସଂଗ୍ରହ କରାଯାଇଥିଲା । ଏହି ଖଣ୍ଡୀୟ କାର୍ଯ୍ୟାଳୟରେ ସ୍ଥାୟୀ ଖଣ୍ଡୀୟ ପରିଚାଳକ, ଉପଖଣ୍ଡୀୟ ପରିଚାଳକ ନଥିବାବେଳେ ନିଗମର ଅନ୍ୟ ଅଞ୍ଚଳର କର୍ମଚାରୀମାନେ ଦରମା ନପାଇ ହଇରାଣ ହେଉଥିବାର କୁହାଯାଉଛି । ନିଗମ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

*ପ୍ରଜାତନ୍ତ୍ର : ତା ୨୦.୦୭.୨୦୦୫*

## ଦିନ ଆସିବ ଡାଲା ପାଛିଆ କଟକ ବଜାରରେ ମିଳିବା ସ୍ୱପ୍ନ ହୋଇଯିବ ।

କଟକ, (ସ.ବ୍ୟୁ.): ଆଧୁନିକ ଯୁଗ, ଯୁଗ ସହ ତାଳ ଦେଇ ବଦଳୁଛି ଆମର ନିତ୍ୟବ୍ୟବହାର୍ଯ୍ୟ ଜିନିଷ । ଯେପରିକି ରେଡିଓ ଠାରୁ ଆରମ୍ଭ କରି ମାଇକ୍ରୋୱେଭ ଓଭନ ପର୍ଯ୍ୟନ୍ତ । ଏଥିରେ ଯୁଗର ଆଧୁନିକତା ସ୍ପଷ୍ଟ ପରିଲକ୍ଷିତ । ମାତ୍ର ଦିନଥିଲା ଲୋକମାନଙ୍କୁ ଆଧୁନିକତା ଛୁଇଁ ନଥିଲା । ସେତେବେଳେ ଲୋକମାନେ ଘରର କବାଟ, ପରିସ୍ରାଗାର ଓ ପାଇଖାନା କବାଟ ତାଟିରେ ଲଗାଉଥିଲେ । ଆଉ ମଧ ଟୋକେଇରେ ବିଭିନ୍ନ ଜିନିଷପତ୍ର ରଖିବା ପାଇଁ ଟୋକେଇର ଆବଶ୍ୟକତା ପଡୁଥିଲା । ସେଥିପାଇଁ ସେହି ସମୟରେ ଏହାକୁ କେତେକ ପରିବାର ବୃତ୍ତିଭାବେ ଗ୍ରହଣ କରି ନେଇଥିଲେ । ମାତ୍ର ଯୁଗ ବଦଳିବା ସହ ସେହି ପରିବାର ଏହି ବୃତ୍ତି ଛାଡିନପାରି ବର୍ତ୍ତମାନ ହିନସ୍ତା ହେଉଛନ୍ତି ।

କଟକରେ ଭିନ୍ନ ଭିନ୍ନ ଜୀବିକାଧାରୀ ଅଛନ୍ତି । କାହାର ବେପାର ଅତି ଭଲ ହେଉଛିତ କାହାର ବେପାରରେ ପେଟ ଗଣ୍ଡକ ପୂରିବା ମଧ ଅସମ୍ଭାଳ ହୋଇପଡୁଛି । ଏହିପରି ଏକ ଜୀବିକାଧାରୀ ହେଉଛନ୍ତି ବାଉଁଶରେ ବୁଣୁଥିବା ଟୋକେଇ ବେପାରୀମାନେ । ଆଗରୁ ତିନୋଟି ସାହି ଏହି କାମ କରୁଥିଲେ । ମାତ୍ର କାଳକ୍ରମେ ଏହାର ଚାହିଦା କମିଯିବାରୁ ବର୍ତ୍ତମାନ କଟକରେ ପ୍ରାୟତଃ ୧୫ ରୁ ୨୦ଟି ପରିବାର ଏହି କାମ କରୁଛନ୍ତି । ଏମାନେ ଡାଲା, ପାଛିଆ, ଟୋକେଇ, ତାଟି, ଖସଖସ ପ୍ରଭୃତି ତିଆରି କରିଥାନ୍ତି । କିନ୍ତୁ ଏହି କାମରେ ପରିଶ୍ରମ ଅଧିକ ଥିଲେ ମଧ ସେହି ଅନୁସାରେ ପାରିଶ୍ରମିକ ମିଳେ ନାହିଁ ।

ଏହିପରି କିଛି ଜୀବିକାଧାରୀ ଅଛନ୍ତି ମେରିଆ ବଜାରରେ । ଏମାନେ ମାତ୍ର ୪ଟି ପରିବାର । ଏହି ପରିବାରର ସମସ୍ତେ ଟୋକେଇ ବୁଣିବା, ବାଉଁଶରୁ ବତା ବାହାର କରିବା କାମ କରିଥାନ୍ତି । ଏହି କାମ ଏମାନେ ଦିନତମାମ କରିଥାନ୍ତି । ଖରାଦିନିଆ ବାହାଘରଗୁଡ଼ିକରେ ଏମାନଙ୍କ ବେପାର ଭଲ ହୋଇଥାଏ । ଏମାନେ ସମସ୍ତେ ଜାତିରେ ତେଲଗୁ ସମ୍ପ୍ରଦାୟର, କିନ୍ତୁ ବାପ ଅଜା ଅମଳରୁ ଏମାନେ କଟକରେ ରହିଆସିଛନ୍ତି । ସେଥିପାଇଁ ଏହାର ମାଟି, ପାଣି, ପବନ ସହିତ ଏମାନେ ପରିଚିତ । ସକାଳୁ ରାତି ପର୍ଯ୍ୟନ୍ତ ପରିବାରର ସଭିଏଁ ଏହି କାମରେ ଲାଗିଥାନ୍ତି । କେବେ କେବେ ଦିନକୁ ୨୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହୋଇଥାଏ ତ କେବେ କେବେ ୧୦ ଟଙ୍କା ମିଳିବା ମୁସ୍କିଲ୍ ହୋଇପଡେ । ରୋଜଗାର ସ୍ୱଳ୍ପ ହୋଇଥିବାରୁ ଏମାନଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ପଡିଥାଏ । ଆଉ ମଧ ସ୍ଥାନଭାବ ଯୋଗୁଁ ଅଳ୍ପ ଜାଗାରେ ବହୁତଗୁଡ଼ିଏଙ୍କୁ ଏକାଠି ରହିବାକୁ ପଡିଥାଏ । ମାତ୍ର ଏମାନଙ୍କ ପିଲାଛୁଆଙ୍କୁ ଏମାନେ କିଛି ମାତ୍ରାରେ ଶିକ୍ଷିତ କରିଛନ୍ତି ।

ପୂର୍ବରୁ ଡାଲା, ପାଛିଆର ଚାହିଦା ଥିଲା । ବର୍ତ୍ତମାନ ଏହାର ଚାହିଦା ଯଥେଷ୍ଟ ପରିମାଣରେ କମିଛି । ମାତ୍ର ଯେଉଁ କେତେକ ଚାହିଦା ରହିଛି ତାହାକୁ ଜଙ୍ଗଲର ଆଦିବାସୀମାନେ ତିଆରି କରି ସହରକୁ ଅଳ୍ପ ଟଙ୍କାରେ ପଠାଇ ଦେଉଛନ୍ତି । ଏଥିଯୋଗୁଁ ଏମାନଙ୍କ ଜୀବିକାରେ ବାଧା ସୃଷ୍ଟି ହେଉଛି । ଏହି ବ୍ୟବସାୟୀମାନେ ଗଡ଼ଗଡିଆରୁ ବାଉଁଶ ଖଣ୍ଡ ୮୫ ଟଙ୍କାରୁ ଆରମ୍ଭ କରି ୯୦ ଟଙ୍କାରୁ ୧୨୦ ଟଙ୍କା ମଧରେ ବିକ୍ରି ହୋଇଥାଏ । ଏମାନେ ବେଣାଚେରରୁ ଖସଖସ ତିଆରି କରିଥାନ୍ତି । ଏହାର ଚାହିଦା ଥିବାରୁ ଭଲ ଅର୍ଥରେ ବିକ୍ରି ହୋଇଥାଏ । ମାତ୍ର ଏହା କେବଳ ଖରାଦିନରେ ଆବଶ୍ୟକ ହୋଇଥିବାରୁ ସେଇ ସମୟ ମଧରେ ଭଲ ବେପାର ହୋଇଥାଏ । ବହୁ ବର୍ଷରୁ ଏହି ବେପାର ଚାଲିଥିଲେ ମଧ ବର୍ତ୍ତମାନ କେତେକ ପେଶାଧାରୀଙ୍କୁ ଛାଡିଦେଲେ ଅନ୍ୟମାନେ ଉପଯୁକ୍ତ ପାରିଶ୍ରମିକ ମିଳୁନଥିବାରୁ ଅନ୍ୟ ବେପାର କରୁଛନ୍ତି, ପରିବାରର ସମସ୍ତେ ଏହି କାମରେ ଲାଗିଥିଲେ ମଧ ନିଜର ଆଗାମୀ ପିଢି ଏହି କାମରୁ ଦୂରରେ ରହିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଓ୍ୱାଇ ଜଗନ୍ନାଥ ରାଓ । ବର୍ତ୍ତମାନ ଏହି ବ୍ୟବସାୟ ଭଲ ଚାଲୁନଥିବାରୁ କାଳକ୍ରମେ ଏହି କୌଳିକ ବୃତ୍ତି ଲୋପ ପାଇବାର ସମ୍ଭାବନା ରହିଛି ।

*ସମୟ : ୨୩/୯/୦୫*

## ମହେନ୍ଦ୍ରଗିରି ବନସ୍ପତି ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱ

ରାୟଗଡ଼ା (ଗଜପତି), ୨୮/୭ (ଅନୁପମ ମିଡ଼ିଆ): ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ସ୍ଥିତି ବନସ୍ପତି ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି କାର୍ଯ୍ୟକ୍ରମ ସଫଳ ହେଲେ ମହେନ୍ଦ୍ରଗିରିର ପୁରାଣ ପ୍ରସିଦ୍ଧ ପ୍ରାଚୀନ ଶୈବପୀଠ, ଐତିହ୍ୟ ପୀଠ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ବନସ୍ପତି କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ମାନ୍ୟତା ପାଇପାରିବ ବୋଲି ଆଶା କରାଯାଉଛି ।

ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ବିନୋଦ କୁମାର ଏହି ଅଞ୍ଚଳ ପରିଦର୍ଶନରେ ଆସି ବନସ୍ପତି ଜଙ୍ଗଲର ସୁରକ୍ଷା, ନୂତନ ବୃକ୍ଷରୋପଣ ସେଗୁଡ଼ିକୁ ଜଳଯୋଗାଣ, ମୃତ୍ତିକା ସଂରକ୍ଷଣ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ମହେନ୍ଦ୍ରଗିରି ବନସ୍ପତି ଜଙ୍ଗଲ ଯେଭଳି ସୁନାମ ଅର୍ଜନ କରିପାରିବ ସେଥିପ୍ରତି କର୍ମଚାରୀମାନେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ।

କଇଁପୁର ତାଲିମ୍ କେନ୍ଦ୍ର ଆନୁକୂଲ୍ୟରେ ଲଗାଯାଇଥିବା ଗଛଗୁଡ଼ିକ ଏବଂ କଇଁପୁରଠାରୁ ବୁରଖତ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟକୁ ସେ ଦେଖିଥିଲେ । ଖରାଦିନେ ଗଛକୁ ପାଣି ଓ ଗୋରୁଗାଈଙ୍କ କବଳରୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ । ଏହାକୁ ଏକ ଯୁଗ୍ମ ପର୍ଯ୍ୟଟନ କେନ୍ଦ୍ର କରାଯିବା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ କୁମାରଙ୍କ ଗସ୍ତ ସମୟରେ ବନସଂରକ୍ଷକ ଏସ୍.ଏସ୍.ଶ୍ରୀ ବାସ୍ତବ, ପାରଳାଖେମୁଣ୍ଡି ଡ଼ିଏଫ୍ଓଟି.ଏ.କେ ସିହ୍ନା, ରେଞ୍ଜର ଏସ୍.ଏସ୍. ସାବତ, ଏସିଏଫ୍ ଗଗନ ବିହାରୀ ମହାନ୍ତି, ମଦନବରାଡ଼, ମଙ୍ଗଳା ପଟ୍ଟନାୟକ, ଲୁରିଆ ଦଳେଇ ଏବଂ ଜଙ୍ଗଲ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

*ଅନୁପମ ଭାରତ:*
*ତା ୨୯.୦୭.୨୦୦୫*

## କୁମ୍ଭୀରିଆ ନଦୀରେ ଚାଲିବ ବାଉଁଶ ତିଆରି ଡଙ୍ଗା

ତିହିଡ଼ି, ୧୮।୭ (ଇମିସି): ଚଳିତ ବର୍ଷ ଭିତରକନିକା ପର୍ଯ୍ୟଟନଙ୍କୁ ଆକର୍ଷିତ କରିବା ପାଇଁ ଏକ ଅଭିନବ ଉପାୟ ଜଙ୍ଗଲ ବିଭାଗ ଦ୍ୱାରା ଆରମ୍ଭ କରାଯାଇଛି । ହେନ୍ତାଳ ବଣ ଏବଂ କୁମ୍ଭୀରିଆ ନଦୀର ଶୋଭାକୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକ ଚଳିତ ବର୍ଷ ଏକ ନୂତନ ଆନନ୍ଦ ପାଇବେ । ଟୁରିଜିମ ଡେଭଲପମେଣ୍ଟ ଯୋଜନା ଜରିଆରେ ରାଜ୍ୟ ସରକାରଙ୍କ ଇକୋ ଟୁରିଜିମ୍ ବିଭାଗ ଚଳିତ ବର୍ଷ ଏକ ବାଉଁଶ ତିଆରି ଡଙ୍ଗା ପର୍ଯ୍ୟଟକଙ୍କ ପାଇଁ ତିଆରି କରିଛି ।

ଭିତରକନିକା ଦେଖିବାକୁ ଯାଉଥିବା ପର୍ଯ୍ୟଟକ ଲଞ୍ଚ୍, ବୋଟ୍ ଏବଂ ଇଞ୍ଜିନ ଚାଳିତ ଭୁଟିଭୁଟି ଦ୍ୱାରା ଯାଇଥାନ୍ତି । ଇଞ୍ଜିନର ଶବ୍ଦ ଦ୍ୱାର ଜନ୍ତୁ ଦେଖିବା ସମ୍ଭବପର ହେଉନଥିବା ବେଳେ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଉଥିଲା ଏହାକୁ ଦୂର କରିବା ପାଇଁ ୩୫ ଫୁଟ ଲମ୍ବା ବିଶିଷ୍ଟ ଏକ ଡଙ୍ଗା ତିଆରି ହୋଇଛି । ବାଉଁଶରେ ତିଆରି ଏହି ଡଙ୍ଗାରେ ଏକକାଳୀନ ୨୦ ଜଣ ଯାତ୍ରୀ ବସିପାରିବେ । ଶବ୍ଦ ପ୍ରଦୂଷଣକୁ ଏଡ଼ାଇବା ପାଇଁ ଏହି ଡଙ୍ଗା ଦୁଇ ଜଣ ନାଉରିଆଙ୍କ ଦ୍ୱାରା ଆହୁଲା ସାହାଯ୍ୟରେ ଚାଲିବ । ତଥାପି ମଧ୍ୟ ଏହି ଡଙ୍ଗାରେ ଏକ ଛୋଟ ଇଞ୍ଜିନ୍ ଖଞ୍ଜା ଯାଇଛି ।

ଏହି ଡଙ୍ଗା ନିର୍ମାଣରେ ଦୁଇ ଲକ୍ଷ ସତୁରୀ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ଡଙ୍ଗାମାଳ କୁମ୍ଭୀର ଗବେଷଣା କେନ୍ଦ୍ରର ନଦୀ ଆରପାଖରେ ଭିତରକନିକା ଅଭୟାରଣ୍ୟ ମଧ୍ୟରେ ପର୍ଯ୍ୟଟକଙ୍କ ରହଣି ପାଇଁ ସମ୍ପୂର୍ଣ୍ଣ ବାଉଁଶରେ ଏକ ଘର ନିର୍ମିତ ହୋଇଛି । ଏଥିରେ ଦୁଇଟି କୋଠରୀକ ରହିଛି ଓ ପ୍ରତି କୋଠରୀରେ ଦୁଇଟି ଶଯ୍ୟା ରହିବା ସହ ଶୌଚାଳୟ ଓ ବାଲ୍‌କୋନି ସୁବିଧା ରହିଛି । ସହରର କୋଳାହଳମୟ ପରିବେଶଠାରୁ ନିଜକୁ କିଛି ସମୟ ଦୂରରେ ରଖିବା ପାଇଁ ଆସିଥିବା ପର୍ଯ୍ୟଟକଙ୍କୁ ଏହି ଘରଟି ଅନନ୍ୟ ଅନୁଭବ ଆଣିଦେବ ବୋଲି ଦାବି କରନ୍ତି ଡ଼ିଏଫ୍‌ଓ ଅଜୟ ଜେନା । ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ପ୍ଲାଇଉଡ୍ ଇଣ୍ଡଷ୍ଟ୍ରିଜ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟରର ଇଞ୍ଜିନିୟରମାନେ ଏହି ବାଉଁଶ ତିଆରି ଡଙ୍ଗା ଓ ଗୃହର ପରିକଳ୍ପନା କରିଛନ୍ତି । ଆଗାମୀ ଅଗଷ୍ଟ ୧ ତାରିଖରୁ ଭିତରକନିକା ଖୋଲିବା ପରେ ପର୍ଯ୍ୟଟନଙ୍କ ପାଇଁ ଏହି ନୂତନ ବ୍ୟବସ୍ଥା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ-ଏଥିରେ ସନ୍ଦେହ ନାହିଁ । ଭିତରକନିକା ଅଭୟାରଣ୍ୟକୁ ଗତ ୧୩ ତାରିଖ ସୁଦ୍ଧା ୧୦ ହଜାର ଦେଶୀ ଓ ବିଦେଶୀ ପକ୍ଷୀ ଆସି ବସା ବାନ୍ଧିବା ଆରମ୍ଭ କଲେଣି । ଏମାନେ ଅକ୍ଟୋବର ମାସ ପର୍ଯ୍ୟନ୍ତ ରହିବେ । ଅନ୍ୟପକ୍ଷରେ ଏଠାରେ କୁମ୍ଭୀର ଗଣନା କାର୍ଯ୍ୟଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି ।

*ସମ୍ବାଦ: ତା- ୧୯।୦୭।୦୫*

## ବୌଦ୍ଧ କେନ୍ଦୁପତ୍ର ବିଭାଗରେ ଦୁର୍ନୀତି: କୋଟି କୋଟି ଟଙ୍କାର ରାଜସ୍ୱ ହାନୀ

ବୌଦ୍ଧ (ପିପିଏସ): ରାଜ୍ୟ ସରକାର କେନ୍ଦୁପତ୍ରରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିବାବେଳେ କେତେକ ଦୁର୍ନୀତିଗ୍ରସ୍ତ କେନ୍ଦୁପତ୍ର ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଆଦାୟ ପରିମାଣ ହ୍ରାସ ପାଉଥିବା ଦେଖାଯାଇଛି । ଏହି ଅଫିସରମାନେ ପିଲାଙ୍କ ପାଠପଢାର ଆଳ ଦେଖାଇ ହେଡକ୍ୱାର୍ଟରରେ ନରହି ସହରରେ ରହିବା ପାଇଁ ପସନ୍ଦ କରନ୍ତି । ଦମାମୁଣ୍ଡା ଓ ମନୁମୁଣ୍ଡା ସେକ୍‌ସନ୍ ରେଞ୍ଜର ସୋନପୁର ସଦର ମହକୁମାଠାରେ ରହୁଥିବାବେଳେ ବାଉଁଶୁଣୀ ସେକ୍‌ସନ୍ ରେଞ୍ଜର ମନମୁଣ୍ଡା ଏବଂ ଚାରିଛକ, ରାଧାନଗର ସେକ୍‌ସନ୍‌ର ରେଞ୍ଜର ବୌଦ୍ଧ ମହକୁମାଠାରେ ରହୁଥିବା ଅଭିଯୋଗ ହେଉଛି । ଏତଦ୍ୱାରା ତଳସ୍ତରର କର୍ମଚାରୀମାନେ ମୋଟାଅଙ୍କର ଉତ୍କୋଚ ନେଇ କେନ୍ଦୁପତ୍ର ମାଫିଆମାନଙ୍କୁ ବୌଦ୍ଧ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ପତ୍ର ଚାଲାଣ କରିବା ପାଇଁ ସାହାଯ୍ୟ କରୁଛନ୍ତି । ସେଣ୍ଟ୍ରାଲ ଗୋଦାମରେ ନିଯୁକ୍ତି ପାଇଥିବା କେନ୍ଦୁପତ୍ର ବିଭାଗ ଓ ଫରେଷ୍ଟ କର୍ପୋରେସନ୍ ବିଭାଗର କର୍ମଚାରୀମାନେ ରାତି ଅଧିଆ ନୂଆ, ପୁରୁଣା ମାଲ ବସ୍ତା ଅଦଳବଦଳ କରୁଥିବାର ମଧ୍ୟ ଅଭିଯୋଗ ହେଉଛି । ପ୍ରକାଶଯୋଗ୍ୟ ଯେ, କିଛିଦିନ ପୂର୍ବେ ଅନୁଗୋଳ ଜିଲ୍ଲାସ୍ଥିତ ହଣ୍ଡପାଠାରେ ବୌଦ୍ଧର ଏକ କ୍ୱାଲିସ୍ ଗାଡି ଯୋଗେ ୫ କ୍ୱିଣ୍ଟାଲ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବାବେଳେ ପୋଲିସ ପକ୍ଷରୁ ଧରାଯାଇଥିଲା । ଏହି ରେଞ୍ଜ ଅଫିସରମାନେ ସପ୍ତାହକୁ ସାପ୍ତାହିକ ହାଟଦିନ ପଇସା ଦେବାକୁ ପଡେ ଜାଣି ଥରେମାତ୍ର ଯାଆନ୍ତି । ଫୁଡ ସ୍ପ୍ରେ ମେସିନ୍ ମରାମତି ବାବଦରେ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି । ସରକାରୀ ଗାଡିର ଅପବ୍ୟବହାର ନ କରିବା ପାଇଁ ସରକାର କହୁଥିବାବେଳେ ଜିଲ୍ଲାର କେନ୍ଦୁପତ୍ର ଡିଭିଜନ ଗାଡି ପଡୋଶୀ ଜିଲ୍ଲା ବଲାଙ୍ଗୀର ଓ ନୟାଗଡ଼, ଅନୁଗୁଳ, ସମ୍ବଲପୁର, ସୋନପୁର ଜିଲ୍ଲାରେ ପ୍ରାୟ ସମୟ ଦେଖିବାକୁ ମିଳୁଛି । ମାତ୍ର ଏ ବାବଦରେ ମିଥ୍ୟା ଭାଉଚର କରାଯାଇ ଅର୍ଥ ହରିଲୁଟ୍ କରାଯାଉଥିବା ଜଣାଯାଇଛି । ଫଡିଘର ମରାମତି କାର୍ଯ୍ୟରେ ବ୍ୟବହୃତ ବାଉଁଶ ଓ ନଡା କିଣାରେ ଭାଉଚର ଅଧିକ କରାଯାଉଥିବା ପ୍ରକାଶ । ସରକାର ଦିନ ମଜୁରିଆଙ୍କୁ ସର୍ବନିମ୍ନ ମଜୁରୀ ୫୦ ଟଙ୍କା ଦେବାର ନିୟମ କରିଥିବାବେଳେ ଏଠାରେ ଦିନକୁ ମାତ୍ର ୨୫ ରୁ ୩୦ ଟଙ୍କା ଦିଆଯାଏ ଏବଂ କେତେକ ସ୍ଥାନରେ ପତ୍ର କଶା, ଓଲଟା ବୁହା ପାଇଁ ଛୋଟ ଛୋଟ କୋମଳମତି ପିଲାମାନଙ୍କୁ ତଥା ଶିଶୁ ଶ୍ରମିକମାନଙ୍କୁ ନିଯୁକ୍ତି ଦିଆଯାଇ ଦିନକୁ ଦିନ ୧୦ ଟଙ୍କା ଦିଆଯାଉଥିବା ଅଭିଯୋଗ ହେଉଛି । ପତ୍ର ବନ୍ଧାଇ ନିୟମିତ ଖର୍ଚ୍ଚ ଏବଂ ସରକାରଙ୍କ ପ୍ରଦତ୍ତ ଚାଉଳ, ଡାଲି ଦିଆନଯାଇ କିଛି ଟଙ୍କା ଦିଆଯାଉଛି । ଯଦି ଶ୍ରମିକମାନେ ଏଥିରେ ପ୍ରତିବାଦ କରନ୍ତି, ତେବେ ବାହାରୁ ଶ୍ରମିକ ଆଣି କାମ କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ହେଉଛି । ଚୋରି ହେଉଥିବା କେନ୍ଦୁପତ୍ର ନିଜେ ପୋଡି ଦେଇଛନ୍ତି । ନଚେତ୍ ଉଇ ଖାଇଯାଉଛି ବୋଲି ରେକର୍ଡରେ ଦେଖାଯାଇଥିବା ଅଭିଯୋଗ ହେଉଛି । ଉକ୍ତ ରେଞ୍ଜର ଅଫିସରମାନେ ସଂପୃକ୍ତ ହେଡକ୍ୱାର୍ଟରରେ ରହି ଯଦି କାର୍ଯ୍ୟର ପ୍ରକୃତ ତଦାରଖ କରନ୍ତେ, ତାହାହେଲେ କେନ୍ଦୁପତ୍ର ଚୋରାଚାଲାଣ ରୋକାଯାଇ ରାଜ୍ୟ ସରକାର ଅଧିକ ରାଜସ୍ୱ ପାଇ ପାରନ୍ତେ । ଏଣୁ ବିଭାଗୀୟ ମନ୍ତ୍ରୀ ତଥା ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସତର୍କ ଦୃଷ୍ଟି ଦେଇ ଅସାଧୁ ଅଧିକାରୀ ତଥା କର୍ମଚାରୀମାନଙ୍କ ଉପରେ କଡା ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ପ୍ରବଳ ଦାବି ହେଉଛି ।

*ପ୍ରଜାତନ୍ତ୍ର: ୧୬।୯।୦୫*

## ବାଉଁଶ କଟାଳୀମାନଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଉଛି

ଜୟପୁର (ପିପିଏସ୍): ସରକାରଙ୍କ ଭୁଲ୍ ଏବଂ ଖାମଖିଆଲି ନୀତି ଯୋଗୁ ବିଭିନ୍ନ ଜଙ୍ଗଲରେ କାମ କରି ପରିବାର ଭରଣପୋଷଣ କରୁଥିବା ୨୦ ହଜାରରୁ ଉର୍ଦ୍ଧ୍ୱ ବାଉଁଶ କଟାଳୀ ବେକାର ହୋଇପଡ଼ିଥିବା ବେଳେ ସରକାର ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ମଜଦୁର ୟୁନିୟନ୍ ତରଫରୁ ଅଭିଯୋଗ ହୋଇଛି । ଜୟପୁର ସେବା କାଗଜକଳ ଏବଂ ରାୟଗଡ଼ା ଜେ.କେ. କାଗଜକଳ ପାଇଁ ବାଉଁଶ କାଟି ଜୀବିକା ନିର୍ବାହ କରୁଥିବା ଶ୍ରମିକମାନଙ୍କୁ କାମ ଦେବା ସହ ଜିଲ୍ଲାରେ ଗଚ୍ଛିତ ଥିବା ବାଉଁଶର ସଦୁପଯୋଗ କରିବା ପାଇଁ ମଜଦୁର ୟୁନିୟନ ତରଫରୁ କାଗଜକଳ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିବା ଜଣାଯାଇଛି ।

ସେମାନଙ୍କଠାରୁ ଜଣାଯାଇଛି ଯେ, ରାୟଗଡ଼ା ମାଲ୍କାନଗିରି ପାରଳାଖେମୁଣ୍ଡି ଅଞ୍ଚଳରେ ଅନେକ ବାଉଁଶ ଗଚ୍ଛିତ ହୋଇ ରହିଛି । ଏହା ଉପରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ନିର୍ଭର କରିଥାନ୍ତି । ରାଜ୍ୟରେ କୋଡିଏ ଲକ୍ଷ ଟନ୍ ବାଉଁଶ ସଂଗ୍ରହ ହୋଇଥିବାବେଳେ ପ୍ରାୟ ୬୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇଛି । ରାଜ୍ୟ ସରକାରଙ୍କ ଅନ୍ୟୂନ ଶହେ ପଚିଶ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଲୋକ ବେକାର ହୋଇ ପଡ଼ିଥିବାର ମଜଦୁର ୟୁନିୟନ୍ ତରଫରୁ ଅଭିଯୋଗ କରାଯାଇଛି । ଅପରପକ୍ଷେ ରାୟଗଡ଼ା ଜେ.କେ. କାଗଜକଳ ଏବଂ ଜୟପୁର ସେବା କାଗଜକଳ ବାହାର ରାଜ୍ୟରୁ ଅଧିକା ଦାମ୍ ଦେଇ ବାଉଁଶ ଖରିଦ୍ କରୁଥିବାର ଜଣାଯାଇଛି । ୟୁନିୟନ୍ ତରଫରୁ ଆହୁରି ଅଭିଯୋଗ କରାଯାଇଛି ଯେ, ଜେ.କେ. କାଗଜକଳ ୧୯୯୨ ମସିହାରେ ୫୪ ହଜାର ମେଟ୍ରିକ୍ ଟନ୍ କଞ୍ଚାମାଲ୍ ବ୍ୟବହାର କରୁଥିବାବେଳେ ବର୍ତ୍ତମାନ ତାହା ପାଞ୍ଚଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । କୋରାପୁଟ ଜିଲ୍ଲାରେ ଥିବା ବାଉଁଶକୁ ସୁରକ୍ଷା ଦେଇ ତାହାର ସଦ୍‌ବିନିଯୋଗ କରାଯାଉନଥିବା କ୍ଷୋଭର ବିଷୟ ବୋଲି ସେମାନେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର କାଗଜକଳ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ଓଡ଼ିଶାର କଞ୍ଚାମାଲକୁ ଉପଯୁକ୍ତ ବିନିଯୋଗ କରି କାମଧନ୍ଦା ଯୋଗାଇ ନଦେଲେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ସରକାର ସେଥିପାଇଁ ଦାୟୀ ରହିବେ ବୋଲି ୟୁନିୟନ୍ ପକ୍ଷରୁ ଚେତାବନୀ ଦିଆଯାଇଛି ।

*ପ୍ରଜାତନ୍ତ୍ର: ତା- ୧୪/୦୭/୦୫*

## ବିଡ଼ି ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ଦେବାକୁ ଦାବି

ଭୁବନେଶ୍ୱର, ୧୭/୭ (ଇମିସ): ବିଡ଼ି ଶ୍ରମିକମାନଙ୍କୁ ସରକାରଙ୍କ ଧାର୍ଯ୍ୟ ସର୍ବ ନିମ୍ନ ମଜୁରୀ ଦେବାକୁ ଓଡ଼ିଶା ବିଡ଼ି ଶ୍ରମିକ ମହାସଂଘ ପକ୍ଷରୁ ଦାବି କରାଯାଇଛି । ବିଡ଼ି ଶ୍ରମିକମାନଙ୍କୁ ପ୍ରତି ଏକ ହଜାର ବିଡ଼ି ପାଇଁ ୪୫ ଟଙ୍କା ୨୦ ପଇସା ସହ ସେମାନଙ୍କୁ ଭବିଷ୍ୟନିଧି ପାଣ୍ଠି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ୍ୟ ଏହାକୁ ପାଳନ କରାଯାଉ ନାହିଁ । ମହାସଂଘ ପକ୍ଷରୁ ଗତ ୧୪ ତାରିଖରେ ଏ ସଂପର୍କରେ ଛ'ଘଣ୍ଟା ଧରି ଆଲୋଚନା ହୋଇଥିଲା । ଏଥିରେ ମହାସଂଘ ସଭାପତି ଯୋଗେନ୍ଦ୍ର ନାଥ ତ୍ରିପାଠୀ ଓ ହିନ୍ଦ ମଜଦୁର ସଭା ରାଜ୍ୟ ସଭାପତି ରାଜେନ୍ଦ୍ର ପ୍ରସାଦ ସିଂହ ଯୋଗ ଦେଇଥିଲେ । ରାଜ୍ୟରେ ସାତ ଲକ୍ଷ ବିଡ଼ି ଶ୍ରମିକମାନଙ୍କ ମଧ୍ୟରୁ ଏବେ କେବଳ ଏକ ଲକ୍ଷ ୭୬ ହଜାର ଶ୍ରମିକଙ୍କୁ ପରିଚୟ ପତ୍ର ଦିଆଯାଇଛି । ଧୂମ୍ରପାନ ବିରୋଧୀ ଆନ୍ଦୋଳନ ଯୋଗୁଁ ବିଡ଼ି ଓ କେନ୍ଦୁପତ୍ର ଶିଳ୍ପରେ ଦେଖାଦେଇଥିବା ସଂକଟଉପରେ ମହାସଂଘ ଉଦ୍‌ବେଗ ପ୍ରକାଶ କରିଥିଲେ । ବିଡ଼ି, ସିଗାରେଟ୍, ମଦ ଓ ଗଂଜେଇଠାରୁ କମ୍ କ୍ଷତିକାରକ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ଉତ୍କଳମଣି ଶତପଥୀ ଓ ବିନୋଦ ପ୍ରଧାନଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

*ସମ୍ବାଦ:ତା୧୮.୭.୨୦୦୫*

## ପହିଲାରୁ ବାଇଗବ ଓ କରଞ୍ଜ ମଞ୍ଜି କିଣା ହେବ

ବାଇଗବ ଓ କରଞ୍ଜମଞ୍ଜି କ୍ରୟ କରିବା ନିମନ୍ତେ ବନ ବିଭାଗ ତରଫରୁ ସଂପୂର୍ଣ୍ଣ ପ୍ରସ୍ତୁତି କରାଯାଇଅଛି । ପ୍ରାଥମିକ ସହକାରୀ ବନଜାତ ସଂସ୍ଥାମାନଙ୍କ ଦ୍ୱାରା ବିଭିନ୍ନ କେନ୍ଦ୍ରରେ ସହାୟକ ମୂଲ୍ୟ ଦେଇ ବାଇଗବ ଓ କରଞ୍ଜମଞ୍ଜି କ୍ରୟ କରାଯିବ । ଏହି କ୍ରୟ ନିମନ୍ତେ ସମିତିମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି ।

ଛତିଶଗଡ଼ ରାଜ୍ୟ ସରକାର ଅକ୍ଟୋବର ୧ ତାରିଖରୁ ପୂରା ରାଜ୍ୟରେ ବାଇଗବ ଓ କରଞ୍ଜମଞ୍ଜି କିଣିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ଏବଂ ଏଥି ନିମନ୍ତେ ସହାୟକ ମୂଲ୍ୟ ମଧ୍ୟ ପୋଷଣ କରି ସାରିଛନ୍ତି । ରାଜ୍ୟ ସାରା ବାଇଗବ ଓ କରଞ୍ଜ ମଞ୍ଜି ଅକ୍ଟୋବର ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ କିଣାଯିବ । ଏହି ନୂଆ ଉତ୍ପାଦନ ନିମନ୍ତେ କୌଣସି ଲକ୍ଷ୍ୟ ଧାର୍ଯ୍ୟ କରାଯାଇନାହିଁ । ଯେଉଁ ସମିତି ଯେତେ ମାତ୍ରାରେ ସମ୍ଭବ କିଣି ପାରିବେ ବୋଲି ସ୍ୱାଧିନତା ଦିଆଯାଇଛି । ଏହି ଦୁଇଟି ଦ୍ରବ୍ୟ କ୍ରମ ନିମନ୍ତେ ନିୟମ ଅନୁସାରେ ମଣ୍ଡି ଶୁଳ୍କ ଜିଲ୍ଲା ୟୁନିୟନ ଦ୍ୱାରା ମଣ୍ଡିରେ ଦାଖଲ କରିବାକୁ ହେବ । ଉପାର୍ଜିତ ମୂଲ୍ୟରେ ଏକ ପ୍ରତିଶତ ଅର୍ଥ ଛତିଶଗଡ଼ ରାଜ୍ୟ ଲଘୁ ବନୋପଜ ସଂଘକୁ ଦେବାକୁ ହେବ ଏବଂ ୨ ପ୍ରତିଶତ ଅର୍ଥ ପ୍ରାଥମିକ ଲଘୁ ବନଜାତ ସହକାରୀ ସମିତିମାନଙ୍କୁ କମିଶନ ଦିଆଯିବ । ଏହି ଅର୍ଥରେ ପ୍ରଶିକ୍ଷଣ, କ୍ରୟ, ପରିବହନ ଓ ଗୋଦାମକରଣ ଆଦି କାର୍ଯ୍ୟ କରାଯାଇପାରେ ।

ବର୍ତ୍ତମାନ କେବଳ ମଞ୍ଜି କିଣିବା କାର୍ଯ୍ୟ ଆରମ୍ଭ କରିବାକୁ ହେବ । ଯେଉଁ ବ୍ୟକ୍ତିଙ୍କଠାରୁ ମଞ୍ଜି କିଣାଯିବ ତାହାକୁ ସମିତି ପ୍ରବନ୍ଧକଙ୍କ ଦ୍ୱାରା ମଞ୍ଜି ମୂଲ୍ୟ ଦିଆଯିବ । ପ୍ରାଥମିକ ବନୋପଜ ସହକାରୀ ସମିତିଗୁଡ଼ିକ କେବଳ ସେମାନଙ୍କର କାର୍ଯ୍ୟ ସୀମା ପରିସରଭୁକ୍ତ ଅଞ୍ଚଳରେ ଥିବା କୃଷକ, ସଂଗ୍ରହକାରୀମାନଙ୍କଠାରୁ ବାଇଗବ ଏବଂ କରଞ୍ଜ ମଞ୍ଜି ସଂଗ୍ରହ କରିବେ । ମଧ୍ୟସ୍ଥିମାନଙ୍କଠାରୁ କ୍ରୟ କରାଯିବ ନାହିଁ । ସମିତି ସ୍ତରରେ ଆୟ, ମଞ୍ଜିର ଗୁଣମାନ, ସଠିକ୍ ମୂଲ୍ୟ ଏବଂ ଠିକ୍ ଗୋଦାମକରଣକୁ ସୁନିଶ୍ଚିତ କରାଯିବା ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରା ଏକ ସମିତି ଗଠନ କରାଯିବ । ବାଇଗବ ଏବଂ କରଞ୍ଜ ମଞ୍ଜିର କ୍ରୟ ମୂଲ୍ୟ ୪୫୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

*ହରିଭୂମି:ତା୨୩/୯/୦୫*

# 'ସଦାବିହାରୀ'ର ଔଷଧୀୟ ଗୁଣ

'ସଦାବିହାରୀ' ଛୋଟ ଛୋଟ ଗଛ (ଗୁଳ୍ମ), ଭୂମି ଉପରୁ ପ୍ରାୟ ଦୁଇଫୁଟ ଉଚ୍ଚ ହୁଅନ୍ତି । ଏଗୁଡ଼ିକ ଘରେ କୁଣ୍ଡରେ ଓ ବଗିଚାରେ ମଧ୍ୟ ଲଗାଯାଇଥାଏ । ଏହାର ପତ୍ରଗୁଡ଼ିକ, କାଣ୍ଡ ସହିତ ଲାଗି ରହିଥାଏ । ପତ୍ରଗୁଡ଼ିକ ପ୍ରାୟ ତିନି ଇଞ୍ଚରୁ ପାଞ୍ଚ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ବିଶିଷ୍ଟ । ଏହାର ଫୁଲ ପାଞ୍ଚ ପାଖୁଡ଼ାଯୁକ୍ତ । ଫୁଲଗୁଡ଼ିକ ଧଳା ଓ ଗୋଲାପୀ, ଦୁଇ ପ୍ରକାରର । ଏହା ସୁଗନ୍ଧହୀନ । ବନସ୍ପତି ଶାସ୍ତ୍ର ଦୃଷ୍ଟିରୁ ଏହାର ସମାବେଶ ସର୍ପଗନ୍ଧା, କୁଡ଼ାଚୀର, କନିୟର ଆଦିଙ୍କ ବର୍ଗରେ କରାଯାଇ ପାରେ । ଏହାର ଏକ ତିକ୍ତ ଗନ୍ଧଥାଏ, ଯା'ଫଳରେ ଏହାକୁ ପଶୁପକ୍ଷୀ ବି ଖାଆନ୍ତି ନାହିଁ । ଭାରତରେ ସର୍ବତ୍ର ଏହି ବନସ୍ପତି ସଦାବିହାରୀ, ସଦାପୁଷ୍ପ ନାମରେ ଚିହ୍ନିତ । ଏହା ସବୁ ଋତୁରେ ଉପଲବ୍‌ଧ ହୋଇଥାଏ । ମରାଠୀରେ 'ସଦାଫୁଲୀ', ଗୁଜୁରାଟୀରେ 'ବାରହମାସୀ', ପଞ୍ଜାବୀରେ 'ରତନଯୋଗ' ଏବଂ ବଙ୍ଗଳାରେ ଏହାକୁ ନୟନତାରା, ହିନ୍ଦୀରେ 'ସହାବାହାର' କହନ୍ତି । ବନସ୍ପତି ଶାସ୍ତ୍ରରେ 'ବିଙ୍କାରୋଜିୟା' ନାମରେ ଚିହ୍ନିତ ଏହି ବନସ୍ପତିର ବିଶେଷ ମହତ୍ତ୍ୱ ରହିଛି ।

ଆୟୁର୍ବେଦରେ ଏକ କଥା ଅଛି, ବିଷକୁ ବିଷ କାଟେ । ଏଣୁ ସହାବିହାରୀରେ ଥିବା ସୂକ୍ଷ୍ମ ବିଷ କର୍କଟରୋଗ (କ୍ୟାନସର୍)ରେ ବିଷ ନଟ୍ଟେ କରିବା ନିମନ୍ତେ ଲାଭପ୍ରଦ ସାବ୍ୟସ୍ତ ହୋଇଛି । କ୍ୟାନସର୍ ରୋଗରେ ଶରୀର ପ୍ରବାହିତ ରକ୍ତକୁ ଦୂଷିତ କରିଥାଏ । ଫଳରେ ଶରୀରାର ଏକ ପ୍ରକାର ଗଣ୍ଠି ଜାତ କରାଇଥାଏ । ଏହି କ୍ଷେତ୍ରରେ ସଦାବିହାରୀର ପ୍ରୟୋଗ କଲ୍ୟାଣକର ସମାବ୍ୟସ୍ତ ହେବ ।

ସଦାବିହାରୀ ବନସ୍ପତିର ଗୁଣଧର୍ମ ବିଚାର କଲେ, ଏହା ସ୍ୱାଦରେ କଡୁଆ ବା ପିତା ହେବା ଯୋଗୁଁ ବାୟୁ ଓ ଅଗ୍ନି ପ୍ରଧାନ । ତେଣୁ ଏହା ବାୟୁ ଓ ପିତ୍ତ ବୃଦ୍ଧି କରାଏ । ଏଥିପାଇଁ ଏହା ପାଚକାଗ୍ନି ପ୍ରଦୀପକ ଅଟେ । ସ୍ୱାଦ ପିତା ହେବାଯୋଗୁଁ ପଶୁପକ୍ଷୀ ଏହାକୁ ଖାଆନ୍ତି ନାହିଁ । ରୋଗ ଦୃଷ୍ଟିରୁ ବିଚାର କଲେ ଏହା କୃମିନାଶକ । କୁଣ୍ଡିଆ ଏବଂ କଫରୋଗ ନଷ୍ଟ କରିବାରେ ବି ସାହାଯ୍ୟ କରେ । କଟୁ ସ୍ୱାଦଯୋଗୁଁ ଏହା ମଧୁମେହ ରୋଗ (ଡ଼ାଇବେଟିସ୍) ନଷ୍ଟ କରିବାରେ ସଫଳ ହୁଏ । ଏହାର ପତ୍ର ଶୁଖାଇ ଚୂର୍ଣ୍ଣ କରି ଏକ ଗ୍ରାମ ମାତ୍ରାରେ ଦିନକୁ ଦୁଇଥର ପାଣି ସହ ସେବନ କରିବା ଉଚିତ୍ । ଏହାର ଚେର ଶାମକ ହେବା ଯୋଗୁଁ କେନ୍ଦ୍ରୀୟ ନାଡ଼ୀ ତନ୍ତ୍ରକୁ ଶାନ୍ତ କରେ । ତା'ଫଳରେ ଶରୀରରେ ଉତ୍ପନ୍ନ ବିଭିନ୍ନ ପୀଡ଼ାମାନଙ୍କୁ ଶାନ୍ତ କରିବାରେ ସହାୟକ ହୋଇପାରେ । ପୁନଶ୍ଚ ଏହି ଔଷଧ ତୀକ୍ଷ୍ଣ ହେବା ଯୋଗୁଁ ଶରୀର ମଧ୍ୟସ୍ଥ ବିକାରକୁ ଶୁଦ୍ଧିକରେ । ଯେତେବେଳେ କୌଣସି କାରଣରୁ ଶରୀର ଭିତରେ ଓ ବାହାରେ ରକ୍ତରୋଧ ହୋଇଯାଏ, ସେତେବେଳେ ତାହାକୁ ଛିନ୍ନଭିନ୍ନ କରିବା ଲାଗି ବି ଏହା ଉପଯୋଗୀ । ସୁତରାଂ ସାଧାରଣ ଫୁଲା, ଜୀବଜନ୍ତୁ କାମୁଡ଼ା ଦ୍ୱାରା ହୋଇଥିବା ଚିହ୍ନ ଓ ଫୁଲା ବା ଆବୁଭଳି ଗଣ୍ଠି ହେବା ସ୍ଥିତିରେ ସଦାବିହାରୀ ପତ୍ର ବା ଚେର ଜଳରେ ବାଟି ଗରମ କରି ଲେପ ଦେବା ଉଚିତ୍ । ତା'ଦ୍ୱାରା ଏହା ଉପଶମ ହୋଇଥାଏ । ମହୁମାଛି, ବିରୁଡ଼ି ଆଦି ବିଷାକ୍ତ କୀଟ ଦଂଶନ ଦ୍ୱାରା ଦେହର କୌଣସି ଭାଗରେ ଫୁଲା ହେଲେ, ଏହାର ପତ୍ର ବାଟି ଲଗାଇବା ଦ୍ୱାରା ଫୁଲା ଦୂର ହୋଇଥାଏ । ଏହାକୁ ବିଭିନ୍ନ ପ୍ରକାରର ଆବୁ (ଗଣ୍ଠି)ରେ ଲେପ କରିବା ଦ୍ୱାରା ଲାଭ ହୋଇଥାଏ । ଯେପରି ମୋତିହାରୀ ପତ୍ର, ଭାଙ୍ଗ, ଧାତୁରା ଏବଂ ଅରଖ ମଧ୍ୟରେ ସୂକ୍ଷ୍ମ ବିଷ ରହିଥାଏ, ସେହିପରି ଏହା ଭିତରେ ସୂକ୍ଷ୍ମ ଅଂଶ ଥାଏ, ଯାହା କି ବିଷନଷ୍ଟ କରିବାରେ ସାହାଯ୍ୟ କରେ ।

ଆୟୁର୍ବେଦର ବିଷସ୍ୟ ବିଷମୌଷଧିମ୍ ସିଦ୍ଧାନ୍ତ ଅନୁସାରେ କ୍ୟାନସର ରୋଗର ବିଷ ନଷ୍ଟ କରିବା ପାଇଁ ଏହାର ପ୍ରୟୋଗ ଲାଭଦାୟୀ ପ୍ରମାଣିତ ହୋଇଛି । ଅବସାଦକ ଗୁଣ ଯୋଗୁଁ ବିଭିନ୍ନ ପୀଡ଼ାମାନଙ୍କୁ ନଷ୍ଟ କରିବାରେ ଏହା ସହାୟକ । କ୍ୟାନସର ରୋଗ ସମ୍ବନ୍ଧରେ, କଥିତଯେ, ଏ ରୋଗ ଶରୀରରେ ରକ୍ତ ଦୂଷିତ କରି ସ୍ରୋତ ଗୁଡ଼ିକୁ ଅବରୋଧ କରାଏ । ତେଣୁ ବିଭିନ୍ନ ପ୍ରକାରର କର୍କଟ-ଗୁଳ୍ମ (ଗଣ୍ଠି) ଜନ୍ମ ହୁଏ । ଏହି ରୋଗ ରକ୍ତରେ ଆଶ୍ରିତ ହେଲେ ରକ୍ତର କୃମି ଦୋଷ ବ୍ଲଡ- କ୍ୟାନସର ରୋଗ ଜାତ କରାଏ । ଅତଃ ଏଭଳି ସ୍ଥିତିରେ ସଦାବିହାରୀ ବହୁତ ହିତକାରୀ ପ୍ରଭାବ ମିଳି ପାରେ । ଚିକିତ୍ସକ ଓ ରୋଗୀମାନେ ଏଥିପ୍ରତି ଧ୍ୟାନ ଦେବା କଲ୍ୟାଣକର ହେବ ।

ଏଥି ନିମନ୍ତେ ଅଧିକ ଗବେଷଣା ଜାରି ରହିଛି । କ୍ୟାନସର୍ ଭଳି ଦୁରାରୋଗ୍ୟ ବ୍ୟାଧିକବଳରୁ ରକ୍ଷା କରିବା ନିମନ୍ତେ ଉପଯୋଗୀ ସାବ୍ୟସ୍ତ ହେଲେ ଏହା ସମଗ୍ର ମାନବ ଜାତି ପାଇଁ ହିତକର ହେବ ଏଥିରେ ସନ୍ଦେହ ନାହିଁ ।

# ଜ୍ୱର ରୋଗର ଔଷଧ "ଗୁଳୁଚି"

"ଗୁଳୁଚି" ବଣ ଜଙ୍ଗଲ, ବାଡିବଗିଚାରେ ଆମ୍ବ, ତେନ୍ତୁଳି, ନିମ୍ବ ଆଦି ଗଛରେ ମାଡିଥିବା ଏକ ଲତା । ଏହି ଲତାରୁ ଛୋଟ ଛୋଟ ଚେର ବାହାରି ଝୁଲି ରହିଥାଏ । ଏହାକୁ ସାଧାରଣତଃ "କୋଇଲି ସୂତା" ଭାବେ ପରିଚିତ । ଏହାର ପତ୍ରଗୁଡ଼ିକ ଦେଖିବାକୁ ପାନପତ୍ର ପରି ଅଟେ । ଏହାର କାଣ୍ଡର ଉପରଚୋପା ଧୂସରବର୍ଣ୍ଣ କିମ୍ବା ହଳଦିଆ ଓ ଧଳାମିଶା ଅଟେ । ଏହି ଲତାର କାଣ୍ଡ, ପତ୍ର, ମୂଳ ଆଦି ସବୁ ଅଂଶର ଔଷଧୀୟ ଗୁଣ ରହିଛି । ବିଭିନ୍ନ ଆୟୁର୍ବେଦ ମତରେ ଗୁଳୁଚି ଲତାରେ ଜ୍ୱର ଉପଶମ କରିବାର କ୍ଷମତା ରହିଛି । ଏହାଛଡ଼ା ଏହାକୁ ସେବନ କଲେ ରକ୍ତ ସଫା ହୋଇଥାଏ ଓ ବୃଦ୍ଧି ମଧ୍ୟ ହୋଇଥାଏ । କୃମି ରୋଗର ନିଦାନ ନିମନ୍ତେ ଏହି ଲତା ଅତ୍ୟନ୍ତ ଉପକାରୀ ଅଟେ । ଏହାଛଡା ଦୁର୍ବଳତା ବିନାଶ, କୁଷ୍ଠ, ଅର୍ଶ, ମଧୁମେହ, ଚର୍ମରୋଗ ଆଦିରେ ଏହି ଲତାର ପ୍ରୟୋଗ ଅତ୍ୟନ୍ତ ଲାଭଦାୟୀ ବୋଲି ଆୟୁର୍ବେଦରେ ଉଲ୍ଲେଖ ଅଛି ।

- ଗୁଳୁଚିର ତାଜା ରସ ସହିତ ମହୁ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ସେବନ କଲେ ସମସ୍ତ ପ୍ରକାର ଜ୍ୱରରୋଗ ଉପଶମ ହୋଇଥାଏ ।
- ଅତି ପୁରାତନ ଜ୍ୱର, କଫ, ପ୍ଲୀହାବୃଦ୍ଧି ଏବଂ ଅରୁଚି ଦୂର କରିବା ନିମନ୍ତେ ଗୁଳୁଚି କାଣ୍ଡରୁ ପ୍ରସ୍ତୁତ କ୍ୱାଥ କିମ୍ବା ଗୁଳୁଚି ରସ ସହିତ ପିପ୍‌ପଳୀ ଓ ମହୁ ସେବନ କଲେ ଲାଭଦାୟକ ହୋଇଥାଏ ।
- ସନ୍ନିପାତ ଜ୍ୱର ନିବାରଣ ନିମନ୍ତେ ଦଶମୂଳ ସଙ୍ଗେ ଗୁଳୁଚି, ଶୁଣ୍ଠି, ଚିରେଇତା ଓ ମୁଥା ମିଶାଇ କ୍ୱାଥ ପ୍ରସ୍ତୁତ କରି ସେବନ କଲେ ଏହା ଫଳପ୍ରଦ ହୋଇଥାଏ ।
- ପିତ୍ତଜ୍ୱର ଉପଶମ ନିମନ୍ତେ ସମାନ ଭାଗରେ ଅଁଳା ଫଳ, ଘରପୋଡିଆ ଏବଂ ଗୁଳୁଚି କାଣ୍ଡ ମିଶାଇ କ୍ୱାଥ ପ୍ରସ୍ତୁତ କରି ସେବନ କରିବାକୁ ହୋଇଥାଏ ।
- ଦୁର୍ଲଭା, ଘରପୋଡିଆ, ପ୍ରିୟଙ୍ଗୁ, ଭୂଇଁନିମ୍ବ, କଟୁକି, ବାସଙ୍ଗଛେଲି, ଗୁଳୁଚିର ସମଭାଗ ମିଶାଇ କ୍ୱାଥକରି ସେବନ କଲେ ପିତ୍ତଜ୍ୱର ନିବାରଣ ହୋଇଥାଏ ।
- କଫଜନିତ ଜ୍ୱର ନିବାରଣ ନିମନ୍ତେ ଗୁଳୁଚିକାଣ୍ଡ ସହିତ, ନିମ୍ବ ଛାଲି, ଇନ୍ଦ୍ରଜବ, ପୋଟଳପତ୍ର, କଟୁକୀ, ଶୁଣ୍ଠି, ରକ୍ତଚନ୍ଦନ ଓ ମୁଥାକୁ ମିଶାଇ କ୍ୱାଥ ପ୍ରସ୍ତୁତ କରି ସେବନ କଲେ ସୁଫଳ ମିଳିଥାଏ ।
- ପାଳିଜ୍ୱର ଉପଶମ ନିମନ୍ତେ ବେଣାଚେର, ମୁଥାମୂଳ, ରକ୍ତଚନ୍ଦନ କାଠ, ଧନିଆ ଓ ଗୁଳୁଚିକାଣ୍ଡରୁ ସମପରିମାଣ ମିଶାଇ କ୍ୱାଥ ପ୍ରସ୍ତୁତ କରି ପ୍ରତ୍ୟହ ସେବନ କରିବାକୁ ହୋଇଥାଏ ।
- ଗୁଳୁଚି କାଣ୍ଡ, ଅଁଳା, ଅନନ୍ତମୂଳଚେର, ଶୁଣ୍ଠି, ଡାଳିମ୍ବ ମଞ୍ଜି, ଲୋଧ୍ରଛେଲି ଓ ଚନ୍ଦନକାଠକୁ ସମଭାଗରେ ନେଇ କ୍ୱାଥ ପ୍ରସ୍ତୁତ କରି ଏହାକୁ ଘିଅରେ ପାକ କରି ଦିନକୁ ଦୁଇଥର ସେବନ କଲେ ସନ୍ନିପାତ ଜ୍ୱର ଭଲ ହୋଇଥାଏ ।
- ସମାନ ପରିମାଣରେ ଗୁଳୁଚି, ନିମ୍ବଚେରଛେଲି ଓ ଅଁଳାକୁ ସିଝାଇ ସେହି କ୍ୱାଥରେ ମହୁମିଶାଇ ପ୍ରତିଦିନ ସକାଳୁ ଖାଲି ପେଟରେ ସେବନ କଲେ ମ୍ୟାଲେରିଆ ଜ୍ୱରରୁ ଉପଶମ ମିଳିଥାଏ ।
- ପୁରାତନ ଜ୍ୱର ରୋଗରୁ ଉପଶମ ନିମନ୍ତେ ତିନିଗ୍ରାମ ଜୁଆଣୀ ଓ ତିନି ଗ୍ରାମ ଗୁଳୁଚିକୁ ରାତିରେ ପାଣିରେ ଭିଜାଇ ସକାଳୁ ସେଥିରେ ସାମାନ୍ୟ ଲୁଣ ମିଶାଇ ସେବନ କଲେ ସୁଫଳ ମିଳିଥାଏ ।
- ଗୁଳୁଚି, ଧନିଆ, ନିମ୍ବଛେଲି, ରକ୍ତଚନ୍ଦନ କାଠ ଓ ପଦ୍ମକାଠରୁ ସମାନ ପରିମାଣର ସଂଗ୍ରହ କରି କ୍ୱାଥ ପ୍ରସ୍ତୁତ କଲାପରେ ପ୍ରତ୍ୟହ ସକାଳେ ସଂଧ୍ୟାରେ ସେବନ କଲେ ସମସ୍ତ ପ୍ରକାର ଜ୍ୱର ରୋକରୁ ଉପଶମ ମିଳିଥାଏ ।
- ବୃକକ୍‌ଜନିତ ରୋଗରୁ ଉପଶମ ନିମନ୍ତେ ପ୍ରତ୍ୟହ ଦୁଇଥର ଗୁଳୁଚିର ସ୍ୱରସ ପାନ କଲେ ସୁଫଳ ମିଳିଥାଏ । ଗୁଳୁଚିର କ୍ୱାଥ ଅଧକପ୍ ମାତ୍ରାରେ ପ୍ରସ୍ତୁତ କରି ଦିନକୁ ତିନିଥର ସେବନ କଲେ ଯକ୍ଷ୍ମା ଓ ଯକ୍ଷ୍ମାଜନିତ ଜ୍ୱର ଭଲ ହୋଇଥାଏ ।
- ମୂର୍ଚ୍ଛାରୋଗର ନିଦାନ ନିମନ୍ତେ ଗୁଳୁଚି ପତ୍ରରସ ଓ ମହୁକୁ ଏକତ୍ର ମିଶାଇ ନିୟମିତ ଭାବେ ଦୁଇମାସ ସେବନ କରିବାକୁ ହୋଇଥାଏ ।
- ଯକୃତ ପ୍ରଦାହରୋଗର ଉପଶମ ନିମନ୍ତେ ଗୁଳୁଚି ସତ୍ତ୍ୱ,ତ୍ରିଫଳାଚୂର୍ଣ୍ଣ ଓ ମହୁ ଖାଲି ପେଟରେ ଦିନକୁ ଥରେ ସେବନ କଲେ ସୁଫଳ ମିଳିଥାଏ ।
- କୁଷ୍ଠରୋଗରେ ଗୁଳୁଚିକାଣ୍ଡର ସ୍ୱରସ ଦିନକୁ ଦୁଇଥର ସେବନ କଲେ ଉପକାର ମିଳେ ।
- ଗୁଳୁଚି, ବାସଙ୍ଗ, ପୋଟଳପତ୍ର, ନିମ୍ବଛେଲି, ଅଁଳା, ହରିଡ଼ା, ବାହାଡ଼ା, ଖଇରକାଠ ଓ ସୁନାରୀ ଫଳର କ୍ୱାଥ ପ୍ରସ୍ତୁତ କରି ସେଥିରେ ଶୁଦ୍ଧ ଗୁଗ୍‌ଗୁଳ ମିଶାଇ ପାନ କଲେ କୁଷ୍ଠ ରୋଗରୁ ଉପଶମ ମିଳିଥାଏ ।
- କୁଷ୍ଠରୋଗୀର ରୋଗଗ୍ରସ୍ତଅଙ୍ଗରେ ସୁନାରୀପତ୍ର, ବାସଙ୍ଗପତ୍ର,ସାନଗ୍ଲକୁଣ୍ଡା ମଞ୍ଜି, କରଞ୍ଜମଞ୍ଜି, ଗୁଳୁଚିକାଣ୍ଡ, ମଦନଫଳ, ହଳଦୀ, ଦାରୁହଳଦୀଛେଲି ଓ ଡାଲଚିନିର ସମଭାଗ ମିଶ୍ରଣରେ ଆଖୁରସ ମିଶାଇ ଲଗାଇଲେ ଏହି ରୋଗ ଉପଶମ ହୋଇଥାଏ ।
- ଗୁଳୁଚିକାଣ୍ଡ ସହିତ ଅଁଳାରସ ଓ ହଳଦୀ ମିଶାଇ କ୍ୱାଥ ପ୍ରସ୍ତୁତ କରି ଭୋଜନ ପୂର୍ବରୁ ପ୍ରତିଦିନ ଦୁଇଥର ପାନ କଲେ ମଧୁମେହ ରୋଗରେ ବିଶେଷ ଉପକାର ମିଳିଥାଏ ।
- ସମାନ ଭାଗରେ ଗୁଳୁଚି କାଣ୍ଡ, ଶୁଦ୍ଧ ଗୁଗୁଳ, ନିମ୍ବ ଛେଲି, ହଳଦୀ, ଖଇର କାଠ ଓ ଅଁଳା ନେଇ ସେଥିରୁ କ୍ୱାଥ ପ୍ରସ୍ତୁତ

କରି ପ୍ରତିଦିନ ଦୁଇଥର ସେବନ କଲେ ଚର୍ମଦାଗ, କଣ୍ଡୁ ଇତ୍ୟାଦି ଉପଶମ ହୋଇଥାଏ ।

- ଗୁଳୁଚି ରସରେ ପାଷଣାଭେଦୀ ଚୂନା ମିଶାଇ ମହୁ କିମ୍ବା କ୍ଷୀର ଓ ଚିନି ସହିତ ପ୍ରତିଦିନ ତିନି ଥର ସେବନ କଲେ ପ୍ରମେହ ଦୂର ହୋଇଥାଏ ।
- ଗୁଳୁଚି ପତ୍ରକୁ ଭଲ ଭାବରେ ବାଟି ସେହି ବଟାକୁ ଘୋଳ ଦହି ସହିତ ସେବନ କଲେ କାମଳ ରୋଗରେ ଉପକାର ମିଳିଥାଏ । ଗୁଳୁଚି କାଣ୍ଡର ଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ସମାନ ପରିମାଣରେ ମିଶାଇ ସକାଳେ ଓ ସଂଧ୍ୟାରେ ଉଷୁମ ପାଣିରେ ୨୧ ଦିନ ଖାଇଲେ କାମଳ ରୋଗ ଭଲ ହୋଇଥାଏ ।
- ଗୁଳୁଚି କାଣ୍ଡକୁ ଭଲ ଭାବରେ ବାଟି ଏକ ମାଟି ହାଣ୍ଡିରେ ଲେପ ଦେଇ ଶୁଖାଇ ସେହି ପାତ୍ରରେ ଦହି ପ୍ରସ୍ତୁତ କରି, ସେହି ଦହିରୁ ଚହ୍ଲା ପ୍ରସ୍ତୁତ କରି ସେବନ କଲେ ଅର୍ଶ ରୋଗ ଭଲ ହୋଇଥାଏ ।
- ଗୁଳୁଚି ଚୂର୍ଣ୍ଣ ଗରମ ପାଣି ସହିତ ଖାଇଲେ ଶୂଳା ଝାଡା ଭଲ ହୁଏ ।
- ଜଷ୍ଟିମଧୁ, କୃଷ୍ଣପର୍ଣ୍ଣୀ, ଅକାନବିନ୍ଧି, ଗୁଳୁଚି, ଲାଜକୁଳୀ, ଧାତୁକୀ, ଶିମିଳି ଅଠା, ଲୋଧଅଠା, ପିୟଙ୍ଗୁ ଓ କାଫଡ–ଏହି ଦଶ ଦ୍ରବ୍ୟକୁ ବଟୁରାଇ ସେଇ ଜଳ ପିଇଲେ ଭାଙ୍ଗିଥିବା ହାଡ ଯୋଡି ହୋଇଯାଏ । ସମପରିମାଣ ଗୁଳୁଚି କାଣ୍ଡ, ଶତାବରୀ ମୂଳ, ପୋଟଳ ପତ୍ର, ନିମ୍ବଛାଲି ଓ ରକ୍ତ ଚନ୍ଦନ କାଠକୁ କ୍ୱାଥ ପ୍ରସ୍ତୁତ କରି ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ପ୍ରତ୍ୟେହ ଦୁଇଥର ଲେଖାଏଁ ସେବନ କଲେ ସ୍ତନ୍ୟଦୋଷ ଦୂର ହୋଇଥାଏ ।
- ସମଭାଗ ଗୁଳୁଚିକାଣ୍ଡ, ବାସଙ୍ଗମୂଳ, ହଳଦୀ ଓ ଭେଜିବାଇଗଣ ଫଳକୁ କ୍ୱାଥ ପ୍ରସ୍ତୁତ କରି ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ଏକ ଗ୍ରାମ ଗୋଲମରିଚ ଚୂର୍ଣ୍ଣ ସହିତ ପ୍ରତ୍ୟେହ ଦୁଇଥର ଲେଖାଏଁ ସେବନ କଲେ ଶ୍ୱାସରୋଗ ଉପଶମହୁଏ ।
- ଗୁଳୁଚି କାଣ୍ଡକୁ ପରିଷ୍କାର କରି ଧୋଇ, ଛେଚି, କଳ୍କ ପ୍ରସ୍ତୁତ କରି ଦଶତୋଳା କଳ୍କ ଓ ଦଶତୋଳା ଅନନ୍ତମୂଳ ଚୂର୍ଣ୍ଣକୁ ଗୋଟିଏ ପାତ୍ରରେ ନିଆଁରେ ଫୁଟୁଥିବା ଏକଶହ ତୋଳା ପାଣିରେ ପକାଇ ସେହି ପାତ୍ରକୁ ଦୁଇଘଣ୍ଟା ପର୍ଯ୍ୟନ୍ତ ବନ୍ଦରଖି ଦିଆଯାଏ । ତାପରେ ତାକୁ ମକଚି ଛାଣି ଦିଆଯାଏ । ଏହି ପାଚନକୁ ପାଞ୍ଚରୁ ଦଶତୋଳା ମାତ୍ରାରେ ପ୍ରତ୍ୟେହ ତିନିଥର ଲେଖାଏଁ ସେବନ କଲେ ରୋଗ ନିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।
- ଗୁଡ଼ ଦଶତୋଳା ଓ ଘିଅ ଷୋହଳ ତୋଳାକୁ ଗୁରସନି ତିଆରି କରି ସେଥିରେ ଗୁଳୁଚି ଚୂର୍ଣ୍ଣ ଦଶତୋଳା ଓ ମହୁ ଦଶତୋଳା ପକାଇ ଛୋଟ ଛୋଟ ବଟିକା କରି ଗୋଟିଏ ଲେଖାଏଁ ବଟିକା ପ୍ରତ୍ୟେହ ସେବନ କରି ମିତାହାର କଲେ ରୋଗ ନିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।
- ଗୁଳୁଚି ପତ୍ରର ତାଜାରସ ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ପାଞ୍ଚରୁ ଦଶ ଗ୍ରାମ ଶର୍କରା ସହିତ ପ୍ରତ୍ୟେହ ଦୁଇଥର ଲେଖାଏଁ ସେବନ କଲେ ରକ୍ତ ପ୍ରଦର ରୋଗ ଉପଶମ ହୋଇଥାଏ ।
- ଗୁଳୁଚି ପତ୍ର ଓ କାଣ୍ଡର ଶୀତ କଷାୟ ଏକ କପ୍ ମାତ୍ରାରେ ପ୍ରତ୍ୟେହ ଦୁଇଥର ଲେଖାଏଁ ସେବନ କଲେ ଯକୃତ୍ ପ୍ରଦାହ ଉପଶମ ହୁଏ ।
- ସମପରିମାଣ ଗୁଳୁଚି ରସ ଓ ଲେମ୍ବୁରସ ମିଶାଇ ମୁହଁରେ ପ୍ରତ୍ୟେହ ଲଗାଇଲେ ମୁହଁର ବ୍ରଣ ନାଶ ହୋଇଥାଏ ।
- ଗୁଳୁଚିକାଣ୍ଡ ସ୍ୱରସ ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ପ୍ରତ୍ୟେହ ଦୁଇଥର ଲେଖାଏଁ ସେବନ କଲେ ବୃକକ୍ ରୋଗରେ ବିଶେଷ ଉପକାର ମିଳିଥାଏ ।
- ଗୁଳୁଚିକାଣ୍ଡକୁ କ୍ୱାଥ ପ୍ରସ୍ତୁତ କରି ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ଶୁଦ୍ଧ ଗୁଗୁଳ ଦୁଇରୁ ଚାରି ଗ୍ରାମ ସହିତ ପ୍ରତ୍ୟହ ତିନିଥର ଲେଖାଏଁ ସେବନ କଲେ ବାତରକ୍ତ ଉପଶମ ହୋଇଥାଏ ।
- ସମପରିମାଣ ଗୁଳୁଚିକାଣ୍ଡ, ଭାରଙ୍ଗୀମୂଳ, ତାଳମୂଳୀ କନ୍ଦା, କଟୁକୀକନ୍ଦା, ଫଣାଫଣା ଛାଲି, ବେଲ ଛାଲି, ଅଗୁରୁ, ପୋଟଳପତ୍ର ଓ ଏକ ଅଷ୍ଟମାଂଶ ଗୋରୁଚନା ମିଶାଇ ଚିକ୍କଣ କରି ବାଟି ଲେପ ପ୍ରସ୍ତୁତ କରି ପ୍ଲେଗ ରୋଗ ଜନିତ ଶୋଥଯୁକ୍ତ ଗ୍ରନ୍ଥିରେ ପ୍ରଲେପ ଦେଲେ ବିଶେଷ ଉପକାର ମିଳିଥାଏ ।
- ସମପରିମାଣ ଗୁଳୁଚିକାଣ୍ଡ, ତ୍ରିଫଳା, କଟୁକୀମୂଳ, ଶତାବରୀ ଚେର, ପୋଟଳପତ୍ର ଓ ପର୍ପଟ ପଞ୍ଚାଙ୍ଗକୁ କ୍ୱାଥ ପ୍ରସ୍ତୁତ କରି ଚଉଦରୁ ଅଠେଇଶ ମି.ଲି. ମାତ୍ରାରେ ପ୍ରତ୍ୟହ ଦୁଇଥର ଲେଖାଏଁ ସେବନ କଲେ ପାରଦ ବିଷ ଜନିତ ବିକାର ପ୍ରଶମିତ ହୁଏ ।
- ଗୁଳୁଚିକାଣ୍ଡକୁ କ୍ୱାଥ ପ୍ରସ୍ତୁତ କରି ତିରିଶ ମି.ଲି. କିମ୍ବା କାଣ୍ଡ ସ୍ୱରସ ପାଞ୍ଚ ମି.ଲି. ମାତ୍ରାରେ ପ୍ରତ୍ୟହ ତିନିଥର ଲେଖାଏଁ ;ସବନ କଲେ ପରିସ୍ରା ଜ୍ୱାଳା ପ୍ରଶମିତ ହୋଇଥାଏ ।
- ଗୁଳୁଚିକାଣ୍ଡର ତାଜା ସ୍ୱରସ ବାର ଗ୍ରାମରେ ଏକ ଗ୍ରାମ ମହୁ ଏବଂ ଏକ ଗ୍ରାମ ସୈନ୍ଧବ ଲବଣ ପକାଇ ଭଲ ଭାବରେ ମିଶାଇ ନିୟମିତ ଭାବରେ ପ୍ରତ୍ୟହ ଦୁଇରୁ ଚାରି ବୁନ୍ଦା ଲେଖାଏଁ ଆଖିରେ ପକାଇଲେ ଅନ୍ଧତ୍ୱ, ନେତ୍ରକଣ୍ଡୁ, ମୋତିଆବିନ୍ଦୁ ଇତ୍ୟାଦି ଚକ୍ଷୁ ରୋଗରେ ବିଶେଷ ଉପକାର ମିଳିଥାଏ ।
- ସମପରିମାଣ ଗୁଳୁଚିକାଣ୍ଡ, ନିମ୍ବଛେଲି, ଅତୁସୀ, ଧନିଆଁ, ଶୁଣ୍ଠି, ବେଲଫଳମଞ୍ଜା, ମୁଥା, ନେତ୍ରବାଳା, ଅକାନବିନ୍ଧୀ, ଚିରେଇତା, କୁରେଛାଲି, ରକ୍ତଚନ୍ଦନ, ବେଣଶଚେର ଓ ପଦ୍ମକାଠକୁ କ୍ୱାଥ ପ୍ରସ୍ତୁତ କରି ପ୍ରତ୍ୟହ ସେବନ କଲେ ଜ୍ୱରାତିସାର ରୋଗ ଉପଶମ ହେବା ସଙ୍ଗେ ସଙ୍ଗେ ଅରୁଚି, ବାନ୍ତି ଇତ୍ୟାଦି ମଧ୍ୟ ପ୍ରଶମିତ ହୁଏ ।

◙

# ନୂଆପଡ଼ା ଜିଲ୍ଲାରେ ପଞ୍ଚାୟତ ସମିତି ସ୍ତରୀୟ ବନଜାତ ଦ୍ରବ୍ୟର ସର୍ବନିମ୍ନ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ

(କ୍ୱିଣ୍ଟାଲ ପ୍ରତି ଦର ଟଙ୍କାରେ)

| କ୍ର.ନଂ | ଲଘୁବନଜାତ ଦ୍ରବ୍ୟ | ଖରିଆର | ବୋଡେନ | ନୂଆପଡ଼ା | କୋମନା |
|---|---|---|---|---|---|
| ୧ | ତେନ୍ତୁଳି | ୫୦୦ | ୩୦୦ | ୬୦୦ | ୬୦୦ |
| ୨ | ମଞ୍ଜି ନଥିବାତେନ୍ତୁଳି | ୨୦୦୦ | -- | ୧୫୦୦ | ୧୦୭୦ |
| ୩ | ମଞ୍ଜି ଛଡ଼ା ତେନ୍ତୁଳି (ସ୍ୱତନ୍ତ୍ର) | ୧୮୦୦ | -- | -- | ୧୮୦୦ |
| ୪ | ତେନ୍ତୁଳି ମଞ୍ଜି | ୩୦୦ | -- | ୩୦୦ | ୩୦୦ |
| ୫. | ବାଡୁଣ | ୧୦୦୦ | -- | -- | ୧୦୫୦ |
| ୬. | କୋଚିଲା | ୬୦୦ | -- | ୫୫୦ | ୬୫୦ |
| ୭. | ସିଆଳି ପତ୍ର | ୭୦୦ | ୭୦୦ | ୬୫୦ | ୬୫୦ |
| ୮. | ହରିଡ଼ା | ୪୦୦ | ୧୦୦୦ | ୪୦୦ | ୫୫୦ |
| ୯. | ବାହାଡ଼ା | ୩୦୦ | ୩୦୦ | ୨୦୦ | ୩୫୦ |
| ୧୦. | ଅଁଳା (କଞ୍ଚା) | -- | ୫୦୦ | ୩୦୦ | ୬୫୦ |
| ୧୧. | ଅଁଳା (ଶୁଖିଲା) | ୫୦୦ | ୧୦୦୦ | ୯୫୦ | ୧୦୫୦ |
| ୧୨. | ଧୋବିନଟ | ୬୫୦ | -- | ୬୫୦ | ୬୫୦ |
| ୧୩. | ରିଠା | ୬୦୦ | -- | ୩୦୦ | ୬୫୦ |
| ୧୪. | ଲାଖ | -- | -- | -- | ୨୭୦୦ |
| ୧୫. | ମହୁ | ୬୦୦୦ | -- | ୬୦୦୦ | ୭୦୫୦ |
| ୧୬. | କଣ୍ଟାଝାଡୁ | ୫୦୦ | -- | ୪୫୦ | ୬୦୦ |
| ୧୭. | କାଠଲଇ | -- | -- | ୩୦୦ | ୬୦୦ |
| ୧୮. | ସବାଇଘାସ | -- | -- | ୫୦୦ | ୭୦୦ |
| ୧୯. | ଛତୁ (ଶୁଖିଲା) | -- | -- | ୪୦୦ | ୪୫୦ |
| ୨୦. | ଖଜୁରୀ ପଟି (ପତ୍ର) | -- | -- | ୩୫୦ | ୧୦ |
| ୨୧. | ଅତଣ୍ଡି ଫଳ | -- | -- | ୩୦୦ | ୫୦ |
| ୨୨. | ଫେଣ ଫେଣ ଫଳ | ୩୦୦ | -- | ୩୦୦ | ୩୫୦ |
| ୨୩. | ଜଙ୍ଗଲ ବେଲ | ୫୦୦ | -- | ୩୦୦ | ୬୫୦ |
| ୨୪. | ଛାଞ୍ଚୁଣି ଘାସ | ୩୦୦ | -- | ୩୫୦ | ୩୫୦ |
| ୨୫. | ଅଣ୍ଟିଆ ସୁଇ | ୫୦୦ | -- | ୪୦୦ | ୩୫୦ |
| ୨୬. | ଧାତୁଣ୍ଡି ଫଳ (ଶୁଖିଲା) | ୬୦୦ | -- | ୬୦୦ | ୬୭୫ |
| ୨୭. | ପାଲୁଅ (Grade- I) | ୬୦୦୦ | -- | ୭୦୦୦ | ୭୦୦୦ |
| ୨୮. | ପାଲୁଅ (Grade- II) | ୫୦୦୦ | -- | ୬୦୦୦ | ୬୦୦୦ |
| ୨୯. | ରିଠା ଫଳ | ୯୦୦ | -- | ୩୦୦ | ୯୨୦ |
| ୩୦. | ଏକଶିରା ଫଳ | ୨୫୦ | -- | ୩୦୦ | ୩୨୦ |
| ୩୧. | ଶିମିଳି ତୁଳା | ୩୦୦୦ | -- | ୩୫୦୦ | ୩୦୦୦ |
| ୩୨. | ଭୂଇଁ ଲିମ୍ବ | ୪୫୦ | -- | ୩୦୦ | ୬୦୦ |
| ୩୩. | ନାଗେଶ୍ୱର ଫଳ | ୧୫୦୦ | -- | ୧୮୦୦ | ୧୫୫୦ |
| ୩୪. | ମାକର କେନ୍ଦୁ | ୩୦୦ | -- | ୪୦୦ | ୩୦୦ |
| ୩୫. | ମହମ (ମହୁଫେଣ) | ୫୦୦୦ | -- | ୫୦୦୦ | ୫୫୦୦ |
| ୩୬. | ହଂସ ଲତା | ୧୨୦୦ | -- | ୩୦୦ | ୧୨୫୦ |

| | | | | | |
|---|---|---|---|---|---|
| ୩୭. | ଖରି ଘାସ | ୨୦୦ | -- | ୩୦୦ | ୨୦୦ |
| ୩୮. | ମସିଣା (ପେନାର ପ୍ରତି) | -- | -- | ୨୦୦ | ୨୦୦ |
| ୩୯. | କୁସୁମ ମଞ୍ଜି | ୫୦୦ | -- | ୫୫୦ | ୬୫୦ |
| ୪୦. | କରଞ୍ଜ ମଞ୍ଜି | ୭୦୦ | -- | ୬୫୦ | ୬୫୦ |
| ୪୧. | ଲିମ୍ବ ମଞ୍ଜି | ୭୦୦ | ୬୦୦ | ୬୦୦ | ୫୫୦ |
| ୪୨. | ମହୁଲ ମଞ୍ଜି | ୧୦୦୦ | ୧୦୦୦ | -- | ୭୫୦ |
| ୪୩. | ପଲାଶ ମଞ୍ଜି | ୫୦୦ | -- | -- | ୬୦୦ |
| ୪୪. | ଗିଲ ମଞ୍ଜି | ୪୦୦ | -- | -- | ୪୫୦ |
| ୪୫. | ଗୁର ମଞ୍ଜି (Grade- I) | ୨୦୦୦ | ୫୦୦ | ୧୦୦୦୦ | ୧୧୦୫୦ |
| | (ଗ୍ଲେପା ସହ) | | | | |
| ୪୬. | ଗୁର ମଞ୍ଜି (Grade- II) | ୧୨,୦୦୦ | ୨୦,୦୦୦ | ୧୨୦୦୦ | ୧୩,୦୫୦ |
| ୪୭. | ତୁଳସୀ | ୪୦୦ | -- | ୪୦୦ | ୪୫୦ |
| ୪୮. | ବବୁଲ ମଞ୍ଜି | ୬୫୦ | ୫୦୦ | ୪୫୦ | ୫୫୦ |
| ୪୯. | ବନ ତୁଳସି | ୬୦୦ | ୫୦୦ | ୪୫୦ | ୩୫୦ |
| ୫୦. | ଶିକାକାଇ | ୧୫୦୦ | -- | ୧୫୦୦ | ୧୭୫୦ |
| ୫୧. | ଜଙ୍ଗଲ ଜଡ଼ା | ୫୦୦ | -- | ୫୦୦ | ୫୫୦ |
| ୫୨. | ଇନ୍ଦ୍ରଜବ ମଞ୍ଜି | ୧୦୦୦ | -- | ୧୧୦୦ | ୧୦୫୦ |
| ୫୩. | ବେଣାଚର | ୫୦୦ | -- | ୬୦୦ | ୬୫୦ |
| ୫୪. | ବଣ ହଳଦି | ୬୦୦ | -- | ୬୫୦ | ୬୫୦ |
| ୫୫. | ବଣ କେଲଥି | ୫୦୦ | -- | ୬୦୦ | ୬୫୦ |
| ୫୬. | ଗୁକୁଣ୍ଡା ମଞ୍ଜି | ୫୦୦ | ୬୦୦ | ୫୫୦ | ୫୫୦ |
| ୫୭. | ମାଖନ ମଞ୍ଜି | ୯୦୦ | -- | ୯୦୦ | ୯୦୦ |
| ୫୮. | ତାଳ ମାଖନ ମଞ୍ଜି | ୧୦୦୦ | -- | ୧୦୫୦ | ୧୧୦୦ |
| ୫୯. | ନାଗେଶ୍ୱର ମଞ୍ଜି | ୫୫୦ | -- | ୬୦୦ | ୫୦୦ |
| ୬୦. | ବାଇଡଙ୍ଗ ମଞ୍ଜି | ୫୦୦ | -- | ୫୫୦ | ୬୫୦ |
| ୬୧. | ଅନନ୍ତମୂଳ | ୮୦୦ | -- | ୮୦୦ | ୯୦୦ |
| ୬୨. | ପଲସା ମଞ୍ଜି | ୬୦୦ | -- | ୬୫୦ | ୬୫୦ |
| ୬୩. | କମଳା ମଞ୍ଜି | ୬୦୦ | -- | ୬୦୦ | ୬୫୦ |
| ୬୪. | ଲଣ୍ଡା ବଗୁଲୀ | ୫୦୦ | -- | ୫୦୦ | ୫୫୦ |
| ୬୫. | ବାଘନଖ୍ ମଞ୍ଜି | ୪୦୦ | -- | ୪୦୦ | ୫୫୦ |
| ୬୬. | ମହୁଲ ଫୁଲ | ୧୦୦୦ | ୧୨୦୦ | ୬୦୦ | ୭୫୦ |
| ୬୭. | ଆମ୍ବ ଟାକୁଆ | ୧୦୦ | ୨୦୦ | ୨୦୦ | ୨୦୦ |
| ୬୮. | ରୋହଣି ଫଳ | ୨୦୦ | -- | ୨୦୦ | ୨୫୦ |
| ୬୯. | ଭୁରସୁଙ୍ଗା ପତ୍ର | ୫୦୦ | -- | ୫୫୦ | ୬୦୦ |
| ୭୦. | ରସନା | ୫୦୦ | -- | ୬୦୦ | ୫୦୦ |
| ୭୧. | ସିତାଫଳ | ୩୦୦ | -- | ୩୦୦ | ୩୫୦ |
| ୭୨. | ପୁତ୍ରଣି | ୫୦୦ | -- | ୫୦୦ | ୫୦୦ |
| ୭୩. | ସତାବରି | -- | -- | ୨୨୦୦ | ୨୬୦୦ |

*ଉତ୍ସ : ପଞ୍ଚାୟତ ସମିତି ସୂତ୍ରରୁ*